## ମଡ୍ୟୁଲ୍ – ୩
## ଗଣତାନ୍ତ୍ରିକ ପ୍ରକ୍ରିୟା

୧୫. ସାମ୍ବିଧାନିକ ମୂଲ୍ୟବୋଧ ଓ ଭାରତର ରାଜନୈତିକ ପ୍ରକ୍ରିୟା

୧୬. ମୌଳିକ ଅଧିକାର ଓ କର୍ତ୍ତବ୍ୟ

୧୭. ଭାରତ-ଏକ ଜନମଙ୍ଗଳ ରାଷ୍ଟ୍ର

୧୮. ସ୍ଥାନୀୟ ଶାସନ ଓ କ୍ଷେତ୍ରୀୟ ଶାସନ ବ୍ୟବସ୍ଥା

୧୯. ରାଜ୍ୟସ୍ତରୀୟ ଶାସନ ବ୍ୟବସ୍ଥା

୨୦. କେନ୍ଦ୍ର ଶାସନ ବ୍ୟବସ୍ଥା

୨୧. ରାଜନୈତିକ ଦଳ ଓ ବିଭିନ୍ନ ଚାପସୃଷ୍ଟିକାରୀ ଗୋଷ୍ଠୀ

୨୨. ଗଣତାନ୍ତ୍ରିକ ପ୍ରକ୍ରିୟାରେ ଲୋକମାନଙ୍କ ଅଂଶଗ୍ରହଣ

# ୧୫

# ସାମ୍ବିଧାନିକ ବୈଶିଷ୍ଟ୍ୟ ଓ ଭାରତର ରାଜନୈତିକ ପଦ୍ଧତି

ମୋନା ଯେ କି ଶିଲଂର ଗୋଟିଏ ବିଦ୍ୟାଳୟରେ ୧୦ମ ଶ୍ରେଣୀର ଛାତ୍ରୀ, ସେ ତା ଶିକ୍ଷକଙ୍କୁ ଗୋଟିଏ ପ୍ରଶ୍ନ ପଚାରିଲା, ଯାହାକି ତା' ମନକୁ ବହୁଦିନରୁ ଆନ୍ଦୋଳିତ କରୁଥିଲା । ସେ କହିଲା, "ମହାଶୟ, ସମ୍ବାଦପତ୍ର ଓ ଦୂରଦର୍ଶନ ସମ୍ବାଦରେ ମୁଁ ବହୁବାର ଯୁକ୍ତରାଷ୍ଟ୍ର ଆମେରିକା (USA)ର ରାଷ୍ଟ୍ରପତିଙ୍କ ସମ୍ପର୍କରେ ଦେଖୁଛି କିନ୍ତୁ ଯୁକ୍ତରାଷ୍ଟ୍ରର ପ୍ରଧାନମନ୍ତ୍ରୀଙ୍କ ବିଷୟରେ ଆଦୌ ଲେଖାଯାଉନାହିଁ । କାହିଁକି ଏପରି ହେଉଛି ? ଶିକ୍ଷକ ଉତ୍ତର ଦେଲେ, "ତମେ ଠିକ୍ ଭାବରେ ପାର୍ଥକ୍ୟକୁ ଲକ୍ଷ୍ୟ କରିଛ । ଏହା ଏପରି ହେଉଛି କାରଣ ଯୁକ୍ତରାଷ୍ଟ୍ର ଆମେରିକା(USA)ର ସରକାର ତାଙ୍କ ସମ୍ବିଧାନ ଅନୁସାରେ ଗଠିତ, ଯେତେବେଳେ କି ଆମର ସରକାରୀ ବ୍ୟବସ୍ଥା ଆମ ସମ୍ବିଧାନ ଅନୁସାରେ ଗଠିତ । ଗୋଟିଏ ଦେଶର ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ସେ ଦେଶର ବିଭିନ୍ନ ଅନୁଷ୍ଠାନ ଓ କାର୍ଯ୍ୟାଳୟ ଗଠିତ ହୋଇଥାଏ ଓ କାର୍ଯ୍ୟକରେ । ପ୍ରକୃତପକ୍ଷେ ଗୋଟିଏ ଦେଶର ରାଜନୈତିକ ବ୍ୟବସ୍ଥାର ବିଭିନ୍ନ ଦିଗ ସମ୍ପର୍କରେ ସମ୍ବିଧାନରେ ସଂଜ୍ଞା ନିରୂପଣ କରାଯାଇଥାଏ ଏବଂ ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଟେ । ସମ୍ବିଧାନରେ ନିର୍ଦ୍ଦେଶିତ ବୈଶିଷ୍ଟ୍ୟକୁ ଭିତ୍ତିକରି ଦେଶର ରାଜନୈତିକ ବ୍ୟବସ୍ଥା ଗଠିତ ହୋଇଥାଏ । ଏହି ବୈଶିଷ୍ଟ୍ୟ ସରକାର ସହିତ ନାଗରିକ ଓ ସମାଜକୁ ମଧ୍ୟ ନିୟନ୍ତ୍ରିତ କରିଥାଏ । ମୋନା ଭଳି ତୁମ ମନରେ ମଧ୍ୟ ଭାରତର ସମ୍ବିଧାନ ଓ ତା'ର ରାଜନୈତିକ ବ୍ୟବସ୍ଥା ସମ୍ପର୍କରେ ପ୍ରଶ୍ନ ଉଠିପାରେ । ଯଥା ସମ୍ବିଧାନରେ ପ୍ରତିଫଳିତ ହେଉଥିବା ବୈଶିଷ୍ଟ୍ୟ ଗୁଡ଼ିକ କ'ଣ ? ଭାରତର ରାଜନୈତିକ ପଦ୍ଧତିର ପ୍ରକୃତି କ'ଣ ? ଭାରତକୁ କାହିଁକି ଏକ ସଂଘୀୟ ରାଷ୍ଟ୍ର କୁହାଯାଏ ? ଭାରତର ଶାସନ ବ୍ୟବସ୍ଥାକୁ ଏକ ସଂଘୀୟ ବ୍ୟବସ୍ଥା କୁହାଯାଏ କାହିଁକି ?ଏହାକୁ ଏକ ସଂସଦୀୟ ସରକାର ବୋଲି କୁହାଯାଏ, କାହିଁକି ? ଆମେମାନେ ଏହି ଅଧ୍ୟାୟରେ ଏସବୁ ବିଷୟରେ ଅଲୋଚନା କରିବା ।

## ଉଦ୍ଦେଶ୍ୟ

**ଏହିପାଠ ଅଧ୍ୟୟନ ପରେ ତୁମେ ସମର୍ଥ ହୋଇପାରିବ:**

- ସମ୍ବିଧାନ କିପରି ଏକ ମୌଳିକ ଆଇନର ଭିତ୍ତିଭୂମି ଏବଂ ଏକ ଜୀବନ୍ତ ଦସ୍ତାବିଜ ତାହା ବର୍ଣ୍ଣନା କରିବାକୁ
- ସମ୍ବିଧାନ ପ୍ରସ୍ତାବନାର ବିଶ୍ଳେଷଣ ଓ ଏଥିରେ ପ୍ରତିଫଳିତ ହୋଇଥିବା ମୁଖ୍ୟ ବୈଶିଷ୍ଟ୍ୟକୁ ଚିହ୍ନଟ କରିବାକୁ
- ମୌଳିକ ସାମ୍ବିଧାନିକ ବୈଶିଷ୍ଟ୍ୟ ଯାହା ଭାରତୀୟ ସମ୍ବିଧାନର ମୁଖ୍ୟ ଲକ୍ଷଣରେ ପରିବ୍ୟାପ୍ତତାକୁ ହୃଦୟଙ୍ଗମ କରିବାକୁ
- ଭାରତର ସଂଘୀୟ ବ୍ୟବସ୍ଥା ଓ ସଂସଦୀୟ ସରକାରର ପ୍ରକୃତିକୁ ପରୀକ୍ଷା ।

## ୧୫.୧ ଭାରତର ସମ୍ବିଧାନ

ଆମେ ବର୍ତ୍ତମାନ ଭାରତୀୟ ସମ୍ବିଧାନ ଉପରେ ଆଲୋଚନା ଆରମ୍ଭ କରିବା। କିନ୍ତୁ ତା ପୂର୍ବରୁ ଯେଉଁ ପ୍ରଶ୍ନର ଉତ୍ତର ପାଇବା ଆବଶ୍ୟକ, ତାହା ହେଉଛି, "ସମ୍ବିଧାନ" ଶବ୍ଦର ଅର୍ଥ କ'ଣ ?

### ୧୫.୧.୧ ସମ୍ବିଧାନର ଅର୍ଥ

ତୁମେ ବହୁବାର "ସମ୍ବିଧାନ" ଶବ୍ଦ ସମ୍ପର୍କରେ ଆସିଥିବ। ଏହା ବିଭିନ୍ନ ପ୍ରସଙ୍ଗରେ ଯଥା ରାଜ୍ୟ ଓ କେନ୍ଦ୍ରର ସମ୍ବିଧାନ, ସମାଜ କିମ୍ବା ସଂଘର ସମ୍ବିଧାନ, କ୍ରିଡ଼ା କ୍ଲବର ସମ୍ବିଧାନ, ବେସରକାରୀ ସଂସ୍ଥା (NGO)ର ସମ୍ବିଧାନ, ଗୋଟିଏ କାରଖାନାର ସମ୍ବିଧାନ ଓ ଏହିପରି ଅନେକ କିଛି। ସମସ୍ତ ପ୍ରସଙ୍ଗରେ ଏହି ଶବ୍ଦ କ'ଣ ସମାନ ଅର୍ଥ ପ୍ରକାଶ କରେ ? ନା, ଏହା ଠିକ୍ ସେପରି ନୁହେଁ। ସାଧାରଣ ଭାବରେ ଯେପରି ବ୍ୟବହାର କରାଯାଏ, ସମ୍ବିଧାନ ହେଉଛି କେତେକ ନିୟମର ସମାହାର, ସାଧାରଣତଃ ଲିପିବଦ୍ଧ ନିୟମ , ଯାହାକି ଗୋଟିଏ ସଂସ୍ଥା, ଅନୁଷ୍ଠାନ, କିମ୍ବା କମ୍ପାନୀର ଗଠନ ଓ କାର୍ଯ୍ୟର ସ୍ୱରୂପ ପ୍ରକାଶ ଓ ନିୟନ୍ତ୍ରଣ କରେ । କିନ୍ତୁ ଯେତେବେଳେ ଏହା ଗୋଟିଏ ରାଜ୍ୟ ବା ରାଷ୍ଟ୍ର ପ୍ରସଙ୍ଗରେ ବ୍ୟବହାର କରାଯାଏ, ସମ୍ବିଧାନ ଅର୍ଥ ହେଉଛି, ସମଷ୍ଟିଗତଭାବରେ କେତେକ ମୌଳିକନୀତି ନିୟମ, ମୌଳିକ ଆଇନ୍ ଓ ପ୍ରତିଷ୍ଠିତ ଉଦାହରଣ। ଏହା ରାଷ୍ଟ୍ରର ବିଭିନ୍ନ ଦିଗ ଓ ସରକାର ଅଧିନରେ ଥିବା ୩ଟି ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ- କାର୍ଯ୍ୟ ନିର୍ବାହୀ, ଆଇନ ପ୍ରଣୟନ ଓ ନ୍ୟାୟପାଳିକାର ଗଠନ, କ୍ଷମତା ଓ କାର୍ଯ୍ୟକୁ ସୂଚୀତ, ବ୍ୟାଖ୍ୟା ଓ ନିୟନ୍ତ୍ରୀତ କରେ। ଏହା ମଧ୍ୟ ନାଗରିକମାନଙ୍କୁ ଅଧିକାର ଓ ସ୍ୱାଧୀନତା ପ୍ରଦାନ କରେ ଓ ପ୍ରତ୍ୟେକ ନାଗରିକ, ରାଷ୍ଟ୍ର ଓ ସରକାର ମଧ୍ୟରେ ଥିବା ସମ୍ପର୍କକୁ ପ୍ରକାଶ କରିଥାଏ ।

ଗୋଟିଏ ସମ୍ବିଧାନ ଲିଖିତ ବା ଅଲିଖିତ ହୋଇପାରେ କିନ୍ତୁ ଏଥିରେ ରାଷ୍ଟ୍ରର ମୌଳିକ ଆଇନ ସନ୍ନିବେଶିତ ହୋଇଥାଏ। ଏହା ସର୍ବୋଚ୍ଚ ଓ ସର୍ବଶେଷ କ୍ଷମତାର ଅଧିକାରୀ। ଯଦି କୌଣସି ସିଦ୍ଧାନ୍ତ ବା କାର୍ଯ୍ୟ ଏହା ଅନୁସାରେ ହୋଇ ନଥାଏ, ତେବେ ତାହା ଅସାମ୍ବିଧାନିକ ଓ ଅନ୍ୟାୟ ଅଟେ। କ୍ଷମତାର ଦୁରୁପଯୋଗ ନହେବାପାଇଁ ସମ୍ବିଧାନରେ ସରକାରଙ୍କ କ୍ଷମତାକୁ ସଙ୍କୁଚିତ କରାଯାଇଛି। ମୋଟ ଉପରେ ଏହା ଅଚଳ ନୁହେଁ, ଏକ ସଚଳ ଦସ୍ତାବିଜ୍। କାରଣ ଏହାକୁ ସମୟୋପଯୋଗୀ କରିବାପାଇଁ ଆବଶ୍ୟକ ପଡ଼ିଲେ, ଏହାକୁ ସଂଶୋଧନ କରାଯାଇପାରେ। ଏହାର ନମନୀୟତା ଗୁଣ ଯୋଗୁଁ ଲୋକଙ୍କର ପରିବର୍ତ୍ତିତ ଅଭିଳାଷ, ସମୟର ଆବଶ୍ୟକତା, ଓ ସମାଜରେ ଘଟୁଥିବା ପରିବର୍ତ୍ତନ ଅନୁସାରେ ଏହାକୁ ପରିବର୍ତ୍ତନ କରାଯାଇପାରେ ।

### ତୁମେ ଜାଣ କି

ଅଧିକାଂଶ ଗଣତନ୍ତ୍ର ରାଷ୍ଟ୍ରରେ ସମ୍ବିଧାନ ସହିତ ଇଂଲଣ୍ଡର ସମ୍ବିଧାନ ସମାନନୁହେଁ। ଏହା ଏକ ଅଲିଖିତ ସମ୍ବିଧାନ କାରଣ ଏହାର ଅଧିକ ଭାଗ ଅଲିଖିତ। ଯୁକ୍ତରାଷ୍ଟ୍ର ଆମେରିକା (USA) ଓ ଭାରତ ଭଳି ଏହା ସଂପୂର୍ଣ୍ଣ ଭାବରେ ଗଠନ କରାଯାଇପାରି ନାହିଁ । ଯୁକ୍ତରାଷ୍ଟ୍ର ଆମେରିକା (USA) ଓ ଭାରତର ସମ୍ବିଧାନ ଲିଖିତ ସମ୍ବିଧାନ।

### ୧୫.୧.୨ ଭାରତୀୟ ସମ୍ବିଧାନ:

ତୁମେ ଭାରତର ସମ୍ବିଧାନର ଦସ୍ତାବିଜ୍ ଦେଖିଛକି ? ଚିତ୍ରରେ ପ୍ରଦର୍ଶିତ ତାର ମଲାଟ ପୃଷ୍ଠା ତୁମେ ଚିହ୍ନିପାରିବ କି ? ଯଦି ତୁମେ ଏହାକୁ ଦେଖିଥିବ ବା ଦେଖିବାର ସୁଯୋଗ ପାଇବ, ତୁମେ ନିଶ୍ଚିତ ଭାବରେ ଏକମତ ହେବଯେ, ଏହା ଏକ ଦୀର୍ଘ ଦସ୍ତାବିଜ । ପ୍ରକୃତ ପକ୍ଷେ ଭାରତୀୟ ସମ୍ବିଧାନ ସମସ୍ତ ଲିଖିତ ସମ୍ବିଧାନ ଠାରୁ ଦୀର୍ଘତମ । ଏହା ଗୋଟିଏ ପ୍ରତିନିଧି ମଣ୍ଡଳି ଦ୍ୱାରା ପ୍ରସ୍ତୁତ ହୋଇଛି, ଯାହା ସମ୍ବିଧାନ

ପ୍ରଣୟନ ସଭା ନାମରେ ପରିଚିତ। ଏହାର ଅଧିକାଂଶ ସଦସ୍ୟ ଗଭୀର ଭାବରେ ସ୍ୱାଧୀନତା ସଂଗ୍ରାମ ସହ ସମ୍ପୃକ୍ତ । ସମ୍ମାନର ସହ ସେମାନଙ୍କୁ ସମ୍ବିଧାନର ପ୍ରତିଷ୍ଠାତା ବା ଜନକ ବୋଲି କୁହାଯାଏ । ସମ୍ବିଧାନର ଗଠନ ପ୍ରକ୍ରିୟା ନିମ୍ନଲିଖିତ କାରଣ ଗୁଡ଼ିକଦ୍ୱାରା ବିଶେଷ ଭାବରେ ପ୍ରଭାବିତ ।




ଚିତ୍ର ୧୫.୧ *ସମ୍ବିଧାନର ମଲାଟ*

(କ) ଦୀର୍ଘକାଳ ଧରି ଚାଲିଥିବା ସ୍ୱାଧୀନତା ସଂଗ୍ରାମ ସମୟରେ ସୃଷ୍ଟି ହୋଇଥିବା ଅଭିଳାଷ।
(ଖ) ଇଂରେଜ ଶାସନ ସମୟରେ ଦେଖାଦେଇଥିବା ସାମ୍ବିଧାନିକ ଓ ରାଜନୈତିକ ପରିବର୍ତ୍ତନ।
(ଗ) ମହାତ୍ମାଗାନ୍ଧୀଙ୍କର ନୀତି ଓ ଚିନ୍ତାଧାରା ଯାହାକୁ ଗାନ୍ଧୀମତବାଦ ବା ଗାନ୍ଧୀନୀତି କୁହାଯାଏ।
(ଘ) ଦେଶର ସମାଜିକ ଓ ସାଂସ୍କୃତିକ ଚରିତ୍ର।
(ଙ) ବିଶ୍ୱର ଅନ୍ୟାନ୍ୟ ଗଣତାନ୍ତ୍ରିକ ଦେଶଗୁଡ଼ିକର ସଂମ୍ବିଧାନ କାର୍ଯ୍ୟକାରିତା ଅନୁଭୂତି।

୧୯୫୦ ମସିହା ଜାନୁଆରୀ ୨୬ତାରିଖରେ ସମ୍ବିଧାନ କାର୍ଯ୍ୟକାରି ହେଲା ଓ ସେହି ଦିନଠାରୁ ଆମେ ଏହି ଦିନଟିକୁ ପ୍ରତିବର୍ଷ ସାଧାରଣତନ୍ତ୍ର ଦିବସ ରୂପେ ପାଳନ କରିଆସୁଅଛୁ ।

### ? ତୁମେ ଜାଣ କି

ସମ୍ବିଧାନ ପ୍ରଣୟନ ସଭା ୧୯୪୬ ମସିହା ଡ଼ିସେମ୍ବର ୯ ତାରିଖରେ ସମ୍ବିଧାନ ପ୍ରସ୍ତୁତ କରିବା କାର୍ଯ୍ୟ ଆରମ୍ଭ କଲେ। ଡ଼କ୍ଟର ରାଜେନ୍ଦ୍ର ପ୍ରସାଦ ୧୯୪୬ ମସିହା ଡ଼ିସେମ୍ବର ୧୧ ତାରିଖରେ ଏହାର ସଭାପତି ଭାବରେ ନିର୍ବାଚିତ ହେଲେ।
ଡ଼କ୍ଟର ବାବା ସାହେବ ଭିମରାଓ ଆମ୍ବେଦକର ଚିଠା କମିଟିର ସଭାପତି ହେଲେ। ସମ୍ବିଧାନ ପ୍ରଣୟନ ସଭା ୧୬୬ ଦିନ ବସିଥିଲା ଓ ଏହାର ସମୟ ସୀମା ଥିଲା ୨ବର୍ଷ ୧୧ମାସ ୧୮ ଦିନ। ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ସମ୍ଵଧାନ ପ୍ରସ୍ତୁତି ଶେଷହେଲା ଯେଉଁଦିନ ସମ୍ବିଧାନ ପ୍ରଣୟନ ସଭା ଭାରତର ଏହି ଚିଠା ସମ୍ବିଧାନକୁ ଅନୁମୋଦନ କଲା।

ଭାରତୀୟ ସମ୍ବିଧାନରେ ଭାରତୀୟ ରାଜନୈତିକ ପଦ୍ଧତି ସହିତ ଏହାର ମୌଳିକ ଉଦ୍ଦେଶ୍ୟର ବିଭିନ୍ନ ଦିଗ ଉପରେ ବ୍ୟାଖ୍ୟା କରାଯାଇଛି। ଏଥିରେ ନିମ୍ନଲିଖିତ ବ୍ୟବସ୍ଥା ରହିଛି-
(କ) ଯେଉଁ ଅଞ୍ଚଳ ସମୂହକୁ ନେଇ ଭାରତ ଗଠିତ।
(ଖ) ନାଗରିକତ୍ୱ
(ଗ) ମୌଳିକ ଅଧିକାର
(ଘ) ରାଷ୍ଟ୍ରନୀତି ନିର୍ଦ୍ଦେଶନାମା ଓ ମୌଳିକ କର୍ତ୍ତବ୍ୟ।
(ଙ) କେନ୍ଦ୍ର,ରାଜ୍ୟ ଓ ସ୍ଥାନୀୟ ସ୍ତରରେ ଗଠିତ ସରକାରର ଗଠନ ଓ କାର୍ଯ୍ୟ।
(ଚ) ରାଜନୈତି ପଦ୍ଧତିର ଆହୁରି ଅନେକ ଦିଗ।

ଏହା ଭାରତକୁ ଏକ ସାର୍ବଭୌମ, ଗଣତାନ୍ତ୍ରିକ, ସମାଜବାଦୀ, ଧର୍ମନିରପେକ୍ଷ ସାଧାରଣତନ୍ତ୍ର ବୋଲି ବ୍ୟାଖ୍ୟା କରିଛି। ଏଥିରେ ସାମାଜିକ ପରିବର୍ତ୍ତନ ଆଣିବା ଏବଂ ନାଗରିକ ଓ ରାଷ୍ଟ୍ରମଧ୍ୟରେ ଥିବା ସମ୍ପର୍କକୁ ବ୍ୟାଖ୍ୟା କରିବାର ବ୍ୟବସ୍ଥା ରହିଛି।

### କାର୍ଯ୍ୟ-୧୫.୧

ଭାରତୀୟ ସମ୍ବିଧାନର ଗୋଟିଏ ନକଲ ଯାହାକି ପାଠାଗାରରେ ମିଳିବ ତାକୁ ଦେଖ କିମ୍ବା ଇଣ୍ଟରନେଟ୍‌ରେ ଦେଖ। ନିକଟରେ ଯଦି କୌଣସି ବେସରକାରୀ ସଂଗଠନ (NGO) କ୍ରିଡ଼ାକ୍ଲବ, ଛାତ୍ରସଂଗଠନ କିମ୍ବା ଶିକ୍ଷକ ସଂଗଠନ କିମ୍ବା ଅନ୍ୟକୌଣସି ସାମାଜିକ ଓ ସଂସ୍କୃତିକ ଅନୁଷ୍ଠାନ ଅଛି, ତାଙ୍କୁ ପଚାରିପାର । ସେମାନଙ୍କ ଭିତରୁ ଯାହାକୁ ତାଙ୍କ ପାଖରେ ଥିବା ସମ୍ବିଧାନର ଗୋଟିଏ ନକଲ ଦେଖାଇବା ପାଇଁ ଅନୁରୋଧ କର।

ସେ ସମ୍ବିଧାନ ଗୁଡ଼ିକ ଭିତରୁ କୌଣସି ଗୋଟିକ ସହ ଭାରତୀୟ ସମ୍ବିଧାନର ତୁଳନା କର । ଦୁଇଟି ଭିତରେ ଯେଉଁ ପାର୍ଥକ୍ୟ ଦେଖୁଛ, ତାହା ସଂକ୍ଷେପରେ ଲେଖ ।

## ପାଠଗତ ପ୍ରଶ୍ନାବଳୀ ୧୫-୧

୧. ସମ୍ବିଧାନର ଅର୍ଥ କ'ଣ ?

୨. ଶୂନ୍ୟସ୍ଥାନ ପୂରଣ କର-

(କ) ଭାରତୀୟ ସମ୍ବିଧାନ ----------- ସମ୍ବିଧାନ ।

(ଖ) ଭାରତୀୟ ସମ୍ବିଧାନ ------ଙ୍କ ଦ୍ୱାରା ପ୍ରସ୍ତୁତ ।

(ଗ) ଭାରତୀୟ ସମ୍ବିଧାନ ଏକ ଜୀବନ୍ତ ଦସ୍ତାବିଜ କାରଣ ଏହା------- ।

(ଘ) ଜାନୁଆରୀ ୨୬ ତାରିଖ ପ୍ରତିବର୍ଷ ------ ଭାବରେ ପାଳନ କରାଯାଏ । କାରଣ ଏହି ସମ୍ବିଧାନ ------ଦିନ କାର୍ଯ୍ୟକାରୀ ହୋଇଥିଲା ।

## ୧୫.୨ ସମ୍ବିଧାନିକ ବୈଶିଷ୍ଟ୍ୟ

କୌଣସି ରାଷ୍ଟ୍ରରେ ସମ୍ବିଧାନ ବହୁବିଧ ଉଦ୍ଦେଶ୍ୟ ସାଧନ କରିଥାଏ । ନାଗରିକ ଭାବରେ ଆମେ ଯେଉଁଭଳି ରାଷ୍ଟ୍ରରେ ରହିବାକୁ ଇଚ୍ଛାକରୁ, ତାର ମୂଳଭିତ୍ତି ସ୍ଥାପନ ପାଇଁ ଏହା ନିର୍ଦ୍ଦିଷ୍ଟ ମାର୍ଗ ପ୍ରଦର୍ଶନ କରେ। ଗୋଟିଏ ଦେଶ ସାଧାରଣତଃ ବିଭିନ୍ନ ସମ୍ପ୍ରଦାୟର ଲୋକଙ୍କୁ ନେଇ ଗଠିତ ଯେଉଁ ମାନଙ୍କର ନିର୍ଦ୍ଦିଷ୍ଟ ବିଶ୍ୱାସ ରହିଛି କିନ୍ତୁ ନିଶ୍ଚିନ୍ତ ଭାବରେ ସମସ୍ତ ମତକୁ ଗ୍ରହଣ କରିନପାରନ୍ତି। ସମ୍ବିଧାନ ହେଉଛି କେତେକ ନୀତି, ନିୟମ ଓ ରୀତିର ସମାହାର ଯାହାଉପରେ ସହମତି ରହିଥାଏ। ଏଗୁଡ଼ିକ ଗଠନ କରୁଥିବା ପଦ୍ଧତି ଅନୁସାରେ ଦେଶକୁ ଶାସନକରିବା ଓ ସମାଜକୁ ଗତିଶୀଳ କରିବା ପାଇଁ ଲୋକମାନେ ଇଚ୍ଛା କରନ୍ତି। ଏହା କେବଳ ସରକାରର ପ୍ରକାର ଉପରେ ସହମତି ନୁହେଁ, କିନ୍ତୁ ରାଷ୍ଟ୍ର ଗ୍ରହଣ କରୁଥିବା ନୀତି ଓ ଆଦର୍ଶ ମଧ୍ୟ ଏହାର ଅର୍ନ୍ତଭୂକ୍ତ। ଭାରତ ସମ୍ବିଧାନର କେତେକ ମୌଳିକ ସାମ୍ବିଧାନିକ ବୈଶିଷ୍ଟ୍ୟ ରହିଛି ଯାହାକି ବିଭିନ୍ନ ଧାରା ଓ ବ୍ୟବସ୍ଥା ମଧ୍ୟରେ ପ୍ରକାଶିତ ହୋଇଥାଏ। ତୁମେ ଜାଣକି "ବୈଶିଷ୍ଟ୍ୟ" ଶବ୍ଦର ଅର୍ଥ କ'ଣ ? ତୁମେ ସଙ୍ଗେ ସଙ୍ଗେ କହିପାର ସତ୍ୟ, ଅହିଂସା, ଶାନ୍ତି, ସହଯୋଗ, ସାଧୁତା, ସମ୍ମାନ ଓ ଦୟା କୁ ବୈଶିଷ୍ଟ୍ୟ କୁହାଯାଏ ଏବଂ ଏହି ଭଳି ଆଉ ଅନେକ ମୂଲ୍ୟ ଗଣିଚାଲିବ। ପ୍ରକୃତ ପକ୍ଷେ ଜଣେ ସାଧାରଣ ଲୋକ ବୁଝିବାପାଇଁ ବୈଶିଷ୍ଟ୍ୟ ହେଉଛି ସମୁଦାୟ ମାନବ ସମାଜ ତିଷ୍ଠିରହିବା ପାଇଁ ଯାହା ଅତ୍ୟନ୍ତ ଆବଶ୍ୟକ କିମ୍ବା ପାଇବା ଓ ଲକ୍ଷ୍ୟ କରିବାର ଯୋଗ୍ୟ ।ଭାରତର ସମ୍ବିଧାନରେ ଆଧୁନିକ ଯୁଗର ସମସ୍ତ ବୈଶିଷ୍ଟ୍ୟ ନିହିତ ରହିଛି ଯାହାକି ସର୍ବଜନାଦୃତ, ମାନବିକ ଓ ଗଣତାନ୍ତ୍ରିକ।

## କାର୍ଯ୍ୟ ୧୫.୨

ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକ ପଢ଼। ସେମାନଙ୍କ ମଧ୍ୟରୁ ୬ଟି ଶବ୍ଦ ବାଛ ଯାହାକି ତୁମେ ତୁମ ପାଇଁ ମୂଲ୍ୟବାନ ବିବେଚନା କର ଏବଂ ସେଗୁଡ଼ିକ ଦିଆ ଯାଇଥିବା ବାକ୍ସ ଭିତରେ ଲେଖ ।

| | | | | | |
|---|---|---|---|---|---|
| ସ୍ୱାଧୀନତା | ପ୍ରେମ | ଅର୍ଥ | ଆବେଗ | ସୃଜନଶୀଳତା | ଅଭିଳାଷ |
| ମନନ | ଆନନ୍ଦ | ଉତ୍ତେଜନା | ଜ୍ଞାନ | ସଫଳତା | ସୁନାମ |
| ସାହାସିକତା | ଆଗ୍ରହ | ଶାନ୍ତି | ବନ୍ଧୁତା | ଶୟନ | ସୌନ୍ଦର୍ଯ୍ୟ |



ଟିପ୍ପଣୀ

| | |
|---|---|
| ୧. | ୪. |
| ୨. | ୫. |
| ୩. | ୬. |

୬ଟି ମୂଲ୍ୟ ମଧ୍ୟରୁ ତୁମର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ମୂଲ୍ୟଟିକୁ ବାଛ ଏବଂ ନିମ୍ନପ୍ରଦତ୍ତ ସ୍ଥାନରେ ୨ଟି କାରଣ ଦର୍ଶାଅ କାହିଁକି ତୁମେ ଏହାକୁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଭାବୁଛ ।

ମୋର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ମୂଲ୍ୟ ..............................................................
କାରଣ ଗୁଡ଼ିକ:

୧. ................................................................................

୨ ................................................................................

ତୁମେ କ'ଣ ଭାବୁଛଯେ, ଏହି ସର୍ବୋଚ୍ଚ ମୂଲ୍ୟ ତୁମ ଚିନ୍ତାଧାରା ଓ ବ୍ୟବହାରକୁ ପ୍ରଭାବିତ କରୁଛି ? ଉଦାହରଣ ସ୍ୱରୂପ ଯେଉଁଲୋକ ଅହିଂସା ଉପରେ ଗଭୀର ଭାବରେ ବିଶ୍ୱାସ କରେ ସବୁବେଳେ ନିଜକାର୍ଯ୍ୟ କଳାପରେ ଅହିଂସା ଆଚରଣ କରିବାକୁ ଚେଷ୍ଟାକରେ ।

## ୧୫.୨.୧. ସାମ୍ବିଧାନିକ ବୈଶିଷ୍ଟ୍ୟ ଓ ସମ୍ବିଧାନର ପ୍ରସ୍ତାବନା:

ତୁମେ ଭାରତୀୟ ସମ୍ବିଧାନର ଆରମ୍ଭରୁ ଛପାଯାଇଥିବା ପ୍ରସ୍ତାବନା ପାଠ କରିଛକି ? ଉପରେ ଯେପରି କୁହାଯାଇଛି, ସମୁଦାୟ ଭାରତୀୟ ସମ୍ବିଧାନରେ ସାମ୍ବିଧାନିକ ବୈଶିଷ୍ଟ୍ୟ ପ୍ରତିଫଳିତ ହୋଇଛି। କିନ୍ତୁ ଏହାର ପ୍ରସ୍ତାବନା ଲିପିବଦ୍ଧ ହୋଇଛି "ମୌଳିକ ବୈଶିଷ୍ଟ୍ୟ ଓ ଦର୍ଶନ ଯାହା ଉପରେ ସମ୍ବିଧାନ ପ୍ରତିଷ୍ଠିତ"। ଯେକୌଣସି ସମ୍ବିଧାନର ପ୍ରସ୍ତାବନା ହେଉଛି ଏକ ଚୁମ୍ବକ ପ୍ରାରମ୍ଭିକ ସୂଚନା ଯାହାକି ଏହି ଦସ୍ତାବିଜ୍ (ସମ୍ବିଧାନ)ର ନିୟନ୍ତ୍ରକ ନିୟମାବଳୀ କୁ ପ୍ରକାଶକରେ। ଭାରତ ସମ୍ବିଧାନର ପ୍ରସ୍ତାବନା ମଧ୍ୟ ସମାନ କାର୍ଯ୍ୟ କରିଥାଏ। ପ୍ରସ୍ତାବନାର ପ୍ରକାଶ କରାଯାଇଥିବା ବୈଶିଷ୍ଟ୍ୟ ସମ୍ବିଧାନର ଉଦ୍ଦେଶ୍ୟ ଭାବରେ ପ୍ରକାଶ କରାଯାଇଥାଏ। ସେଗୁଡ଼ିକ ହେଉଛି, ଭାରତ ରାଷ୍ଟ୍ରର ସାର୍ବଭୌମତ୍ୱ, ସମାଜବାଦ, ଧର୍ମନିରପେକ୍ଷତା, ଗଣତନ୍ତ୍ର,ସାଧାରଣ ତାନ୍ତ୍ରିକ ବିଶେଷତ୍ୱ ନ୍ୟାୟ, ସ୍ୱାଧୀନତା, ସମାନତା, ଭ୍ରାତୃଭାବ, ମାନବିକ ସମ୍ମାନବୋଧ, ଏବଂ ରାଷ୍ଟ୍ରର ଏକତା ଓ ଅଖଣ୍ଡତା। ଆମେ ଏହି ସମ୍ବିଧାନିକ ବୈଶିଷ୍ଟ୍ୟ ଗୁଡ଼ିକ ଆଲୋଚନା କରିବା।

### ୧. ସାର୍ବଭୌମତା:

ତୁମେ ପ୍ରସ୍ତାବନା ପଢ଼ିଥିବ । ଏହା ଘୋଷଣା କରେ ଯେ "ଭାରତ ଗୋଟିଏ ସାର୍ବଭୌମ, ସମାଜବାଦୀ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର"। ସାର୍ବଭୌମର ଅର୍ଥ ହେଉଛି ସମ୍ପୂର୍ଣ୍ଣ ରାଜନୈତିକ ସ୍ୱାଧୀନତା ଓ ସର୍ବୋଚ୍ଚ କ୍ଷମତାର ଅଧିକାରୀ। ଏହା ବୁଝାଯାଏ ଯେ, ଭାରତ ଆଭ୍ୟନ୍ତରୀଣ ଭାବର ପୂର୍ଣ୍ଣ କ୍ଷମତାର ଅଧିକାରୀ ଓ ବାହ୍ୟତଃ ସ୍ୱାଧୀନ। କୌଣସି ବାହ୍ୟଚାପର (କୌଣସି ବ୍ୟକ୍ତି ବା ରାଷ୍ଟ୍ର) ବଶବର୍ତ୍ତୀ ନହୋଇ ଏହା ନିଜପାଇଁ ଆଇନତିଆରି କରିବାକୁ ସଂପୂର୍ଣ୍ଣ ସ୍ୱାଧୀନ ଏବଂ ଦେଶଭିତରେ ମଧ୍ୟ ତାଙ୍କର କ୍ଷମତାକୁ କେହି ବାଧା ଦେଇ ପାରିବନାହିଁ। ଏହି ସାର୍ବଭୌମତ୍ୱ ଆନ୍ତର୍ଜାତିକ ଗୋଷ୍ଠୀ ନିକଟରେ ଆମକୁ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ପ୍ରଦାନ କରେ। ଯଦି ଓ ସମ୍ବିଧାନରେ ସାର୍ବଭୌମ କ୍ଷମତା କାହା ପାଖରେ ରହିଛି, ତାହା ସ୍ୱତନ୍ତ୍ରଭାବରେ କୁହାଯାଇ ନାହିଁ, କିନ୍ତୁ ପ୍ରସ୍ତାବନାରେ ଲେଖାଯାଇଥିବା "We the people of India" ଯାହାର ଅର୍ଥ "ଆମେଭାରତର ଜନସାଧାରଣ" ସ୍ପଷ୍ଟ ଭାବରେ ସୂଚାଇ ଦିଏ ଯେ ସାର୍ବଭୌମତ୍ୱ ଭାରତର ନାଗରିକ ମାନଙ୍କୁ ଅର୍ପଣ କରାଯାଇଛି।

ଏହାର ଅର୍ଥ ଯେ, ସମ୍ବିଧାନିକ ଅଧିକାରୀମାନେ ଓ ସରକାରର ଯେକୌଣସି ଅଙ୍ଗ କେବଳ ଜନସାଧାରଣଙ୍କଠାରୁ ଏହି କ୍ଷମତା ପ୍ରାପ୍ତ ହୋଇଛନ୍ତି।

**୨. ସମାଜବାଦ:**

ତୁମେ ଭଲଭାବରେ ଜାଣିଛଯେ, ସାମାଜିକ ଓ ଅର୍ଥନୈତିକ ଅସମାନତା ଭାରତୀୟ ସମାଜରେ ପ୍ରଚଳିତ ହୋଇଆସିଛି । ଯେଉଁଥିପାଇଁ ସମାଜବାଦକୁ ଏକ ସାମ୍ବିଧାନିକ ମୂଲ୍ୟବୋଧ ଭାବରେ ଗ୍ରହଣ କରାଗଲା ଯାହାର ଉଦ୍ଦେଶ୍ୟ ହେଉଛି ଗୋଟିଏ ସାମାଜିକ ପରିବର୍ତ୍ତନ ଓ ସମସ୍ତପ୍ରକାରର ଅସମାନତା ସମାପ୍ତ କରିବା ପାଇଁ ପରିବର୍ତ୍ତନ ଆଣିବା। ସମସ୍ତ କ୍ଷେତ୍ରରେ ଯୋଜନାବଦ୍ଧ ଓ ସହଯୋଗୀ ସାମାଜିକ ଉନ୍ନତିକୁ ନିଶ୍ଚିତ କରିବା ପାଇଁ ଆମ ସମ୍ବିଧାନ ସରକାର ଓ ଲୋକମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରେ। ମୁଷ୍ଟିମେୟ ଲୋକମାନଙ୍କ ହାତରେ ସମସ୍ତ ସମ୍ପଦ ଓ କ୍ଷମତା ଠୁଳହୋଇ ନରହିବା ପାଇଁ ଏହା ନିର୍ଦ୍ଦେଶ ପ୍ରଦାନକରେ। ସମ୍ବିଧାନରେ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି ଯାହାକି ମୌଳିକ ଅଧିକାର ଓ ରାଷ୍ଟ୍ରନୀତିନିର୍ଦ୍ଦେଶ ନାମା ଅଧ୍ୟାୟରେ ଏହି ସମାନତା ସମ୍ପର୍କରେ ଆଲୋଚନା କରେ।

**? ତୁମେ ଜାଣ କି**

ରାଷ୍ଟ୍ରନୀତି ନିର୍ଦ୍ଦେଶନାମାର ନିମ୍ନଲିଖିତ ବ୍ୟବସ୍ଥା ଗୁଡ଼ିକ ସମାଜବାଦର ବୈଶିଷ୍ଟ ପ୍ରକାଶ କରେ।

"The State shall, in particular, strive to minimise the inequalities in income, and endeavour to eliminate inequalities in status, facilities and opportunities, not only amongst individuals but also amongst groups of people residing in different areas or engaged in different vocations. "
(Article 38(2)

"The State shall, in particular, direct its policy towards securing- (a) that the citizens, men and women equally, have the right to an adequate means of livelihood; (b) that the ownership and control of the material resources of the community are so distributed as best to subserve the common good; (c) that the operation of the economic system does not result in the concentration of wealth and means of production to the common detriment; (d) that there is equal pay for equal work for both men and women;..." (Article 39)

**୩. ଧର୍ମନିରପେକ୍ଷତା:**

ଆମେ ସମସ୍ତେ ଖୁସିହେଉ, ଯେତେବେଳେ ଜଣେ କହେଯେ, ଭାରତ ପୃଥିବୀର ପ୍ରାୟ ସମସ୍ତ ମୁଖ୍ୟ ଧର୍ମ ଗୁଡ଼ିକର ଘର ଅଟେ। ଏହି ବହୁତ୍ୱ (Plurality) ପ୍ରସଙ୍ଗରେ, ଧର୍ମନିରପେକ୍ଷବାଦର ବିରାଟ ସାମ୍ବିଧାନିକ ମୂଲ୍ୟ ରହିଛି। ଧର୍ମନିରପେକ୍ଷତା ସୂଚୀତ କରେ ଯେ, ଆମର ଦେଶ କୌଣସି ଗୋଟିଏ ଧର୍ମ କିମ୍ବା ଧାର୍ମିକ ବିଚାର ଦ୍ୱାରା ପରିଚାଳିତ ନୁହେଁ । ଯାହାହେଉ ଭାରତୀୟ ରଷ୍ଟ୍ର ଧର୍ମ ବିରୋଧିନୁହେଁ। ଯେକୌଣସି ଧର୍ମ, ବିଶ୍ୱାସ, ଧର୍ମପ୍ରଚାର, ଧର୍ମଉପାସନା କରବା ପାଇଁ ଏହା ନାଗରିକ ମାନଙ୍କୁ ଅନୁମତି ପ୍ରଦାନ କରେ। ଏଥି ସହିତ ଏହା ବିଶ୍ୱାସ ଦିଏଯେ, ରାଷ୍ଟ୍ରର ନିଜର କୌଣସି ନିର୍ଦ୍ଦିଷ୍ଟ ଧର୍ମ ନାହିଁ । ଧର୍ମ ଆଧାରରେ କୌଣସି ପାର୍ଥକ୍ୟକୁ ଏହା ଦୃଢ଼ଭାବରେ ବିରୋଧକରେ।

**୪. ଗଣତନ୍ତ୍ର:**

ପ୍ରସ୍ତାବନାରେ ଗଣତନ୍ତ୍ର ଏକ ବୈଶିଷ୍ଟ୍ୟଭାବରେ ପ୍ରତିଫଳିତ । ସରକାରର ଗଠନ ଦୃଷ୍ଟିର ଏହା ଲୋକମାନଙ୍କ ଇଚ୍ଛା ଶକ୍ତିରୁ କ୍ଷମତା ପ୍ରାପ୍ତ ହୋଇଥାଏ । ଲୋକମାନେ ଦେଶର ଶାସନମାନଙ୍କୁ ନିର୍ବାଚିତ କରନ୍ତି ଓ ନିର୍ବାଚିତ ପ୍ରତିନିଧିମାନେ ଲୋକମାନଙ୍କ ପାଇଁ ଦାୟୀ ରହନ୍ତି । ଭାରତର ଲୋକମାନେ ସେମାନଙ୍କୁ ସରକାରର ବିଭିନ୍ନ ସ୍ତରରେ କାର୍ଯ୍ୟ କରିବା ପାଇଁ ସାର୍ବଜନୀନ ଭୋଟଦାନ ପଦ୍ଧତିଦ୍ୱାରା ନିର୍ବାଚିତ କରନ୍ତି । ଯାହାକି ଗୋଟିଏ ଲୋକପାଇଁ ଗୋଟିଏ ଭୋଟ ନାମରେ ପରିଚିତ ।

ସମାଜରେ ସ୍ଥିରତା ଓ କ୍ରମାଗତ ବିକାଶ ପାଇଁ ଗଣତନ୍ତ୍ରର ଆବଦାନ ରହିଛି ଏବଂ ଏହା ଶାନ୍ତିପୂର୍ଣ୍ଣ ରାଜନୈତିକ ପରିବର୍ତ୍ତନ ପ୍ରାପ୍ତହଏ । ଏହା ବିଭିନ୍ନ ମତ ପୋଷଣକୁ ଅନୁମତି ଦିଏ ଓ ସହନ ଶୀଳତାକୁ ଉତ୍ସାହିତ କରେ । ଏବଂ ଆହୁରି ଅଧିକ ଗରୁତ୍ୱପୂର୍ଣ୍ଣ ହେଉଛି ଏହା ଆଇନର ଶାସନ ନୀତି, ନାଗରିକ ମାନଙ୍କର ଅନନ୍ୟ ଅଧିକାର, ନ୍ୟାୟିକ ସ୍ୱାଧୀନତା,ମୁକ୍ତ ଓ ତ୍ରୁଟିଶୂନ୍ୟ ନିର୍ବଚନ ଓ ଗଣମାଧ୍ୟମର ସ୍ୱାଧୀନତା ଆଦି ଗୁଣ ଗୁଡ଼ିକ ଉପରେ ପ୍ରତିଷ୍ଠିତ ।

**୫. ସାଧାରଣତନ୍ତ୍ର:**

ଭାରତ କେବଳ ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରନୁହେଁ, ଏହା ମଧ୍ୟ ଏକ ସାଧାରଣତନ୍ତ୍ର । ସାଧାରଣତନ୍ତ୍ର ହେବାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସୂଚକହେଉଛନ୍ତି ରାଷ୍ଟ୍ର ମୁଖ୍ୟଙ୍କ କାର୍ଯ୍ୟାଳୟ । ଅର୍ଥାତ ରାଷ୍ଟ୍ରପତି ନିର୍ବାଚିତ ହୁଅନ୍ତି ଏବଂ ସେ ପୁରୁଷାନୁକ୍ରମିକ ଭାବରେ ନିଯୁକ୍ତ ନୁହଁନ୍ତି ଯେପରି ରାଜତନ୍ତ୍ର ପଦ୍ଧତିରେ ଦେଖାଯାଏ । ଏହି ମୂଲ୍ୟବୋଧ ଗଣତନ୍ତ୍ରକୁ ଅଧିକ ଶକ୍ତିଶାଳି କରେ ଯେଉଁଠାରେ ଭାରତର ପ୍ରତ୍ୟେକ ନାଗରିକ ରାଷ୍ଟ୍ରମୁଖ୍ୟ ଭାବରେ ନିର୍ବାଚିତ ହେବାପାଇଁ ସମାନଭାବରେ ଯୋଗ୍ୟ । ରାଜନୈତିକ ସମାନତା ଏହି ବ୍ୟବସ୍ଥାର ମୁଖ୍ୟ ସନ୍ଦେଶ ।

**୬. ନ୍ୟାୟ:**

ସମୟ ସମୟରେ ତୁମେ ଅନୁଭବ କରିବ ଯେ, କେବେଳ ଗୋଟିଏ ଗଣତାନ୍ତ୍ରିକ ପଦ୍ଧତିରେ ରହି ନାଗରିକମାନଙ୍କୁ ସମ୍ପୂର୍ଣ୍ଣ ରୂପେ ନ୍ୟାୟ ପ୍ରଦାନ କରାଯାଇ ପାରିବାନାହିଁ । ଏବେ ମଧ୍ୟ ଆମେ ବହୁ ପରିସ୍ଥିତିର ସମ୍ମୁଖିନ ହେଉ ଯେଉଁଠାରେ କେବଳ ସାମାଜିକ ଓ ଅର୍ଥନୈତିକ ନ୍ୟାୟ ନୁହେଁ ରାଜନୈତିକ ନ୍ୟାୟ ରୁ ମଧ୍ୟ ବଞ୍ଚିତ ହେବାକୁ ପଡୁଛି । ଯେଉଁଥିପାଇଁ ସମ୍ବିଧାନ ପ୍ରଣେତାମାନେ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟକୁ ସାମ୍ବିଧାନିକ ବୈଶିଷ୍ଟ୍ୟ ଭାବରେ ସଂଯୋଜିତ କଲେ । ଏହା କରି ସେମାନେ ଗୁରୁତ୍ୱଦେଲେ ଯେ, ଭାରତୀୟ ନାଗରିକମାନଙ୍କୁ ପ୍ରଦାନ କରାଯାଇଥିବା ରାଜନୈତିକ ସ୍ୱାଧୀନତା ସମାଜିକ ଅର୍ଥନୈତିକ ଆଧାରରେ ଗୋଟିଏ ନୂତନ ସାମାଜିକ ବ୍ୟବସ୍ଥା ସୃଷ୍ଟି କରିବା ପାଇଁ ଅସ୍ତ୍ର ଭାବରେ କାର୍ଯ୍ୟକରିବ । ନ୍ୟାୟ ସମସ୍ତ ନାଗରିକ ମାନଙ୍କ ପାଇଁ ଉପଲବ୍ଧ ହେବା ଆବଶ୍ୟକ । ଗୋଟିଏ ଉପଯୁକ୍ତ ଓ କଲ୍ୟାଣକାରୀ ସମାଜର ମହତ୍ୱ ଭାରତୀୟ ସମ୍ବିଧାନର ସର୍ବାଧିକ ବୈଶିଷ୍ଟ୍ୟ ମାନଙ୍କ ମଧ୍ୟରୁ ଗୋଟିଏ ହୋଇପାରିଛି ।

**୭. ସ୍ୱାଧୀନତା:**

ପ୍ରସ୍ତାବନାରେ ସ୍ୱାଧୀନଚିନ୍ତା, ଅଭିବ୍ୟକ୍ତି, ଅନୁରକ୍ତି, ବିଶ୍ୱାସ, ପୂଜାକୁ ଗୋଟିଏ ଲେଖାଏଁ ମୌଳିକ ବୈଶିଷ୍ଟ୍ୟ ଭାବରେ ଉଲ୍ଲେଖ କରାଯାଇଛି । ପ୍ରତ୍ୟେକ ସମ୍ପ୍ରଦାୟର ପ୍ରତ୍ୟେକ ବ୍ୟକ୍ତିକୁ ଏଗୁଡ଼ିକ ପ୍ରଦାନ କରିବାକୁ ହେବ । ଏହା ଏପରି ହୋଇଛି କାରଣ ଯଦି ଜଣେ ବ୍ୟକ୍ତି ମୁକ୍ତ ଓ ସଭ୍ୟଭାବରେ ରହିବା ପାଇଁ ଏକାନ୍ତ ଆବଶ୍ୟକ କେତେକ ସର୍ବନିମ୍ନ ଅଧିକାର ତାକୁ ପ୍ରଦାନ କରାନଯାଏ, ତେବେ ଗଣତନ୍ତ୍ରର ମହତ୍ତ୍ୱ ଉପଲବ୍ଧି କରିହେବନାହିଁ ।

**୮. ସମାନତା:**

ସମାନତା ମଧ୍ୟ ଅନ୍ୟାନ୍ୟ ସାମ୍ବିଧାନିକ ବୈଶିଷ୍ଟ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ । ସମ୍ବିଧାନ ପ୍ରତ୍ୟେକ ନାଗରିକକୁ ତାର ସ୍ଥିତି ଓ ସୁଯୋଗରେ ସମାନତା ପ୍ରଦାନକରେ ଯାହାକି ତାର ସର୍ବଶ୍ରେଷ୍ଠ ବିକାଶରେ ସହାୟକ ହୋଇଥାଏ । ମନୁଷ୍ୟ ଭାବରେ ପ୍ରତ୍ୟେକ ବ୍ୟକ୍ତିର ଆତ୍ମ ମର୍ଯ୍ୟାଦା ସହିତ ତାକୁ ଉପଭୋଗ କରିବାର ପ୍ରତିଶୃତି ଦିଏ । ଆମ ଦେଶ ଓ ସମାଜରେ ଥିବା ଯେକୌଣସି ଅସମତାକୁ ନିଷେଧ କରାଯାଇଛି । ସମାନତା ଯାହାକି ସମ୍ବିଧାନର ପ୍ରସ୍ତାବନାରେ ସ୍ୱତନ୍ତ୍ରଭାବରେ ପ୍ରତିଫଳିତ ହୋଇଛି, ତାକୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ବୋଲି କୁହାଯାଏ ।

**୯. ଭାତୃଭାବ:**

ସମ୍ବିଧାନର ପ୍ରସ୍ତାବନାରେ ଭାତୃଭାବର ବୈଶିଷ୍ଟ୍ୟର ବିକାଶ ପାଇଁ ପ୍ରତିଶୃତି ଦିଆ ଯାଇଛି ଯାହାକି ଭାରତର ଲୋକମାନଙ୍କ ଭିତରେ ସାଧାରଣ ଭ୍ରାତୃଭାବ ଗୁଣର ବିକାଶ କରେ । ଭାତୃଭାବ ବିନା ଭାରତ ଭଳି ଏକ ସମନ୍ୱିତ ସମାଜ ବିଭାଜିତ ହୋଇଯିବ । ସେଥିପାଇଁ ସମସ୍ତ ମହତ୍ ଗୁଣ ଯଥା ନ୍ୟାୟ, ସ୍ୱାଧୀନତା,ସମାନତାର ଅର୍ଥ ପ୍ରଦାନ କଲାବେଳେ ମୁଖବନ୍ଧ ଭ୍ରାତୃଭାବ ଉପରେ ଗୁରୁତ୍ୱ

ଆରୋପ କରେ। ପ୍ରକୃତ ପକ୍ଷେ ଭାତୃଭାବକୁ ଅନୁଭବ କରିବା ପାଇଁ ଆମକୁ କେବଳ ବିଭିନ୍ନ ସମ୍ପ୍ରଦାୟର ଗୋଷ୍ଠିଭିତରେ ଥିବା ଅସ୍ପୃଶ୍ୟତା ଦୂର କରିବାକୁ ହେବନାହିଁ ବରଂ ସାମ୍ପ୍ରଦାୟିକ କିମ୍ବା ଗୋଷ୍ଠୀଗତ କିମ୍ବା ସ୍ଥାନୀୟ ବିଭେଦତା ଯାହାକି ଭାରତର ଏକତା ପଥରେ ଅନ୍ତରାୟ, ତାକୁ ଦୂର କରିବାକୁ ହେବ।

### ୧୦. ବ୍ୟକ୍ତିମର୍ଯ୍ୟାଦା-

ବ୍ୟକ୍ତିମର୍ଯ୍ୟାଦା ଅନୁଭବକରିବା ପାଇଁ ହେଲେ, ଭ୍ରାତୃଭାବର ବିକାଶ ଏକାନ୍ତ ଆବଶ୍ୟକ । ପ୍ରତ୍ୟେକ ନାଗରିକର ମର୍ଯ୍ୟାଦାର ସୁରକ୍ଷା ଏକାନ୍ତ ଆବଶ୍ୟକ ଯାହାବ୍ୟତିରେକ ଗଣତନ୍ତ୍ର କାର୍ଯ୍ୟ କରିପାରିବନାହିଁ । ଗଣତାନ୍ତ୍ରିକ ଶାସନ ପଦ୍ଧତିର ପ୍ରତ୍ୟେକ କ୍ଷେତ୍ରରେ ପ୍ରତ୍ୟେକ ବ୍ୟକ୍ତିର ସମାନଭାବରେ ଯୋଗଦାନ ପାଇଁ ଏହା ପ୍ରତିଶୃତି ଦିଏ ।

### ୧୧. ରାଷ୍ଟ୍ରର ଏକତା ଓ ଅଖଣ୍ଡତା:

ଆମେ ଉପରେ ଯାହାଦେଖିଛୁ ଭାତୃଭାବ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟର ବିକାଶକରେ ଯଥା, ରାଷ୍ଟ୍ରର ଏକତା ଓ ଅଖଣ୍ଡତା। ସ୍ୱାଧୀନତାର ସୁରକ୍ଷାପାଇଁ ରାଷ୍ଟ୍ରର ଏକତା ଓ ଅଖଣ୍ଡତା ଏକାନ୍ତ ଆବଶ୍ୟକ। ସେଥିପାଇଁ ରାଷ୍ଟ୍ରର ସମସ୍ତ ବାସିନ୍ଦାଙ୍କ ମଧ୍ୟରେ ଏକତା ବୃଦ୍ଧିପାଇଁ ଗୁରୁତ୍ୱଆରୋପ କରାଯାଉଛି। ଆମର ସମ୍ବିଧାନ ଭାରତର ନାଗରିକ ମାନଙ୍କଠାରୁ ଆଶାକରେଯେ, ସେମାନେ ଭାରତର ଏକତା ଓ ଅଖଣ୍ଡତାକୁ ରକ୍ଷାକରିବା ନିଜର କର୍ତ୍ତବ୍ୟ ବୋଲି ଭାବିବେ।

### ୧୨. ଆନ୍ତର୍ଜାତିୟ ଶାନ୍ତି ଓ ସଠିକ୍ ଆନ୍ତର୍ଜାତିୟ ନିର୍ଦ୍ଦେଶ:

ଆନ୍ତର୍ଜାତିୟ ଶାନ୍ତି ଓ ସଠିକ୍ ଆନ୍ତର୍ଜାତିୟ ନିର୍ଦ୍ଦେଶର ମୂଲ୍ୟ ଯଦିଓ ପ୍ରସ୍ତାବନାରେ ଲିପିବଦ୍ଧ ହୋଇନାହିଁ, ଏହା ସମ୍ବିଧାନର ଅନ୍ୟାନ୍ୟ ବ୍ୟବସ୍ଥାରେ ପ୍ରତିଫଳିତ ହୋଇଛି । ଭାରତୀୟ ସମ୍ବିଧାନ ରାଷ୍ଟ୍ରକୁ ନିର୍ଦ୍ଦେଶ ଦିଏ-

(କ) ଆନ୍ତର୍ଜାତିକ ଶାନ୍ତି ଓ ସୁରକ୍ଷାର ବିକାଶ

(ଖ) ରାଷ୍ଟ୍ରମାନଙ୍କ ଭିତରେ ଉପଯୁକ୍ତ ଓ ସମ୍ମାନଜନକ ସମ୍ପର୍କ ରକ୍ଷା

(ଗ) ଆନ୍ତର୍ଜାତିକ ଆଇନ ଓ ସନ୍ଧିଚୁକ୍ତିପତ୍ର ପ୍ରତି ସମ୍ମାନ ପ୍ରଦାନ କରିବା

(ଘ) ଆନ୍ତର୍ଜାତିକ ବିବାଦକୁ ମଧ୍ୟସ୍ଥତା ଦ୍ୱାରା ସମାଧାନକରିବା। ଭାରତର ସ୍ୱାର୍ଥପାଇଁ ଏହି ବିଶେଷତ୍ୱ ପାଳନ କରିବା। ଶାନ୍ତି ଓ ଉପଯୁକ୍ତ ଆନ୍ତର୍ଜାତିକ ନିର୍ଦ୍ଦେଶ ନିଶ୍ଚିତ ଭାବରେ ଭାରତର ବିକାଶପାଇଁ କାର୍ଯ୍ୟକରିବ।

### ୧୩. ମୌଳିକ କର୍ତ୍ତବ୍ୟ:

ଆମ ସମ୍ବିଧାନରେ ନାଗରିକମାନେ ସମ୍ପାଦନ କରିବା ପାଇଁ କେତେକ କର୍ତ୍ତବ୍ୟ ଲିଖିତ ହୋଇଛି। ଏହା ସତ୍ୟଯେ, ମୌଳିକ ଅଧିକାର ପରି ଏହି କର୍ତ୍ତବ୍ୟ ଗୁଡ଼ିକ ଆଇନଦ୍ୱାରା  କାର୍ଯ୍ୟକାରି କରାଯାଇ ପାରିବ ନାହିଁ । କିନ୍ତୁ ଏହି କର୍ତ୍ତବ୍ୟ ଗୁଡ଼ିକ ନାଗରିକମାନଙ୍କ ଦ୍ୱାରା ସମ୍ପାଦିତ ହେବ । ମୌଳିକ କର୍ତ୍ତବ୍ୟ ଗୁଡ଼ିକର ଏବେମଧ୍ୟ ଅଧିକ ଗୁରୁତ୍ୱ ରହିଛି କାରଣ, ଏହା କେତେକ ମୌଳିକ ବୈଶିଷ୍ଟ୍ୟକୁ ପ୍ରତିଫଳିତ କରେ ଯଥା - ଦେଶପ୍ରେମ, ରାଷ୍ଟ୍ରୀୟତା, ମାନବିକତା, ପରିବେଶତତ୍ତ୍ୱ, ବନ୍ଧୁତ୍ୱପୂର୍ଣ୍ଣ ସହାବସ୍ଥାନ, ଲିଙ୍ଗଗତ ବିଭେଦ, ବୈଜ୍ଞାନିକ ମାନସିକତା ଓ ଅନୁସନ୍ଧାନ ଏବଂ ବ୍ୟକ୍ତିଗତ ଓ ସାମୂହିକ ମହତ୍ୱ।

### ପାଠଗତ ପ୍ରଶ୍ନାବଳୀ-୧୫.୨

୧. ବିଶିଷ୍ଟ୍ୟ ଶବ୍ଦର ଅର୍ଥ କ'ଣ ?

୨. ଭାରତୀୟ ସମ୍ବିଧାନର ପ୍ରସ୍ତାବନାରେ ଥିବା ଦୁଇଟି ମୁଖ୍ୟ ସାମ୍ବିଧାନିକ ବୈଶିଷ୍ଟ୍ୟ ପ୍ରକାଶକର। ସେ ଦୁଇଟି ବୈଶିଷ୍ଟ୍ୟକୁ ତୁମେ କାହିଁକି ଗୁରୁତ୍ୱପୂର୍ଣ୍ଣ ବୋଲି ଭାବୁଛ ?

୩. 'କ'ସ୍ତମ୍ଭରେ ଦିଆଯାଇଥିବା ବୈଶିଷ୍ଟ୍ୟ/ଉଦ୍ଦେଶ୍ୟକୁ 'ଖ' ସ୍ତମ୍ଭର ବାକ୍ୟ ସହ ଯୋଗକର ।

| 'କ' ସମ୍ବିଧାନିକ ବୈଶିଷ୍ଟ୍ୟ/ଉଦ୍ଦେଶ୍ୟ | 'ଖ' ବାକ୍ୟ |
|---|---|
| ୧.ସାର୍ବଭୌମତ୍ୱ | କ. ସମସ୍ତ ପ୍ରକାର ଅସମତା ଦୂର ପାଇଁ ସାମଜିକ ପରିବର୍ତ୍ତନର ବିକାଶ |
| ୨. ସମାଜବାଦ | ଖ. ଲୋକମାନଙ୍କର ସରକାର, ଲୋକମାନଙ୍କ ଦ୍ୱାରା ସରକାର, ଲୋକମାନଙ୍କ ପାଇଁ ସରକାର |
| ୩. ଧର୍ମନିରପେକ୍ଷତା | ଗ. କୌଣସି ପାର୍ଥକ୍ୟ ନରଖି ସମାନ ବ୍ୟବହାର |
| ୪. ଗଣତନ୍ତ୍ର | ଘ. ରାଷ୍ଟ୍ରମୁଖ୍ୟ ଜଣେ ନିର୍ବାଚିତ ପ୍ରତିନିଧି । |
| ୫. ସମାନତା | ଙ. କୌଣସି ଧର୍ମ ବିଶ୍ୱାସ, ପ୍ରଚାର ଓ ଉପାସନାର ସ୍ୱାଧୀନତା |
| ୬. ସ୍ୱାଧୀନତା | ଚ. ଆନ୍ତର୍ଜାତିକ ଶାନ୍ତି ଓ ସୁରକ୍ଷା ଏବଂ ରାଷ୍ଟ୍ରମାନଙ୍କ ମଧ୍ୟରେ ସମ୍ମାନଜନକ ସମ୍ପର୍କ |
| ୭. ଭ୍ରାତୃଭାବ | ଛ. ସମ୍ପୂର୍ଣ୍ଣ ରାଜନୈତି ସ୍ୱାଧୀନତା ଓ ସର୍ବୋଚ୍ଚ କ୍ଷମତା |
| ୮. ଆନ୍ତର୍ଜାତିକ ଶାନ୍ତି ଏବଂ ଆନ୍ତର୍ଜାତିକ ନିର୍ଦ୍ଦେଶ | ଜ. ସ୍ୱାଧୀନ ଚିନ୍ତା, ମତପ୍ରକାଶ, ବିଶ୍ୱାସ |
| ୯. ସାଧାରଣତନ୍ତ୍ର | ଝ. ସାଧାରଣ ଭାତୃଭାବର ଚେତନା |

## କାର୍ଯ୍ୟ ୧୫.୩

ପାଞ୍ଚଜଣ ଲୋକଙ୍କର ମତାମତ ସଂଗ୍ରହ କର ଯେ, ସେମାନେ କେତେଦୂର ସାମ୍ବିଧାନିକ ମୂଲ୍ୟବୋଧକୁ ଅନୁଭବ କରିଛନ୍ତି କିମ୍ବା ଲକ୍ଷ୍ୟ କେତେଦୂର କାର୍ଯ୍ୟକାରି ହୋଇଛି। ସେହି ଲୋକମାନେ ତୁମର ସହପାଠୀ, କିମ୍ବା ଶିକ୍ଷକ, କିମ୍ବା ତୁମପରିବାରର କୌଣସି ଲୋକ କିମ୍ବା ତୁମର ପଡ଼ୋଶୀ ସାମାଜିକକର୍ମୀ କିମ୍ବା ଅନ୍ୟକେହି ହୋଇପାରନ୍ତି। ସମ୍ବିଧାନିକ ବୈଶିଷ୍ଟ୍ୟ ଓ ଲକ୍ଷ୍ୟ ତଳ ସାରଣୀ (Table)ର ଗୋଟିଏ ପାର୍ଶ୍ୱରେ ଦିଆଯାଇଛି । ଅନ୍ୟ ସ୍ତମ୍ଭରେ ସେମାନଙ୍କୁ ପ୍ରତ୍ୟେକ ବୈଶିଷ୍ଟ୍ୟ ଲକ୍ଷ୍ୟ ସମ୍ପର୍କରେ ତାଙ୍କର ସଫଳତା ଉପରେ ନିର୍ଭରକରି ପୂର୍ଣ୍ଣ ୧୦ନମ୍ବର ରୁ କେତେ ନମ୍ବର ଦିଆଯିବ।

| ସାମ୍ବିଧାନିକ ବୈଶିଷ୍ଟ୍ୟ/ଲକ୍ଷ୍ୟ | ପୂର୍ଣ୍ଣ ୧୦ ନମ୍ବରରୁ ପାଇଥିବା ନମ୍ବର | | | | |
|---|---|---|---|---|---|
| | ୧ମ ଲୋକ | ୨ୟ ଲୋକ | ୩ୟ ଲୋକ | ୪ର୍ଥ ଲୋକ | ୫ମ ଲୋକ |
| ସାମାଜିକ ଓ ଅର୍ଥନୈତିକ ନ୍ୟାୟ | | | | | |
| ଚିନ୍ତା ଓ ମତବ୍ୟକ୍ତ କରିବାର ସ୍ୱାଧୀନତା | | | | | |
| ସାମାଜିକ ମର୍ଯ୍ୟାଦା ଓ ସୁଯୋଗର ସମାନତା | | | | | |
| ରାଷ୍ଟ୍ରର ଏକତା ଓ ଅଖଣ୍ଡତା | | | | | |
| ଅସ୍ପୃଶ୍ୟତା ଦୂରୀକରଣ | | | | | |
| ଆନ୍ତର୍ଜାତିକ ଶାନ୍ତି ଓ ସୁରକ୍ଷା | | | | | |
| ସାର୍ବଜନୀନ ସାବାଳକ ଭୋଟପ୍ରଥା | | | | | |
| ଭାରତର ଲୋକମାନଙ୍କର ସାର୍ବଭୌମତ୍ୱ | | | | | |

ଉତ୍ତରର ବିଶ୍ଳେଷଣ ସ୍ୱାଧୀନ ବିଭାଗ ଉପରେ ନିର୍ଭର କରି, କେଉଁ ବୈଶିଷ୍ଟ୍ୟ/ଲକ୍ଷ୍ୟ ସର୍ବାଧିକ ଓ ସର୍ବନିମ୍ନ ନମ୍ବର ପାଇଛି ଚିହ୍ନଟକର ଏବଂ କାରଣ ବାହାର କରିବାକୁ ଚେଷ୍ଟାକର।

## ୧୫.୨.୨ ସମ୍ବିଧାନର ବୈଶିଷ୍ଟ୍ୟ ଓ ମୁଖ୍ୟ ବିଶେଷତ୍ୱ:

ସାମ୍ବିଧାନିକ ବୈଶିଷ୍ଟ୍ୟ ଲିପିବଦ୍ଧ ହୋଇଥିବା ପ୍ରସ୍ତାବନା ର ଆଲୋଚନା ସ୍ପଷ୍ଟ ଭାବରେ ପ୍ରକାଶ କରେଯେ, ଏଗୁଡ଼ିକ ଭାରତୀୟ ଗଣତନ୍ତ୍ରର ସଫଳ କାର୍ଯ୍ୟକରିତା ପାଇଁ ବିଶେଷ ଗୁରୁତ୍ୱ ପୂର୍ଣ୍ଣ । ଏହି ବୈଶିଷ୍ଟ୍ୟ ଗୁଡ଼ିକ ଅଧିକ ବୋଧଗମ୍ୟ ହେବ ଯେତେବେଳେ ନିମ୍ନଲିଖିତ ଆଲୋଚନାରୁ ତୁମେ ଦେଖିବଯେ, ଏହା ସମ୍ବିଧାନିକ ବୈଶିଷ୍ଟ୍ୟ ଭାରତର ସମ୍ବିଧାନର ସମସ୍ତ ମୁଖ୍ୟ ବିଶେଷତ୍ୱ ଗୁଡ଼ିକରେ ପରିବ୍ୟାପ୍ତ ହୋଇଛି । ସମ୍ବିଧାନର ମୁଖ୍ୟ ବିଶେଷତ୍ୱ ଗୁଡ଼ିକ ନିମ୍ନରେ ପ୍ରଦତ୍ତ ହୋଇଛି ।

### ୧. ଲିଖିତ ସମ୍ବଧାନ:

ପୂର୍ବରୁ ବର୍ଣ୍ଣନା କରାଯାଇଛିଯେ, ଭାରତର ସମ୍ବିଧାନ ହେଉଛି ସର୍ବବୃହତ ଲିଖିତ ସମ୍ବିଧାନ। ଭାରତୀୟ ସମ୍ବଧାନ ଗୋଟିଏ ପ୍ରସ୍ତାବନା, ୩୯୫ଟି ଧାରା, ୨୨ଟି ଭାଗ, ୧୨ଟି ଅନୁସୂଚୀ ଓ ୫ଟି ଆପେଣ୍ଡିକ୍ସ୍‌କୁ ନେଇ ଗଠିତ। ଏହା ମୌଳିକ ଆଇନର ଏକ ଦସ୍ତାବିଜ୍ ଯାହାକି ରାଜନୈତିକ ପଦ୍ଧତିର ପ୍ରକୃତି ଓ ସରକାରର ବିଭିନ୍ନ ଅଂଗର ଗଠନ ଓ କାର୍ଯ୍ୟ କାରିତା ବର୍ଣ୍ଣନା କରିଥାଏ। ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରଭାବରେ ଏହା ଭରତର ଦୃଷ୍ଟିଭଙ୍ଗୀ ପ୍ରକାଶ କରେ। ଏହା ମଧ୍ୟ ନାଗରିକ ମୌଳିକ ଅଧିକାର ଓ ମୌଳିକ କର୍ତ୍ତବ୍ୟ କୁ ସୂଚିତ କରେ। ଏହା କରିବା ସମୟରେ ଏହା ମୌଳିକ ସମ୍ବିଧାନିକ ବୈଶିଷ୍ଟ୍ୟକୁ ପ୍ରତିଫଳିତ କରେ।

### ୨. ଅନମନୀୟତା ଓ ନମନୀୟତାର ମିଶ୍ରଣ:

ଆମର ନିତିଦିନିଆ ଜୀବନରେ ଆମେ ଦେଖୁଯେ, ଗୋଟିଏ ଲିଖିତ ଦସ୍ତାବିଜ୍‌ରେ ପରିବର୍ତ୍ତନ ଆଣିବା ସହଜ ନୁହେଁ । ସମ୍ବିଧାନ ସମ୍ପର୍କରେ ସାଧାରଣତଃ ଲିଖିତ ସମ୍ବିଧାନ ଅନମନୀୟ । ଏଥିରେ ବାରମ୍ବାର ପରିବର୍ତ୍ତନ କରିବା ସହଜସାଧ ନୁହେଁ । ସମ୍ବିଧାନ ସଂଶୋଧନ ପାଇଁ ସମ୍ବିଧାନରେ ସ୍ୱତନ୍ତ୍ର ପଦ୍ଧତି ଲିପିବଦ୍ଧ ହୋଇଛି । ବ୍ରିଟଶ୍ ସମ୍ବିଧାନ ଭଳି ଅଲିଖିତ ସମ୍ବିଧାନରେ ସଂଶୋଧନ ସାଧାରଣ ଆଇନ ତିଆରି ପଦ୍ଧତିରେ କରାଯାଏ। ବ୍ରିଟିଶ୍ ସମ୍ବିଧାନ ଗୋଟିଏ ନମନୀୟ ସମ୍ବିଧାନ। ଯକ୍ତରାଷ୍ଟ୍ର ଆମେରିକା ଭଳି ଲିଖିତ ସମ୍ବିଧାନ ସଂଶୋଧନ କରିବା ବଡ଼ କଠିନ। ତେଣୁ ଯୁକ୍ତରାଷ୍ଟ୍ର ର ସମ୍ବିଧାନ ବଡ଼ ଅନମନୀୟ ସମ୍ବିଧାନ। ଯାହାହେଉ, ଭାରତ ସମ୍ବିଧାନ ବ୍ରିଟିଶ୍ ସମ୍ବିଧାନ ଭଳି ନମନୀୟନୁହେଁ କିମ୍ବା ଯୁକ୍ତରାଷ୍ଟ୍ର ସମ୍ବିଧାନ ଭଳି ଅନମନୀୟ ନୁହେଁ। ଏହା ପ୍ରଚଳିତତା ଓ ପରିବର୍ତ୍ତନର ମୂଲ୍ୟ ପ୍ରତିଫଳିତ କରେ । ଭାରତ ସମ୍ବିଧାନ ତିନିପ୍ରକାରରେ ସଂଶୋଧନ କରାଯାଏ । ଏହା କେତେକ ବ୍ୟବସ୍ଥା ସଂସଦରେ ସାଧାରଣ ସଂଖ୍ୟାଗରିଷ୍ଠତା ଦ୍ୱାରା ସଂଶୋଧନ କରାଯାଏ ଓ ଅନ୍ୟକେତେକ ସ୍ୱତନ୍ତ୍ର ସଂଖ୍ୟାଗରିଷ୍ଠତା ଦ୍ୱାରା କରାଯାଏ ଓ ଆଉ କେତେକ ସଂଶୋଧନ ସଂସଦରେ ସ୍ୱତନ୍ତ୍ର ସଂଖ୍ୟାଗରିଷ୍ଠତା ସହିତ ରାଜ୍ୟମାନଙ୍କର ସ୍ୱୀକୃତି ଦରକାର ।

### ୩. ମୌଳିକ ଅଧିକାର ଓ କର୍ତ୍ତବ୍ୟ:

ତୁମେ ନିଶ୍ଚିତଭାବରେ 'ମୌଳିକ ଅଧିକାର' ଶବ୍ଦଗୁଡ଼ିକ ସହିତ ପରିଚିତ ଥିବ। ଆମେ ପ୍ରାୟସମୟରେ ସମ୍ବାଦପତ୍ରରେ କିମ୍ବା ଦୂରଦର୍ଶନରେ ଦେଖିଲାବେଳେ ଏହି ଶବ୍ଦଗୁଡ଼ିକୁ ଦେଖୁ। ଭାରତର ସମ୍ବିଧାନରେ ଏହା ଏକ ସ୍ୱତନ୍ତ୍ର ଅଧ୍ୟାୟରେ ସଂଯୋଜିତ ହୋଇଛି, ଯାହାକୁ ସମ୍ବିଧାନର ବିବେକ(Conscience) ବୋଲି ବାରମ୍ବାର କୁହାଯାଇ ଥାଏ। ମୌଳିକ ଅଧିକାର ନାଗରିକମାନଙ୍କୁ ରାଷ୍ଟ୍ର କ୍ଷମତାର ମନମୁଖି ଓ ସୀମାହୀନ କାର୍ଯ୍ୟ କରିବାରୁ ରକ୍ଷାକରେ। ସମ୍ବିଧାନ ପ୍ରତ୍ୟେକ ବ୍ୟକ୍ତିକୁ ତାର ଅଧିକାରର ଦୃଢ଼ ପ୍ରତିଶୃତି ଦେଇଥାଏ ଓ ସଂଖ୍ୟାଲଘୁ ମାନଙ୍କ ଅଧିକାର ମଧ୍ୟ ସୁରକ୍ଷିତ ରଖିଥାଏ। ଏହି ଅଧିକାର ଗୁଡ଼ିକ ବ୍ୟତୀତ ସମ୍ବିଧାନରେ କେତେକ ବ୍ୟବସ୍ଥା ରହିଛି ଯାହାକୁ ମୌଳିକ କର୍ତ୍ତବ୍ୟ ବୋଲି ସୂଚିତ କରାଯାଏ, ଯଦିଓ ଏଗୁଡ଼ିକ ମୌଳିକ ଅଧିକାରଭଳି ଆଇନଦ୍ୱାରା କାର୍ଯ୍ୟକାରି କରାଯାଇ ପାରିବନାହିଁ । ଏହି କର୍ତ୍ତବ୍ୟ ଗୁଡ଼ିକ ସମ୍ବିଧାନରେ ଲିପିବଦ୍ଧଥିବା କେତେକ ମୌଳିକ ବୈଶିଷ୍ଟ୍ୟକୁ ପ୍ରତିଫଳିତ କରିଥାଏ ।

### ୪. ରାଷ୍ଟ୍ରନୀତି ନର୍ଦ୍ଦେଶନାମା:

ମୌଳିକ ଅଧିକାର ବ୍ୟତୀତ ସମ୍ବିଧାନରେ ଅନ୍ୟ ଏକ ଭାଗ ରହିଛି ଯାହାକୁ ରାଷ୍ଟ୍ରନୀତି ନିର୍ଦ୍ଦେଶନାମା କୁହାଯାଏ। ଏହା ସମ୍ବିଧାନର ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ। ଏହାର ଲକ୍ଷ ହେଉଛି ଉନ୍ନତ ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ ଆଣିବା ଓ ରାଷ୍ଟ୍ରର ଆଇନ ଓ ନୀତିପ୍ରଣୟନ କ୍ଷେତ୍ରରେ ପଥପ୍ରଦର୍ଶକ ଭାବରେ କାର୍ଯ୍ୟ କରିବା, ଯାହାକି ଜନସାଧାରଣଙ୍କର ଦାରିଦ୍ର୍ୟ କମାଇବାସହ ସାମାଜିକ ପାର୍ଥକ୍ୟକୁ ଦୂର କରିବ। ପ୍ରକୃତରେ "ଭାରତ-ଏକ ଜନକଲ୍ୟାଣ ରାଷ୍ଟ୍ର" ଅଧ୍ୟାୟରେ ତୁମେ ଯାହା ପଢ଼ିଛ, ସେହି ବ୍ୟବସ୍ଥା ଗୁଡ଼ିକ ଗୋଟିଏ ଜନକଲ୍ୟାଣ ରାଷ୍ଟ୍ର ପ୍ରତିଷ୍ଠା ପାଇଁ ନିର୍ଦ୍ଦେଶିତ ହୋଇଛି ।

### ୫. ଅଖଣ୍ଡ ନ୍ୟାୟପାଳିକା:

ଯୁକ୍ତରାଷ୍ଟ୍ର ଆମେରିକା ଭଳି ଏକ ସଂଘୀୟ ରାଷ୍ଟ୍ରର ନ୍ୟାୟିକ ବ୍ୟବସ୍ଥା କୁ ଗ୍ରହଣ ନକରି ଭାରତ ଗୋଟିଏ ଅଖଣ୍ଡ ନ୍ୟାୟିକ ବ୍ୟବସ୍ଥା ପ୍ରବର୍ତ୍ତନ କରିଛି। ଯଦିଓ କେନ୍ଦ୍ର ସ୍ତରରେ ଉଚ୍ଚତମ ନ୍ୟାୟାଳୟ, ରାଜ୍ୟସ୍ତରରେ ଉଚ୍ଚନ୍ୟାୟାଳୟ ଓ ଜିଲ୍ଲା ଓ ତଳସ୍ତରରେ ଅଧସ୍ତନ ନ୍ୟାୟାଳୟ ରହିଛି। କିନ୍ତୁ ଏଠାରେ ଗୋଟିଏ ସଂଯୁକ୍ତ ସ୍ତରୀୟ ବିଚାର ବ୍ୟବସ୍ଥା ରହିଛି। ସର୍ବୋଚ୍ଚ ସ୍ତରରେ ରହିଛି ଉଚ୍ଚତମ ନ୍ୟାୟାଳୟ। ଏହି ସଂଯୁକ୍ତ ନ୍ୟାୟ ବ୍ୟବସ୍ଥାର ଲକ୍ଷ୍ୟ ହେଉଛି ସମସ୍ତ ନାଗରିକଙ୍କୁ ସମାନଭାବରେ ନ୍ୟାୟ ପ୍ରଦାନ କରିବା। ମୋଟ ଉପରେ ସାମ୍ବିଧାନିକ ବ୍ୟବସ୍ଥା ଭାରତୀୟ ନ୍ୟାୟ ପାଳିକାକୁ ସ୍ୱାଧୀନତା ପ୍ରଦାନ କରୁଛି ଯାହାଫଳରେ ଏହା କାର୍ଯ୍ୟନିର୍ବାହୀ ଓ ଆଇନ ପ୍ରଣୟନ ସଂସ୍ଥାର ପ୍ରଭାବରୁ ମୁକ୍ତ ।

### ୬. ଏକକ ନାଗରିକତ୍ୱ:

ଭାରତୀୟ ସମ୍ବିଧାନରେ ଏକକ ନାଗରିକତ୍ୱର ବ୍ୟବସ୍ଥା ରହିଛି। ତୁମେ ଜାଣକି ଏହା ଅର୍ଥ କ'ଣ ? ଏହାର ଅର୍ଥ ହେଉଛି, ପ୍ରତ୍ୟେକ ଭାରତୀୟ ତାଙ୍କର ବାସସ୍ଥାନ ବା ଜନ୍ମସ୍ଥାନ ଭାରତର ଯେଉଁ ସ୍ଥାନରେ ହୋଇଥାଉନା କାହିଁକି, ସେମାନେ ଭାରତର ନାଗରିକ। ଏହା ଯୁକ୍ତରାଷ୍ଟ୍ର ଆମେରିକ ଭଳି ନୁହେଁ କାରଣ, ସେଠାରେ ଦ୍ୱୈତନାଗରିକତ୍ୱ ପ୍ରଚଳିତ। ଜଣେ ଲୋକ ଯେଉଁ ରାଜ୍ୟରେ ବାସ କରୁଛି ସେ ସେହି ରାଜ୍ୟର ନାଗରିକ ଏବଂ ସେ ମଧ୍ୟ ଯୁକ୍ତରାଷ୍ଟ୍ର ଆମେରିକାର ନାଗରିକ। ଭାରତର ସମ୍ବିଧାନର ଏହି ବ୍ୟବସ୍ଥା ନିଶ୍ଚିତଭାବରେ ସମାନତା, ଏକତା ଓ ଅଖଣ୍ଡତା ବୈଶିଷ୍ଟ୍ୟ କାର୍ଯ୍ୟକାରି କରିଥାଏ।

### ୭. ସାର୍ବଜନୀନ ସାବାଳକ ଭୋଟପ୍ରଥା:

ସମ୍ବିଧାନର ଆଉ ଗୋଟିଏ ମୁଖ୍ୟ ବିଶେଷତ୍ୱ ହେଉଛି, ସମାନତା ଓ ନ୍ୟାୟର ପ୍ରତିଫଳନ। ପ୍ରତ୍ୟେକ ଭାରତୀୟ ନିର୍ଦ୍ଦିଷ୍ଟ ବୟସ (ବର୍ତ୍ତମାନ ୧୮ବର୍ଷ)ରେ ପହଞ୍ଚିଲା ପରେ ଭୋଟ ଦେବାର ଅଧିକାର ପ୍ରାପ୍ତହୁଅନ୍ତି। ଏଥିପାଇଁ ଧର୍ମ,ବର୍ଣ୍ଣ, ଜାତି, ଲିଙ୍ଗ, ବଂଶ ଏବଂ ଜନ୍ମସ୍ଥାନ ଆଧାରରେ କୌଣସି ପ୍ରଭେଦ କରାଯାଇ ପାରିବନାହିଁ । ଏହି ଅଧିକାରକୁ ସାର୍ବଜନୀନ ସାବାଳକ ପ୍ରଥା କୁହାଯାଏ ।

### ୮. ସଂଘୀୟ ବ୍ୟବସ୍ଥା ଓ ସଂସଦୀୟ ଆକାର ସରକାର:

ଭାରତୀୟ ସମ୍ବିଧାନରେ ଆଉଗୋଟିଏ ମୁଖ୍ୟ ବୈଶିଷ୍ଟ୍ୟ ହେଉଛି, ଏହା ଗୋଟିଏ ସଙ୍ଘୀୟ ରାଷ୍ଟ୍ର ଓ ଗଠନ ଦୃଷ୍ଟିରୁ ସଂସଦୀୟ ସରକାର। ଆମେ ଏହା ଉପରେ ବିଶଦ୍ ଭାବରେ ଆଲୋଚନା କରିବା । କିନ୍ତୁ ଏହା ଏଠାରେ ଲିପିବଦ୍ଧ କରିବା ଆବଶ୍ୟକ ଯେ, ସଂଘୀୟ ବ୍ୟବସ୍ଥା ରାଷ୍ଟ୍ରର ଏକତା ଓ ଅଖଣ୍ଡତା ଆଦି ସାମ୍ବିଧାନିକ ବୈଶିଷ୍ଟ୍ୟକୁ ପ୍ରତି ଫଳିତ କରେ ଏବଂ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି କ୍ଷମତାରବିକେନ୍ଦ୍ରୀ କରଣ ।

ସଂସଦୀୟ ସରକାରରେ ଦାୟିତ୍ୱ ଓ ସାର୍ବଭୌମତ୍ୱ ଜନସାଧାରଣଙ୍କ ହାତରେ ନ୍ୟସ୍ତ । ସଂସଦୀୟ ସରକାରର ପ୍ରାଥମିକ ନିୟମ ହେଉଛି କାର୍ଯ୍ୟନିର୍ବାହୀ ଜନସାଧାରଣଙ୍କର ପ୍ରତିନିଧିମାନଙ୍କୁ ନେଇ ଗଠିତ ଆଇନ ପ୍ରଣୟନକାରୀ ସଂସ୍ଥା ନିକଟରେ ଉତ୍ତର ଦାୟୀ ।

## ପାଠଗତ ପ୍ରଶ୍ନାବଳୀ ୧୫.୩

୧. ଭାରତୀୟ ସଂବିଧାନର ମୁଖ୍ୟ ବିଶେଷତ୍ୱ ଗୁଡ଼ିକ କ'ଣ ?

୨. ରାଷ୍ଟ୍ରନୀତି ନିର୍ଦ୍ଦେଶନାମାରେ କେଉଁ ସବୁ ସାମ୍ବିଧାନିକ ବୈଶିଷ୍ଟ୍ୟ ପ୍ରତିଫଳିତ ହୋଇଛି ?

୩. ଭାରତୀୟ ନ୍ୟାୟପାଳିକାକୁ ଏକ ଅଖଣ୍ଡ ନ୍ୟାୟପାଳିକା କୁହାଯାଏ କାହିଁକି ?

୪. ଏକକ ନାଗରିକତ୍ୱର ଅର୍ଥ କ'ଣ ?

## ୧୫.୩ ଭାରତର ସଂଘୀୟ ବ୍ୟବସ୍ଥା

ତୁମେ ଯାହା ଦେଖୁଛ, ଯେତେବେଳେ ଭାରତର ରାଜନୈତିକ ବ୍ୟବସ୍ଥାର ପ୍ରକୃତି, ଗଠନ, କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଏ, ଭାରତକୁ ଏକ ସଂଘୀୟ ରାଷ୍ଟ୍ରବୋଲି କୁହାଯାଏ । ପୃଥିବୀରେ ସାଧାରଣତଃ ଦୁଇ ପ୍ରକାର ରାଷ୍ଟ୍ର ଦେଖାଯାଏ ।ଯେଉଁ ରାଷ୍ଟ୍ରରେ ସମୁଦାୟ ଦେଶପାଇଁ ଗୋଟିଏ ସରକାର ରହିଥାଏ, ତାକୁ କେନ୍ଦ୍ରୀଭୂତ(Unitary)ରଷ୍ଟ୍ର କୁହାଯାଏ ଯୁକ୍ତରାଜ୍ୟ (UK)ରେ ଏହି କେନ୍ଦ୍ରୀଭୂତ ଶାସନ ପଦ୍ଧତି ପ୍ରଚଳିତ । କିନ୍ତୁ ଯୁକ୍ତରାଷ୍ଟ୍ର ଆମେରିକା ଏବଂ କାନାଡ଼ା ପ୍ରଭୃତି ରାଷ୍ଟ୍ରରେ ସରକାର ଦୁଇଟି ସ୍ତରରେ ରହିଛି । ଗୋଟିଏ କେନ୍ଦ୍ର ସ୍ତରରେ ଓ ଅନ୍ୟଟି ରାଜ୍ୟ ସ୍ତରରେ । ଦୁଇଟି ସ୍ତରର ସରକାର ବ୍ୟତୀତ ସଂଘୀୟ ବ୍ୟବସ୍ଥାରେ ଅନ୍ୟ ୩ଟି ବିଶେଷତ୍ତ୍ୱ ରହିଛି ।

୧. ଗୋଟିଏ ଲିଖିତ ସମ୍ବିଧାନ ।

୨. କେନ୍ଦ୍ରସରକାର ଓ ରାଜ୍ୟସରକାର ମଧ୍ୟରେ କ୍ଷମତାର ବିକେନ୍ଦ୍ରୀ କରଣ ।

୩. ସମ୍ବିଧାନରେ ତର୍ଜମା କରିବା ପାଇଁ ନ୍ୟାୟ ବିଭାଗର ସର୍ବୋଚ୍ଚ କ୍ଷମତା ।

ଭାରତର ଏହିସବୁ ବିଶେଷତ୍ୱ ଥାଇ ଏକ ସଂଘୀୟ ବ୍ୟବସ୍ଥା ପ୍ରଚଳିତ କିନ୍ତୁ ସେଥିରେ ସାମାନ୍ୟ ପାର୍ଥକ୍ୟ ରହିଛି । ଆମେ ବର୍ତ୍ତମାନ ଭାରତୀୟ ସଂଘୀୟ ବ୍ୟବସ୍ଥାର ବିଶେଷତ୍ୱ ବିଷୟରେ ଆଲୋଚନା କରିବା ।

### ୧୫.୩.୧ ଭାରତର ସଂଘୀୟ ବ୍ୟବସ୍ଥାର ବିଶେଷତ୍ୱ:

**୧. ଦ୍ୱିସ୍ତରୀୟ ସରକାର:** ତୁମେ ନିଶ୍ଚୟ ଶୁଣିଥିବ ଯେ, ଭାରତୀୟ ସମ୍ବିଧାନ ଦ୍ୱାରା ଦୁଇଟି ସ୍ତରର ସରକାର ଗଠନ କରାଯାଇଛି । ଗୋଟିଏ ସାରାଦେଶ ପାଇଁ ଯାହାକୁ କେନ୍ଦ୍ର ସରକାର ଏବଂ ଅନ୍ୟଟି ଗୋଟିଏ ଅଂଶ ବା ରାଜ୍ୟ ପାଇଁ ତାକୁ ରାଜ୍ୟସରକାର କୁହାଯାଏ । କେତେକ ସମୟରେ ତୁମେ ଭାରତର ଏକ ତ୍ରିସ୍ତରୀୟ ସରକାରର ସୂଚନା ଦେଖିବାକୁ ପାଇବ । କାରଣ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ବ୍ୟତୀତ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ପାଇଁ ସ୍ଥାନୀୟ ସରକାର ତୃତୀୟ ସ୍ତର ଭାବରେ ଗଠିତ । କିନ୍ତୁ ସାମ୍ବିଧାନିକ ଦୃଷ୍ଟିରୁ ଭାରତରେ ଦୁଇସ୍ତରୀୟ ସରକାର ରହିଛି । ସମ୍ବିଧାନରେ ସ୍ଥାନୀୟ ସରକାର ପାଇଁ କୌଣସି ସ୍ୱତନ୍ତ୍ର କ୍ଷମତା ପ୍ରଦାନର ବ୍ୟବସ୍ଥା ରହିନାହିଁ କାରଣ ଏହା ନିଜରାଜ୍ୟର ରାଜ୍ୟସରକାର ଅଧିନରେ କାର୍ଯ୍ୟକରେ ।

**୨. କ୍ଷମତାର ବିକେନ୍ଦ୍ରିକରଣ:** ଅନ୍ୟାନ୍ୟ ସଂଘୀୟ ରାଷ୍ଟ୍ରଭଳି, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କର ସାମ୍ବିଧାନିକ ଗୁରୁତ୍ୱ ରହିଛି ଏବଂ ସ୍ୱତନ୍ତ୍ର ସ୍ପଷ୍ଟ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାର କ୍ଷେତ୍ର ରହିଛି । ସମ୍ବିଧାନ ଏହି ଦୁଇ ସ୍ତରର ସରକାର ମଧ୍ୟରେ କ୍ଷମତାକୁ ସ୍ପଷ୍ଟଭାବେ ବଣ୍ଟନ କରିଛନ୍ତି । ତେଣୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିର୍ଦ୍ଦିଷ୍ଟ କାର୍ଯ୍ୟ ପରିସର ମଧ୍ୟରେ ସେମାନଙ୍କର କ୍ଷମତା ପ୍ରୟୋଗ କରିଥାନ୍ତି । ସେମାନଙ୍କ ମଧ୍ୟରୁ କେହି ନିଜର ସୀମା ଲଙ୍ଘନ କରିବାକୁ କିମ୍ବା ଅନ୍ୟକାର୍ଯ୍ୟ ପରିସର ମଧ୍ୟରେ ହସ୍ତକ୍ଷେପ କରିବାକୁ ଚେଷ୍ଟା କରନ୍ତି ନାହିଁ । ସମ୍ବିଧାନରେ ଏହି ବିଭାଜନ ତିନୋଟି ତାଲିକାରେ ନିର୍ଦ୍ଦିଷ୍ଟ କରାଯାଇଛି । ଯଥା କେନ୍ଦ୍ରତାଲିକା, ରାଜ୍ୟ ତାଲିକା ଓ ଯୁଗ୍ମତାଲିକା । କେନ୍ଦ୍ରତାଲିକା ୯୭ଟି





କେନ୍ଦ୍ରୀୟ ଗୁରୁତ୍ୱ ଥିବା ବିଷୟକୁ ନେଇ ଗଠିତ, ଯଥା ଯୁଦ୍ଧ ବିଭାଗ, ରେଳବିଭାଗ, ଡ଼ାକ ଓ ତାର ବିଭାଗ ଇତ୍ୟାଦି । ରାଜ୍ୟ ତାଲିକା ୬୬ଟି ସ୍ଥାନୀୟ ସ୍ୱାର୍ଥ ସମ୍ବଳିତ ବିଷୟକୁ ନେଇ ଗଠିତ, ଯଥା- ସାଧାରଣ ସ୍ୱାସ୍ଥ୍ୟ, ପୋଲିସ୍, ସ୍ଥାନୀୟ ସ୍ୱାୟତଶାସନ ସରକାର ପ୍ରଭୃତି ଯୁଗ୍ମ ତାଲିକା ୪୭ଟି ବିଷୟକୁ ନେଇ ଗଠିତ। ଯଥା ଶିକ୍ଷା, ବିଦ୍ୟୁତ୍, ଟ୍ରେଡ଼ୟୁନିୟନ, ଆର୍ଥିକ ଏବଂ ସାମାଜିକ ଯୋଜନା ପ୍ରଭୃତି। ଏହି ତାଲିକା ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଯୁଗ୍ମ କ୍ଷମତା ରହିଛି। ଯାହାହେଉ ସମ୍ବିଧାନ ଯେଉଁ କ୍ଷମତା ଗୁଡ଼ିକ କେନ୍ଦ୍ର ତାଲିକା, ରାଜ୍ୟ ତାଲିକା ଓ ଯୁଗ୍ମତାଲିକା ରେ ଅର୍ନ୍ତଭୁକ୍ତ ହୋଇନାହିଁ ତାକୁ କେନ୍ଦ୍ର ସରକାରକୁ ପ୍ରଦାନ କରିଛି। ସେହି କ୍ଷମତା ଗୁଡ଼ିକୁ ଅବଶିଷ୍ଟ କ୍ଷମତା (Residuary Power) କୁହାଯାଏ। ଯଦି କୌଣସି ସମୟରେ କ୍ଷମତ । ବଣ୍ଟନ ନେଇ ବିବାଦ ଦେଖାଦିଏ, ଏହା ନ୍ୟାୟାଳୟ ଦ୍ୱାରା ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁସାରେ ସମାଧାନ କରାଯାଏ।

୩. **ଲିଖିତ ସମ୍ବିଧାନ:** ଆମେ ପୂର୍ବରୁ ଯାହା ଦେଖୁଛେ, ଭାରତର ଗୋଟିଏ ଲିଖିତ ସମ୍ବିଧାନ ରହିଛି ଏବଂ ଏହା ହେଉଛି ସର୍ବୋଚ୍ଚ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପାଇଁ ଏହା ହେଉଛି କ୍ଷମତାର ଉତ୍ସ। ଏହି ସରକାର ଗୁଡ଼ିକ ତାଙ୍କ ନିଜ ଶାସନ ପରିସର ମଧ୍ୟରେ ସ୍ୱାଧୀନ ଅଟନ୍ତି। ସଂଘୀୟ ରାଷ୍ଟ୍ରର ଆଉଗୋଟିଏ ବିଶେଷତ୍ୱ ହେଉଛି, ଅନମନୀୟ ସମ୍ବିଧାନ। ଯଦିଓ ଭାରତ ସମ୍ବିଧାନ ଯୁକ୍ତରାଷ୍ଟ୍ର ସମ୍ବିଧାନ ଭଳି ଅନମନୀୟ ନୁହେଁ, ଏହା ନମନୀୟ ସମ୍ବିଧାନ ମଧ୍ୟ ନୁହେଁ । ଆଗରୁ ଯାହା କୁହାଯାଇଛ,ଏହା ନମନୀୟ ଓ ଅନମନୀୟତାର ଏକ ସ୍ୱତନ୍ତ୍ର ସମନ୍ୱୟ।

**? ତୁମେ ଜାଣ କି**

୧୭୭୮ ମସିହା, ଜୁନ୍ ୨୧ ଠାରୁ ଆମେରିକା ସମ୍ବିଧାନରେ ୨୭ଟି ସଂଶୋଧନ ପ୍ରସ୍ତାବ ଗୃହିତ ହୋଇଥିବା ବେଳେ, ଭାରତୀୟ ସମ୍ବିଧାନରେ ୧୯୫୦ ମସିହା ଜାନୁଆରୀ ୨୬ ତାରିଖଠାରୁ ୧୨୦ଟି ସଂଶୋଧନ ପ୍ରସ୍ତାବ ଆସିଛି ଓ ତନ୍ମଧ୍ୟରୁ ୨୦୧୩ ମସିହା ଜାନୁଆରୀ ମାସସୁଦ୍ଧା ୯୮ଟି ପ୍ରସ୍ତାବ ଆଇନରେ ପରିଣତ ହୋଇଛି।

୪. **ସ୍ୱାଧୀନ ନ୍ୟାୟପାଳିକା:-**

ସଂଘୀୟ ରାଷ୍ଟ୍ରର ଅନ୍ୟ ଏକ ବିଶେଷ ଗୁରୁତ୍ୱପୂର୍ଣ୍ଣ ବିଶେଷତ୍ୱ ହେଉଛି ସ୍ୱାଧୀନ ନ୍ୟାୟପାଳିକା ଯିଏକି ସମ୍ବିଧାନର ତର୍ଜମା କରେ ଓ ତାର ପବିତ୍ରତା ରକ୍ଷାକରେ। କେନ୍ଦ୍ର ସରକାର ଓ ରାଜ୍ୟସରକାର ମଧ୍ୟରେ ଥିବା ବିବାଦ ସମାଧାନ କରିବା ଭାରତ ଉଚ୍ଚତମ ନ୍ୟାୟାଳୟର ମୌଳିକ ଅଧିକାର। ଯଦି କୌଣସି ଆଇନ ସମ୍ବଧାନର ବିଧି ବ୍ୟବସ୍ଥାକୁ ବିରୋଧ କରୁଥାଏ, ତାକୁ ଏହା ଅସାମ୍ବିଧାନିକ ବୋଲି ଘୋଷଣା କରିପାରନ୍ତି। କେନ୍ଦ୍ର ସରକାର ଓ ରାଜ୍ୟ ସରକାର ମଧ୍ୟରେ କ୍ଷମତା ବିକେନ୍ଦ୍ରୀକରଣ ସମ୍ପର୍କରେ ଯଦି ସାମ୍ବିଧାନିକ ଓ ଆଇନଗତ ବିବାଦ ସୃଷ୍ଟି ହୁଏ, ତାକୁ ସମାଧାନ କରିବାର କ୍ଷମତା ନ୍ୟାୟିକ ବିଭାଗର ରହିଛି।

## ୧୫.୩.୨ ଭାରତୀୟ ସଂଘୀୟ ବ୍ୟବସ୍ଥା ଓ ଏକ ଦୃଢ଼ କେନ୍ଦ୍ର ସରକାର:

ଉପରୋକ୍ତ ବ୍ୟବସ୍ଥା ଦୃଷ୍ଟିରୁ ଭାରତୀୟ ପଦ୍ଧତିରେ ସଂଘୀୟ ପଦ୍ଧତିର ସମସ୍ତ ବିଶେଷତ୍ୱ ଦୃଷ୍ଟିଗୋଚର ହୁଏ। "ଭାରତର ସମ୍ବିଧାନ ଗଠନ ଦୃଷ୍ଟିରୁ ସଂଘୀୟ, କିନ୍ତୁ ଭାବନାରେ ଏହା କେନ୍ଦ୍ରିୟ"। ଏହି ବକ୍ତବ୍ୟକୁ ତୁମେ ପାଠ କରିଛକି ? ପ୍ରକୃତ ପକ୍ଷେ ଭାରତୀୟ ସଂଘୀୟ ପଦ୍ଧତିରେ ଗୋଟିଏ ଦୃଢ଼ କେନ୍ଦ୍ର ସରକାର ରହିଛି। ସ୍ୱାଧୀନତା ସମୟର ପ୍ରଚଳିତ ପରିସ୍ଥିତି ଓ ସାମାଜିକ, ରାଜନୈତିକ ପରିସ୍ଥିତି ଦୃଷ୍ଟିରେ ରଖି ବଡ଼ ସୁଚିନ୍ତିତ ଭାବରେ ଏହା କରାଯାଇଛି। ଆୟତନ ଦୃଷ୍ଟିରୁ ଭାରତ ଏକ ବିରାଟ ଦେଶ। ଏହା ଛଡ଼ା ଏଠାରେ ବହୁ ପାର୍ଥକ୍ୟ ଓ ସାମାଜିକ ବହୁତ୍ୱ ରହିଛି। ସମ୍ବିଧାନ ପ୍ରଣେତାମାନେ ଭାବିଥିଲେ ଯେ, ଆମେ ଗୋଟିଏ ସଂଘୀୟ ସମ୍ବିଧାନ ଚାହୁଁ ଯାହାକି ଏହି ବିଭେଦ ଓ ବହୁତ୍ୱର ସମାଧାନ କରିପାରିବ। କିନ୍ତୁ ଭାରତ ସ୍ୱାଧୀନ ହେଲାପରେ ଏହା ଏକତା ଓ ଅଖଣ୍ଡତା ରକ୍ଷା କରିବା ଓ ସାମାଜିକ ଅର୍ଥନୈତିକ ଓ ରାଜନୈତିକ ପରିବର୍ତ୍ତନ ଆଣିବାକୁ

ବହୁ ସମସ୍ୟାର ସମ୍ମୁଖିନ ହେଲା। ସେତେବେଳେ କେନ୍ଦ୍ରର ଏପରି କ୍ଷମତା ଆବଶ୍ୟକ ପଡୁଥିଲା କାରଣ ସ୍ୱାଧୀନତା ସମୟରେ ଭାରତ ଇଂରେଜ ମାନଙ୍କ ଦ୍ୱାରା ବିଭାଜିତ ହୋଇଥିବା କେତେକ ରାଜ୍ୟ ସହିତ ପ୍ରାୟ୫୦୦ରୁ ଅଧିକ ରାଜାମାନଙ୍କ ଶାସିତ ରାଜ୍ୟଥିଲା ଯାହାକୁ ସେତେବେଳେ ଥିବା ରାଜ୍ୟସହ ମିଶାଇବାକୁ କିମ୍ବା ନୂତନରାଜ୍ୟ ଗଠନ କରିବାକୁ ଆବଶ୍ୟକ ପଡୁଥିଲା।

ପ୍ରକୃତରେ କେନ୍ଦ୍ରସରକାରକୁ ବହୁ ସୁଚିନ୍ତିତ ଭାବରେ ଶକ୍ତିଶାଳୀ କରାଯାଇଥିଲା। ଏକତା ପ୍ରତି ଗୁରୁତ୍ୱ ଦେବା ସହିତ ସମ୍ବିଧାନ ପ୍ରଣେତାମାନେ ବିଶ୍ୱାସ କରୁଥିଲେ ଯେ, ଦେଶର ସାମାଜିକ ଓ ଅର୍ଥନୈତିକ ସମସ୍ୟା ଗୋଟିଏ ଦୃଢ଼ କେନ୍ଦ୍ର ସରକାର ରାଜ୍ୟମାନଙ୍କ ସହ ଉତ୍ତମ ସମ୍ପର୍କ ରକ୍ଷା କରି ପରିଚାଳନା କରିବା ଆବଶ୍ୟକ। ଦାରିଦ୍ର୍ୟ, ନିରକ୍ଷରତା, ସାମାଜିକ ଅସମତା, ଆର୍ଥିକ ଅସମତା ପ୍ରଭୃତି କେତେକ ସମସ୍ୟା ଥିଲା ଯାହାକି ଗୋଟିଏ ସଂଗଠିତ ଯୋଜନା ଓ ସମନ୍ୱୟ ଆବଶ୍ୟକ କରୁଥିଲା। ତେଣୁ ଏକତା ଓ ବିକାଶ ପ୍ରତି ଆଗ୍ରହ ସମ୍ବିଧାନ ପ୍ରଣେତା ମାନଙ୍କୁ ଗୋଟିଏ ଶକ୍ତିଶାଳୀ କେନ୍ଦ୍ରସରକାର ସୃଷ୍ଟି କରିବାକୁ ଆଗ୍ରହୀ କଲା ।

ବର୍ତ୍ତମାନ ଦେଖିବା ଗୋଟିଏ ଶକ୍ତିଶାଳୀ କେନ୍ଦ୍ର ସରକାର ଗଠନପାଇଁ କେଉଁ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥାଗୁଡ଼ିକ ରହିଛି।

୧. ସମ୍ବିଧାନର ପ୍ରଥମ ଧାରା ସୂଚୀତ କରେଯେ, ଭାରତରେ ସଙ୍ଘୀୟ ବ୍ୟବସ୍ଥା କାର୍ଯ୍ୟ କରୁଛି କିନ୍ତୁ ଭିନ୍ନରୂପରେ। ଏହା ପ୍ରକାଶ କରେଯେ, ଭାରତ "ଗୋଟିଏ ରାଷ୍ଟ୍ର ସଂଘ"। ସମ୍ବିଧାନର କୌଣସି ସ୍ଥାନରେ ଭାରତକୁ ରାଷ୍ଟ୍ର ସଂଘ ବୋଲି କୁହାଯାଇ ନାହିଁ। କେନ୍ଦ୍ର ସରକାରର ସମୁଦାୟ ଭାରତୀୟ ଅଞ୍ଚଳ ଉପରେ ସଂପୂର୍ଣ୍ଣ କ୍ଷମତା ରହିଛି। ରାଜ୍ୟ ଗୁଡ଼ିକର ଅବସ୍ଥିତି ସହ ସେମାନଙ୍କର ଆଞ୍ଚଳିକ ଅଖଣ୍ଡତା ସଂସଦ ଉପରେ ନ୍ୟସ୍ତ। କୌଣସି ରାଜ୍ୟରୁ କିଛି ଅଞ୍ଚଳ ଅଲଗା କରି ନୂତନ ରାଜ୍ୟ ଗଠନ କରିବା କିମ୍ବା ଦୁଇ ବା ତତୋଧିକ ରାଜ୍ୟକୁ ମିଶାଇବା କ୍ଷମତା କେବଳ କେନ୍ଦ୍ରର ରହିଛି। ଏହା ମଧ୍ୟ ଗୋଟିଏ ରାଜ୍ୟର ସୀମାରେଖା ଓ ତାର ନାମ ପରିବର୍ତ୍ତନ କରି ପାରିବ। ଯାହାହେଉ ସମ୍ବିଧାନରେ କେତେକ ସୁରକ୍ଷା ପ୍ରଦାନ କରାଯାଇଛି। ଏହି ସିଦ୍ଧାନ୍ତ ଗ୍ରହଣ କାଳାବେଳେ କେନ୍ଦ୍ରସରକାର ସଂପୃକ୍ତ ରାଜ୍ୟ ସରକାରର ମତାମତ ଉପରେ ଗୁରୁତ୍ୱ ଦେବେ।

**? ତୁମେ ଜାଣ କି**

ସ୍ୱାଧୀନତା ପରେ ବହୁସଂଖ୍ୟାରେ ନୂତନ ରାଜ୍ୟ ଗଠିତହେଲା । ୨୦୦୦-୨୦୦୧ ମସିହାରେ ପୁରୁଣା ରାଜ୍ୟର ବିଭାଜନ ଘଟି ତିନୋଟି ନୂତନ ରାଜ୍ୟ ସୃଷ୍ଟି ହେଲା । ଯଥା- ମଧ୍ୟପ୍ରଦେଶରୁ ଛତିଶଗଡ଼, ବିହାରରୁ ଝାଡ଼ଖଣ୍ଡ ଓ ଉତ୍ତର ପ୍ରଦେଶରୁ ଉତ୍ତରାଖଣ୍ଡ। ଏହା କରିବା ପାଇଁ ଅନେକ ଗୁଡ଼ିଏ କାରଣ ରହିଛି, ସେଥିରୁ ଗୋଟିଏ ହେଉଛି ଏହି ଅଞ୍ଚଳଗୁଡ଼ିକର ବିକାଶ ଧାରାର ମନ୍ଥର ଗତି।

୨. ଦ୍ୱିତୀୟତଃ କ୍ଷମତାର ବିକେନ୍ଦ୍ରୀକରଣ ମଧ୍ୟ କେନ୍ଦ୍ର ସରକାର ସପକ୍ଷରେ ରହିଲା । ସମସ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ କେନ୍ଦ୍ର ତାଲିକାରେ ରହିଛି ଓ ଯୁଗ୍ମତାଲିକା ସମ୍ପର୍କରେ ସମ୍ବିଧାନ କେନ୍ଦ୍ର ରାଜ୍ୟ ଉପରେ ପ୍ରାଧାନ୍ୟ ବିସ୍ତାର କରିବାର ଅଧିକାର ଦେଇଛି । ଯଦି କୌଣସି ପରିସ୍ଥିତିରେ ଯୁଗ୍ମତାଲିକାଭୁକ୍ତ ବିଷୟରେ ଆଇନ ପ୍ରଣୟନ ସମୟରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବିବାଦ ଦେଖାଦିଏ, ତେବେ ସଂସଦ ଦ୍ୱାରା ପ୍ରସ୍ତୁତ ଆଇନ ବଳବତ୍ତର ରହିବ। ଯଦି କେନ୍ଦ୍ର ସରକାର ଆଇନ କରିବା ଆବଶ୍ୟକ ପଡ଼େ, ତେବେ ସଂସଦ ରାଜ୍ୟ ତାଲିକାଭୁକ୍ତ ବିଷୟ ଉପରେ ମଧ୍ୟ ଆଇନ ପ୍ରଣୟନ କରିପାରିବେ। ଏହା କେବଳ ସମ୍ଭବ ହୋଇପାରେ ଯଦି ରାଜ୍ୟ ସଭା ଏହି ପଦକ୍ଷେପକୁ ସ୍ୱୀକୃତି ଦିଏ ।

୩. ତୃତୀୟତଃ ସଂଘୀୟ ପଦ୍ଧତି ନ୍ୟାୟାଳୟର ଦ୍ୱୈତ ପଦ୍ଧତି କାର୍ଯ୍ୟକାରୀ କରିଥାଏ। କିନ୍ତୁ ଭାରତରେ ଏକ କେନ୍ଦ୍ରୀୟ ଓ ଅଖଣ୍ଡ ନ୍ୟାୟପାଳିକା ରହିଛି ଯାହାର ଶୀର୍ଷରେ ଉଚ୍ଚତମ ନ୍ୟାୟାଳୟ ରହିଛି।

୪. ଚତୁର୍ଥତଃ କେନ୍ଦ୍ର ସରକାର ବିଶେଷ ଶକ୍ତିଶାଳୀ ହୋଇଥାଏ ଯେତେବେଳେ ତିନିପ୍ରକାର ଜରୁରୀକାଳୀନ ଅବସ୍ଥାରୁ ଗୋଟିଏ ଘୋଷଣା କରାଯାଇଥାଏ। ଜରୁରୀକାଳୀନ ଅବସ୍ଥା ଆମର ସଂଘୀୟ ପଦ୍ଧତିକୁ

ବିଶେଷ କରି କେନ୍ଦ୍ରୀୟ ପଦ୍ଧତିକୁ ବଦଳାଇ ଦେଇଥାଏ। ସଂସଦ ମଧ୍ୟ ରାଜ୍ୟ ଅଧିକାରରେ ଥିବା ବିଷୟ ଉପରେ ଆଇନ ପ୍ରଣୟନ କରିବାର ଅଧୀକାର ପ୍ରାପ୍ତ ହୋଇଥାଆନ୍ତି। ଅନ୍ୟ ଏକ ପରସ୍ଥିତିରେ ଯଦି କୌଣସି ରାଜ୍ୟ ବା ତା'ର କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳରେ କୌଣସି ଗଣ୍ଡଗୋଳ ଦେଖାଦିଏ, ତେବେ କେନ୍ଦ୍ର ସରକାର କେନ୍ଦ୍ରୀୟ ସାମରିକ ବାହିନୀ ରାଜ୍ୟକୁ କିମ୍ବା ରାଜ୍ୟର ଗଣ୍ଡଗୋଳ ହୋଇଥିବା ଅଞ୍ଚଳକୁ ପଠାଇପାରିବେ।

୫. ରାଜ୍ୟସ୍ତରର ଶାସନ ସମ୍ପର୍କରେ ପାଠ କଲାବେଳେ ତୁମେ ପଢ଼ିଛ ଯେ, ରାଜ୍ୟର ରାଜ୍ୟପାଳ ଭାରତର ରାଷ୍ଟ୍ରପତି (କେନ୍ଦ୍ରସରକାର)ଙ୍କ ଦ୍ୱାରା ନିଯୁକ୍ତି ପାଇଥାନ୍ତି। ଯଦି ରାଜ୍ୟରେ ସାମ୍ବିଧାନିକ ଅଚଳାବସ୍ଥା ସୃଷ୍ଟି ହୁଏ, ସେ ସମ୍ପର୍କରେ ରାଷ୍ଟ୍ରପତିଙ୍କୁ ରିପୋର୍ଟ ଦେବା ସହ ରାଷ୍ଟ୍ରପତି ଶାସନ ଜାରୀ କରିବାକୁ ସୁପାରିଶ କରିବାର ଅଧିକାର ରାଜ୍ୟପାଳଙ୍କର ରହିଛି। ଯେତେବେଳେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରୀ କରାଯାଏ, ରାଜ୍ୟ ମନ୍ତ୍ରୀମଣ୍ଡଳକୁ ବରଖାସ୍ତ କରାଯାଏ ଓ ରାଜ୍ୟପାଳ କେନ୍ଦ୍ରସରକାରଙ୍କର ପ୍ରତିନିଧି ଭାବରେ ରାଜ୍ୟ ଶାସନ କରନ୍ତି। ରାଜ୍ୟ ବିଧାନସଭାକୁ ମଧ୍ୟ ଭାଙ୍ଗି ଦିଆଯାଇପାରେ କିମ୍ବା ନିଲମ୍ବିତ କରାଯାଇପାରେ। ସାଧାରଣ ପରସ୍ଥିତିରେ ମଧ୍ୟ ରାଜ୍ୟ ବ୍ୟବସ୍ଥାପକ ଦ୍ୱାରା ପାରିତ ହୋଇଥିବା ବିଲ୍‌କୁ ଅଟକାଇ ରଖି ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇଁ ପଠାଇବାକୁ ରାଜ୍ୟପାଳଙ୍କର କ୍ଷମତା ଅଛି। ଏହାଦ୍ୱାରା କେନ୍ଦ୍ରସରକାରଙ୍କୁ ବିଲ୍‌କୁ ବିଳମ୍ବ କରିବା, ବିଲ୍‌କୁ ପରୀକ୍ଷା କରିବା କିମ୍ବା ସମ୍ପୂର୍ଣ୍ଣ ଭାବରେ ସ୍ୱତନ୍ତ୍ର କ୍ଷମତା ପ୍ରୟୋଗ କରି ବନ୍ଦ କରିଦେବା ପାଇଁ ସୁଯୋଗ ମିଳେ।

୬. କେନ୍ଦ୍ରସରକାରଙ୍କର ଖୁବ୍ ପ୍ରଭାବଶାଳୀ ଆର୍ଥିକ କ୍ଷମତା ଓ ଦାୟିତ୍ୱ ରହିଛି। ପ୍ରଥମତଃ ଯେଉଁ ବିଭାଗରୁ ଅଧିକ ଟିକସ ମିଳିବ, ତାହା କେନ୍ଦ୍ର ସରକାରଙ୍କ ଅଧିନରେ। ରାଜ୍ୟଗୁଡ଼ିକ ମୁଖ୍ୟତଃ କେନ୍ଦ୍ରସରକାରର ଅନୁଦାନ ଓ ଆର୍ଥିକ ସହାୟତା ଉପରେ ନିର୍ଭରଶୀଳ। ମୋଟ ଉପରେ ସ୍ୱାଧୀନତା ପରେ ଦ୍ରୁତ ଆର୍ଥିକ ବିକାଶ ପାଇଁ ଭାରତ ଯୋଜନାକୁ ଅସ୍ତ୍ରଭାବରେ ବ୍ୟବହାର କଲା। ଏହା ଏକପ୍ରକାରର ସିଦ୍ଧାନ୍ତଗ୍ରହଣ କ୍ଷେତ୍ରରେ କେନ୍ଦ୍ରୀକରଣ ବୋଲି ବିବେଚନା କରାଯାଏ ।

୭. ସର୍ବଶେଷରେ ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁସାରେ କେନ୍ଦ୍ରର କାର୍ଯ୍ୟକାରିଣୀ କ୍ଷମତା ରାଜ୍ୟଠାରୁ ଅଧିକ। କେନ୍ଦ୍ର ସରକାର ମଧ୍ୟ ରାଜ୍ୟ ସରକାରକୁ ଉପଦେଶ ଦେଇପାରନ୍ତି। ମୋଟ ଉପରେ ଆମର ଗୋଟିଏ ଅବିଭକ୍ତ ଶାସନ ବ୍ୟବସ୍ଥା ରହିଛି। ସାରା ଭାରତୀୟ ସେବା (ଆଇଏଏସ୍) ଭାରତର ସବୁ ଅଞ୍ଚଳ ପାଇଁ ସମାନ ଏବଂ ସେହି ଚାକିରି ପାଇଁ ବଛାଯାଉଥିବା ଅଧିକାରୀମାନେ ମଧ୍ୟ ରାଜ୍ୟ ଶାସନ କ୍ଷେତ୍ରରେ କାର୍ଯ୍ୟ କରନ୍ତି। ତେଣୁ ଜଣେ ଆଇଏଏସ୍ ଅଧିକାରୀ ଯେ କି ଜିଲ୍ଲାପାଳ ହୁଅନ୍ତି କିମ୍ବା ଆଇପିଏସ୍ ଅଧିକାରୀ ଯେ କି ପୋଲିସ କମିଶନର ଭାବରେ କାର୍ଯ୍ୟକରନ୍ତି, ସମସ୍ତେ କେନ୍ଦ୍ରସରକାରଙ୍କ ଅଧିନରେ ରହନ୍ତି। ରାଜ୍ୟଗୁଡ଼ିକ ଇଚ୍ଛାକଲେ ସେମାନଙ୍କ ବିରୁଦ୍ଧରେ କୌଣସି ଶୃଙ୍ଖଳାଭଙ୍ଗ କାର୍ଯ୍ୟାନୁଷ୍ଠାନ ନେଇପାରିବେ ନାହିଁ କିମ୍ବା ଚାକିରିରୁ ବହିଷ୍କାର କରିପାରିବେ ନାହିଁ।

ଉପର ଆଲୋଚନାରୁ ଏହା ସ୍ପଷ୍ଟ ଯେ ରାଜ୍ୟଗୁଡ଼ିକର ସ୍ୱାର୍ଥ ବିନିମୟରେ କେନ୍ଦ୍ର ପ୍ରତି ଅଧିକ ଜୋରରେ ସମର୍ଥନ ଦିଆଯାଇଛି। ରାଜ୍ୟଗୁଡ଼ିକୁ କେନ୍ଦ୍ର ସହ ସହଯୋଗ ରକ୍ଷା କରି କାର୍ଯ୍ୟ କରିବାକୁ ହେବ। ଭାରତୀୟ ସମ୍ବିଧାନ ଗଠନଦୃଷ୍ଟିରୁ ସଂଘୀୟ କିନ୍ତୁ ଚେତନାରେ ଏହା କେନ୍ଦ୍ରୀଭୂତ। ସମ୍ବିଧାନବିତ୍‌ମାନେ ଏହାକୁ 'ଅର୍ଦ୍ଧ ସଂଘୀୟ' ପଦ୍ଧତି ବୋଲି କହନ୍ତି।

## କାର୍ଯ୍ୟ ୧୫.୪

ବହି ପଢ଼, ଇଣ୍ଟରନେଟ୍ ଦେଖ ଏବଂ ଭାରତର ରାଜ୍ୟମାନଙ୍କର ଏକ ତାଲିକା କର ଏବଂ କେଉଁ ବର୍ଷ କେଉଁ ରାଜ୍ୟ ସୃଷ୍ଟି ହୋଇଥିଲା ଲେଖ ।

## ୧୫.୩.୩ ରାଜ୍ୟଗୁଡ଼ିକୁ ଅଧିକ ସ୍ୱାଧୀନତା ପାଇଁ ଦାବୀ

ଗତ ୬୦ ବର୍ଷ ଧରି ଭାରତୀୟ ରାଷ୍ଟ୍ରସଂଘର କାର୍ଯ୍ୟକାରିତା ସ୍ପଷ୍ଟଭାବରେ ପ୍ରଦର୍ଶନ କରେ ଯେ, କେନ୍ଦ୍ରୀଭୂତ ସଂଘୀୟ ବ୍ୟବସ୍ଥା ଫଳରେ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ମଧ୍ୟରେ ସମ୍ପର୍କ ସବୁବେଳେ ବନ୍ଧୁତ୍ୱପୂର୍ଣ୍ଣ ନୁହେଁ । ଏହା ଅତି ସାଧାରଣ ଯେ, ରାଜ୍ୟଗୁଡ଼ିକ ରାଜ୍ୟ ଓ ଦେଶ ଶାସନରେ ଅଧିକ କ୍ଷମତା ଓ ଅଧିକାର ପାଇବାକୁ ଆଶାକରିବେ। ଥରକୁ ଥର ରାଜ୍ୟଗୁଡ଼ିକ ତାଙ୍କୁ ଅଧିକ କ୍ଷମତା ଓ ସ୍ୱାଧୀନତା ଦେବାକୁ ଦାବିକରିବେ। ଏହାର ସମାଧାନର ପନ୍ଥା ବାହାର କରିବା ପାଇଁ 'ଶାସନଗତ ସଂସ୍କାର କମିଶନ', 'ସରକାରିଆ କମିଶନ' ଏବଂ ଆହୁରି ଅନେକ କମିଶନ ଭାରତ ସରକାରଙ୍କ ଦ୍ୱାରା ବସାଯାଇଛି ଏବଂ କେନ୍ଦ୍ର ଓ ରାଜ୍ୟ ସମ୍ପର୍କ ନେଇ ମାର୍ଚ୍ଚ ୨୦୧୦ରେ ସର୍ବଶେଷ କମିଶନ ବସିଥିଲା।

ବିଭିନ୍ନ କମିଶନର ମୌଳିକ ଗୁରୁତ୍ୱପୂର୍ଣ୍ଣ ସୁପାରିଶ ଏଥିରେ ଏକମତ ଯେ, ସମ୍ବିଧାନର ମୌଳିକ ଗଠନରେ କୌଣସି ପରିବର୍ତ୍ତନର ଆବଶ୍ୟକତା ନାହିଁ। ଯାହାହେଉ ଗୋଟିଏ ସ୍ଥାୟୀ Inter State Council ର ଆବଶ୍ୟକତା ଅନୁଭବ କରାଯାଉଛି। ଏହାଛଡ଼ା ଏହା ଆଶାକରାଯାଏ ଯେ, ଉଭୟ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ପଛୁଆ ଅଞ୍ଚଳର ବିକାଶ ପାଇଁ ଆଗ୍ରହ ପ୍ରକାଶ କରିବା ଉଚିତ। ଯଦି ଯୋଜନାବଦ୍ଧ ଭାବରେ ଏହି ପଛୁଆଅଞ୍ଚଳର ଆର୍ଥିକ ବିକାଶ କାର୍ଯ୍ୟ ଆରମ୍ଭ ହୁଏ, ତେବେ ଏହି ବିଚ୍ଛିନ୍ନତାବାଦୀ ମନୋବୃତ୍ତି ଆପେ ଆପେ କମିଯିବ। କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଥିବା ପାର୍ଥକ୍ୟ ପାରସ୍ପରିକ ଆଲୋଚନା ଦ୍ୱାରା ସମାଧାନ ହେବା ଉଚିତ। ଅଧିକ ଆର୍ଥିକ ସମ୍ବଳ ରାଜ୍ୟମାନଙ୍କୁ ଦେବା ପାଇଁ ରାଜ୍ୟମାନଙ୍କର ଦାବିକୁ ଅଧିକ ସମର୍ଥନ ମିଳୁଛି। ଦେଶରେ କେନ୍ଦ୍ର ଓ ରାଜ୍ୟ ସମ୍ପର୍କରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ଅର୍ଥନୈତିକ ଉଦାରତା ଓ ଉପଯୁକ୍ତ ସଂଶୋଧନ ପାଇଁ ସୁପାରିଶ କରାଯାଇଛି।

### କାର୍ଯ୍ୟ ୧୫.୫

ଗତ ପାଞ୍ଚ ବର୍ଷ ଧରି ବର୍ତ୍ତମାନ ରାଜ୍ୟର ଗୋଟିଏ ଅଂଶକୁ ପୃଥକ୍ କରି ଏକ ସ୍ୱତନ୍ତ୍ର ରାଜ୍ୟ କରିବା ପାଇଁ ଗୋଟିଏ ତୀବ୍ର ବିଦ୍ରୋହ ଲାଗିରହିଛି। ସେହି ରାଜ୍ୟକୁ ଚିହ୍ନଟ କର। ଏହି ଦାବିର କାରଣଗୁଡ଼ିକ ଲେଖ। ସେହି ଅଞ୍ଚଳର ରାଜନୈତିକ ନେତାମାନେ ୨୦୧୧ ମେ ମାସରୁ ସେପ୍ଟେମ୍ବର ମାସ ଭିତରେ ନେଇଥିବା ମୁଖ୍ୟ ପଦକ୍ଷେପଗୁଡ଼ିକ ସୂଚିତ କର।

### ପାଠଗତ ପ୍ରଶ୍ନାବଳୀ ୧୫.୪

୧. ସଂଘୀୟ ପଦ୍ଧତିର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ କ'ଣ ?

୨. ଦୁଇଟି କାରଣ ଦର୍ଶାଅ କାହିଁକି କୁହାଯାଇଛି 'ଭାରତ ଗଠନ ଦୃଷ୍ଟିରୁ ସଂଘୀୟ କିନ୍ତୁ ଚିନ୍ତାଧାରାରେ କେନ୍ଦ୍ରୀୟ'।

୩. ଛତିଶଗଡ଼, ଝାଡ଼ଖଣ୍ଡ ଓ ଉତ୍ତରାଖଣ୍ଡ ୨୦୦୦-୨୦୦୧ରେ ଗଠିତ ହୋଇଥିଲା। ସେଗୁଡ଼ିକ କେଉଁ ରାଜ୍ୟରୁ ଅଲଗା ହେଲେ ? ସେଗୁଡ଼ିକ କାହିଁକି ସୃଷ୍ଟି ହେଲା କାରଣ ଦର୍ଶାଅ।

## ୧୫.୪ ଭାରତରେ ସଂସଦୀୟ ସରକାର

ଭାରତର ରାଜନୈତିକ ପଦ୍ଧତିର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଶେଷତ୍ୱ ହେଉଛି ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରରେ ସଂସଦୀୟ ସରକାର। ସାଧାରଣତଃ ସରକାର ଦୁଇ ପ୍ରକାରର ଯଥା - ରାଷ୍ଟ୍ରପତି ପ୍ରଧାନ ଓ ସଂସଦୀୟ। ରାଷ୍ଟ୍ରପତି ପ୍ରଧାନ ପଦ୍ଧତିରେ ସରକାରର ୩ଟି ଯାକ ଅଂଶ ପରସ୍ପର ସ୍ୱାଧୀନ। ସେଠାରେ କାର୍ଯ୍ୟନିର୍ବାହୀ ଓ ଆଇନ ପ୍ରଣୟନ ବିଭାଗ ଭିତରେ ବିଶେଷ ସମ୍ପର୍କ ନଥାଏ। ଯୁକ୍ତରାଷ୍ଟ୍ର ଆମେରିକାରେ ରାଷ୍ଟ୍ରପତି ପ୍ରଧାନ

ସରକାର ପ୍ରଚଳିତ। କିନ୍ତୁ ସଂସଦୀୟ ସରକାରରେ କାର୍ଯ୍ୟନିର୍ବାହୀ ଓ ଆଇନପ୍ରଣୟନ ସଂସ୍ଥା ମଧ୍ୟରେ ନିବିଡ଼ ସମ୍ପର୍କ ରହିଥାଏ। ଯୁକ୍ତ ରାଜ୍ୟରେ ସଂସଦୀୟ ସରକାର ପ୍ରଚଳିତ। ପ୍ରକୃତ ପକ୍ଷେ ଭାରତୀୟ ସମ୍ବିଧାନ ପ୍ରଣେତାମାନେ ବ୍ରିଟିଶ ଢାଞ୍ଚାକୁ ଗ୍ରହଣ କରିଥିଲେ କାରଣ ୧୯୪୭ ମସିହା ପୂର୍ବରୁ ଭାରତରେ ଯେଉଁ ପଦ୍ଧତିର ସରକାର ପ୍ରଚଳିତ ଥିଲା ତାହା ବହୁ ପରିମାଣରେ ବ୍ରିଟିଶ ସଂସଦୀୟ ସରକାରର ଅନୁରୂପ ଥିଲା। ଭାରତରେ ଉଭୟ କେନ୍ଦ୍ର ଓ ରାଜ୍ୟସ୍ତରରେ ସଂସଦୀୟ ସରକାର ପ୍ରଚଳିତ। ଭାରତୀୟ ପଦ୍ଧତି ସଂସଦୀୟ ସରକାରର ସମସ୍ତ ମୁଖ୍ୟ ବିଶେଷତ୍ୱକୁ ପ୍ରତିଫଳିତ କରିଥାଏ। ଯଥା-(୧) ଆଇନ ପ୍ରଣୟନ ସଂସ୍ଥା ଓ କାର୍ଯ୍ୟନିର୍ବାହୀ ମଧ୍ୟରେ ନିବିଡ଼ ସମ୍ପର୍କ। (୨) କାର୍ଯ୍ୟନିର୍ବାହୀର ଆଇନ ପ୍ରଣୟନ ବିଭାଗ ପ୍ରତି ଦାୟିତ୍ୱ। (୩) ରାଷ୍ଟ୍ର ମୁଖ୍ୟ ଜଣେ ନାମମାତ୍ର କାର୍ଯ୍ୟନିର୍ବାହୀ ଓ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ ମନ୍ତ୍ରୀପରିଷଦ ପ୍ରକୃତ କାର୍ଯ୍ୟନିର୍ବାହୀ।



ଚିତ୍ର ୧୫.୨ ଭାରତର ସଂସଦ

## ୧. ଆଇନ ପ୍ରଣୟନକାରୀ ସଂସ୍ଥା ଓ କାର୍ଯ୍ୟନିର୍ବାହୀ ମଧ୍ୟରେ ନିବିଡ଼ ସମ୍ପର୍କ :

ଭାରତରେ କାର୍ଯ୍ୟନିର୍ବାହୀ ଅର୍ଥାତ୍ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ ମନ୍ତ୍ରୀପରିଷଦ ଓ ଆଇନ ପ୍ରଣୟନକାରୀ ସଂସ୍ଥା ଅର୍ଥାତ୍ ସଂସଦ ମଧ୍ୟରେ ନିବିଡ଼ ସମ୍ପର୍କ ରହିଛି। କେବଳ ସଂଖ୍ୟାଗରିଷ୍ଠ ଦଳର ନେତା ବା ମିଳିତ ଦଳର ନେତାଙ୍କୁ ପ୍ରଧାନମନ୍ତ୍ରୀ ଭାବରେ ନିଯୁକ୍ତି ଦିଆଯାଇପାରିବ। ସମସ୍ତ ମନ୍ତ୍ରୀପରିଷଦର ସଦସ୍ୟ ସଂସଦର ସଦସ୍ୟ ଅଟନ୍ତି। କେବଳ ମନ୍ତ୍ରିପରିଷଦର ଉପଦେଶରେ ରାଷ୍ଟ୍ରପତି ସଂସଦର ଉଭୟ ସଦନର ଅଧିବେଶନ ଆହୂତ କରନ୍ତି କିମ୍ବା ମୁଲତବୀ କରିପାରନ୍ତି ଏବଂ ଲୋକସଭାକୁ ଭଙ୍ଗ କରିପାରନ୍ତି। ସଂସଦର ସମସ୍ତ ନିର୍ବାଚିତ ସଦସ୍ୟ ରାଷ୍ଟ୍ରପତି ନିର୍ବାଚନରେ ଅଂଶଗ୍ରହଣ କରନ୍ତି ଏବଂ ଯେତେବେଳେ ତାଙ୍କ ବିରୁଦ୍ଧରେ ବହିଷ୍କାର ପ୍ରସ୍ତାବ ସଂସଦର ଉଭୟ ସଦନରେ ପାରିତ ହୋଇଥାଏ, ସେ ମଧ୍ୟ ବହିଷ୍କୃତ ହୋଇପାରନ୍ତି।

### ୨. କାର୍ଯ୍ୟନିର୍ବାହୀର ଆଇନ ପ୍ରଣୟନ ସଂସ୍ଥା ପ୍ରତି ଦାୟିତ୍ୱ:

ମନ୍ତ୍ରୀପରିଷଦ ସାମୂହିକ ଭାବରେ ଲୋକସଭା ନିକଟରେ ଉତ୍ତରଦାୟୀ। ଏହାର ଅର୍ଥ ପ୍ରତ୍ୟେକ ମନ୍ତ୍ରୀଙ୍କର ଦାୟିତ୍ୱ ହେଉଛି ସମୁଦାୟ ମନ୍ତ୍ରୀପରିଷଦର ଦାୟିତ୍ୱ। ଏହା ମଧ୍ୟ ରାଜ୍ୟସଭା ନିକଟରେ ଉତ୍ତରଦାୟୀ। ପ୍ରକୃତପକ୍ଷେ ଉଭୟ ସଦନର ମନ୍ତ୍ରୀପରିଷଦକୁ ନିୟନ୍ତ୍ରଣ କରିବାର କ୍ଷମତା ଅଛି। ସରକାରଙ୍କର ନୀତି, କାର୍ଯ୍ୟକ୍ରମ ଓ କାର୍ଯ୍ୟକାରିତା ଉପରେ ବିଭିନ୍ନ ପ୍ରଶ୍ନ, ଅତିରିକ୍ତ ପ୍ରଶ୍ନ ପଚାରି ଏମାନେ ମନ୍ତ୍ରୀପରିଷଦକୁ ନିୟନ୍ତ୍ରଣ କରନ୍ତି। ସେମାନେ ସରକାରଙ୍କର ପ୍ରସ୍ତାବ ଉପରେ ଆଲୋଚନା କରନ୍ତି ଓ କାର୍ଯ୍ୟକାରିତାର ପ୍ରବଳ ସମାଲୋଚନା କରନ୍ତି। ସେମାନେ ମଧ୍ୟ ମୁଲତବୀ ପ୍ରସ୍ତାବ ଓ ଧ୍ୟାନ ଆକର୍ଷଣକାରୀ ନୋଟିସ୍ ଆଗତ କରିପାରନ୍ତି। ମନ୍ତ୍ରୀପରିଷଦ ଦ୍ୱାରା ଆଗତ କରାଯାଇଥିବା ବିଲ୍ ସଂସଦ ଦ୍ୱାରା ସ୍ୱୀକୃତି ନପାଇଲେ, ଆଇନ ହୋଇପାରିବ ନାହିଁ । ବାର୍ଷିକ ବଜେଟ୍ ମଧ୍ୟ ସଂସଦରେ ପାରିତ ହେବା ଆବଶ୍ୟକ। ମନ୍ତ୍ରୀପରିଷଦର କାର୍ଯ୍ୟକାଳ ଲୋକସଭା ଉପରେ ନିର୍ଭର କରେ। ଲୋକସଭାର ଆସ୍ଥା ହରାଇଲେ ମନ୍ତ୍ରୀପରିଷଦକୁ ପଦତ୍ୟାଗ କରିବାକୁ ପଡ଼େ। ଏହାର ଅର୍ଥ ସେହି ସଦନର ସଂଖ୍ୟାଗରିଷ୍ଠ ସମର୍ଥନ ଆବଶ୍ୟକ। ଲୋକସଭା ଅନାସ୍ଥାପ୍ରସ୍ତାବ ଗୃହୀତ କରି ମନ୍ତ୍ରୀପରିଷଦକୁ ବହିଷ୍କାର କରିପାରେ।

### ୩. ନାମମାତ୍ର ଓ ପ୍ରକୃତ କାର୍ଯ୍ୟନିର୍ବାହୀ :

ଭାରତରେ ଦୁଇ ପ୍ରକାରର କାର୍ଯ୍ୟନିର୍ବାହୀ ଅଛନ୍ତି। ଯଥା ନାମମାତ୍ର କାର୍ଯ୍ୟନିର୍ବାହୀ ଓ ପ୍ରକୃତ କାର୍ଯ୍ୟନିର୍ବାହୀ। ରାଷ୍ଟ୍ରପତି ଯେ କି ରାଷ୍ଟ୍ରମୁଖ୍ୟ, ସେ ଜଣେ ନାମମାତ୍ର କାର୍ଯ୍ୟନିର୍ବାହୀ। ସିଦ୍ଧାନ୍ତ ଅନୁସାରେ ସମ୍ବିଧାନ ଦ୍ୱାରା ସମସ୍ତ କାର୍ଯ୍ୟନିର୍ବାହୀ କ୍ଷମତା ଭାରତର ରାଷ୍ଟ୍ରପତିଙ୍କ ହାତରେ ଅର୍ପଣ କରାଯାଇଛି। କିନ୍ତୁ ପ୍ରକୃତରେ ସେଗୁଡ଼ିକ ତାଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଏନାହିଁ। ତାହା ପ୍ରକୃତରେ ପ୍ରଧାନମନ୍ତ୍ରୀ ଓ ମନ୍ତ୍ରୀପରିଷଦ ଦ୍ୱାରା କାର୍ଯ୍ୟକାରୀ ହୋଇଥାଏ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ ମନ୍ତ୍ରୀମଣ୍ଡଳ ପ୍ରକୃତ କାର୍ଯ୍ୟନିର୍ବାହୀ ଅଟନ୍ତି। ରାଷ୍ଟ୍ରପତି ମନ୍ତ୍ରୀପରିଷଦର ଉପଦେଶ ବିନା କାର୍ଯ୍ୟ କରିପାରିବେ ନାହିଁ।

### ୪. ପ୍ରଧାନମନ୍ତ୍ରୀ ପ୍ରକୃତ କାର୍ଯ୍ୟନିର୍ବାହୀ:

ପ୍ରଧାନମନ୍ତ୍ରୀ ହେଉଛନ୍ତି ସଂସଦୀୟ କାର୍ଯ୍ୟନିର୍ବାହୀର କେନ୍ଦ୍ରବିନ୍ଦୁ। ମନ୍ତ୍ରୀ ପରିଷଦର ସଦସ୍ୟମାନେ ପ୍ରଧାନମନ୍ତ୍ରୀଙ୍କର ସୁପାରିଶରେ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତି ପାଆନ୍ତି। ମନ୍ତ୍ରୀମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ ପ୍ରଧାନମନ୍ତ୍ରୀଙ୍କର ବିଶେଷାଧିକାର ଅଟେ। ସେ କ୍ୟାବିନେଟ୍ ସଭାରେ ସଭାପତିତ୍ୱ କରନ୍ତି ଏବଂ ମନ୍ତ୍ରୀ ପରିଷଦ ଓ ରାଷ୍ଟ୍ରପତିଙ୍କ ମଧ୍ୟରେ ଏକମାତ୍ର ସଂଯୋଗ। ଯଦି ପ୍ରଧାନମନ୍ତ୍ରୀ ସିଦ୍ଧାନ୍ତ ନିଅନ୍ତି, ତେବେ ଯେକୌଣସି ମନ୍ତ୍ରୀଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇପାରିବ। ଯେତେବେଳେ ପ୍ରଧାନମନ୍ତ୍ରୀ ପଦତ୍ୟାଗ କରନ୍ତି, ସମୁଦାୟ ମନ୍ତ୍ରୀପରିଷଦ ଭାଙ୍ଗିଯାଏ ।

ଭାରତରେ ସଂସଦୀୟ ପଦ୍ଧତି ସମ୍ପୂର୍ଣ୍ଣ ସନ୍ତୋଷଜନକ ଭାବରେ କାର୍ଯ୍ୟ କରୁଛି। ରାଜ୍ୟରେ ଥିବା ସଂସଦୀୟ ସରକାର ମଧ୍ୟ କେନ୍ଦ୍ର ସରକାର ପଦ୍ଧତିରେ ଗଠନ କରାଯାଇଛି। ରାଜ୍ୟର କାର୍ଯ୍ୟନିର୍ବାହୀ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱାଧୀନ ମନ୍ତ୍ରୀପରିଷଦକୁ ନେଇ ଗଠିତ। ରାଜ୍ୟପାଳ ରାଜ୍ୟର ମୁଖ୍ୟ ଭାବରେ କାର୍ଯ୍ୟକରନ୍ତି ଓ ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀପରିଷଦ ହେଉଛନ୍ତି ପ୍ରକୃତ କାର୍ଯ୍ୟନିର୍ବାହୀ। ଅଳ୍ପ କେତେକ ରାଜ୍ୟରେ ବ୍ୟବସ୍ଥାପକ ଦ୍ୱିସଦନ(ବିଧାନସଭା ଓ ବିଧାନ ପରିଷଦ) ବିଶିଷ୍ଟ। କିନ୍ତୁ ଅଧିକାଂଶ ରାଜ୍ୟରେ ଏହା ଏକସଦନ (ବିଧାନସଭା) ବିଶିଷ୍ଟ।

## ପାଠଗତ ପ୍ରଶ୍ନାବଳୀ ୧୫.୫

୧. ସଂସଦୀୟ ପଦ୍ଧତିରେ କାର୍ଯ୍ୟନିର୍ବାହୀ ଓ ଆଇନ ପ୍ରଣୟନକାରୀ ସଂସ୍ଥା ମଧ୍ୟରେ କିପରି ସମ୍ପର୍କ ଥାଏ ?

୨. ଭାରତର ରାଷ୍ଟ୍ରପତି କାହିଁକି ଜଣେ ନାମମାତ୍ର କାର୍ଯ୍ୟନିର୍ବାହୀ ?

୩. ଯୌଥ/ସାମୂହିକ ଦାୟିତ୍ୱର ଅର୍ଥ କ'ଣ ?

୪. ସଂସଦର ଉଭୟ ସଦନ କିପରି ମନ୍ତ୍ରୀପରିଷଦକୁ ନିୟନ୍ତ୍ରଣ କରେ ?

## ତୁମେ କ'ଣ ଶିଖିଲ ?

- ସମ୍ବିଧାନର ଅର୍ଥ ହେଉଛି କେତେକ ମୌଳିକ ନୀତି, ମୌଳିକ ନିୟମ ଓ ପ୍ରତିଷ୍ଠିତ ଉଦାହରଣ ଯାହାକି ଦେଶର ମୁଖ୍ୟ ଅନୁଷ୍ଠାନଗୁଡ଼ିକ ଯଥା କାର୍ଯ୍ୟନିର୍ବାହୀ, ଆଇନ ପ୍ରଣୟନକାରୀ, ଓ ନ୍ୟାୟପାଳିକାକୁ ସୂଚିତ କରେ, ସଂଜ୍ଞା ନିରୂପଣ କରେ ଓ ନିୟନ୍ତ୍ରଣ କରେ। ଏହା ମଧ୍ୟ ଅନୁଷ୍ଠାନଗୁଡ଼ିକର କ୍ଷମତା ଓ କାର୍ଯ୍ୟକୁ ନିର୍ଦ୍ଦିଷ୍ଟ କରେ, ନାଗରିକମାନଙ୍କୁ ଅଧିକାର ଓ ସ୍ୱାଧୀନତା ପ୍ରଦାନ କରେ ଓ ପ୍ରତ୍ୟେକ ନାଗରିକ ସହ ରାଷ୍ଟ୍ର ଓ ସରକାରର ସମ୍ପର୍କକୁ ପ୍ରକାଶ କରେ।
- ଭାରତର ସମ୍ବିଧାନ ଏହା ଦ୍ୱାରା ପ୍ରତିଷ୍ଠିତ ପଦ୍ଧତିର ମୌଳିକ ଲକ୍ଷ୍ୟର ସଂଜ୍ଞା ନିରୂପଣ କରେ। ଏହା ଭାରତରେ ଏକ ସାର୍ବଭୌମ, ଗଣତାନ୍ତ୍ରିକ, ସମାଜବାଦୀ ଏବଂ ଧର୍ମନିରପେକ୍ଷ ସାଧାରଣତନ୍ତ୍ର ପ୍ରତିଷ୍ଠା କରିଛି। ସାମାଜିକ ପରିବର୍ତ୍ତନ ଆଣିବା ଓ ପ୍ରତ୍ୟେକ ନାଗରିକ ଓ ରାଷ୍ଟ୍ର ଭିତରେ ଥିବା ସମ୍ପର୍କର ସଂଜ୍ଞା ନିରୂପଣ କରିବାର ବ୍ୟବସ୍ଥା ଏଥିରେ ରହିଛି।
- ଯେକୌଣସି ଦେଶର ସମ୍ବିଧାନ ବିଭିନ୍ନ ଉଦ୍ଦେଶ୍ୟରେ କାର୍ଯ୍ୟ କରିଥାଏ। ଏହାଦ୍ୱାରା ପ୍ରତିଷ୍ଠିତ ଆଦର୍ଶ ନାଗରିକ ଭାବରେ ଆମେ ବାସ କରିବାକୁ ଇଚ୍ଛା କରୁଥିବା ରାଷ୍ଟ୍ର ଗଠନର ମୌଳିକ ଆଧାର ଅଟେ। ସମ୍ବିଧାନ ହେଉଛି କେତେକ ନିୟମ, ଆଇନ ଓ ପଦ୍ଧତି ଯାହାକୁ ଦେଶର ସମସ୍ତ ନାଗରିକ ମୌଳିକ ଆଧାର ରୂପେ ଗ୍ରହଣ କରିଥାନ୍ତି। ଯାହା ଦ୍ୱାରା ଦେଶ ଶାସିତ ହୋଇଥାଏ ଓ ସମାଜ ଗତିଶୀଳ ହୋଇଥାଏ। ଏହାଦ୍ୱାରା ଦେଶରେ ଗଠିତ ସରକାରର ପ୍ରକାର ଓ ଏହାର ଧାରଣ କରିଥିବା ବିଶେଷତ୍ୱ ଉପରେ ସହମତି ପ୍ରକାଶ ପାଇଥାଏ। ଭାରତୀୟ ସମ୍ବିଧାନର କେତେକ ମୌଳିକ ବୈଶିଷ୍ଟ୍ୟ ରହିଛି ଯାହାକି ଏହାର ବିଭିନ୍ନ ଧାରା ଓ ବ୍ୟବସ୍ଥା ମାଧ୍ୟମରେ ପ୍ରକାଶିତ।
- ଭାରତୀୟ ସମ୍ବିଧାନରେ ସାମ୍ବିଧାନିକ ବୈଶିଷ୍ଟ୍ୟ ସର୍ବତ୍ର ପ୍ରତିଫଳିତ ହୋଇଥାଏ। କିନ୍ତୁ ଏହାର ପ୍ରସ୍ତାବନାରେ ସମ୍ବିଧାନର ମୌଳିକ ବୈଶିଷ୍ଟ୍ୟ ଓ ଆଦର୍ଶ ଯାହା ଉପରେ ସମ୍ବିଧାନ ପ୍ରତିଷ୍ଠିତ ତାହା ଲିପିବଦ୍ଧ ହୋଇଛି। ସେଗୁଡ଼ିକ ହେଉଛି ସାର୍ବଭୌମତ୍ୱ, ସମାଜବାଦ, ଧର୍ମନିରପେକ୍ଷତା, ଗଣତନ୍ତ୍ର, ସାଧାରଣତନ୍ତ୍ର ଲକ୍ଷଣ, ନ୍ୟାୟ, ସମାନତା, ସ୍ୱାଧୀନତା, ଭ୍ରାତୃଭାବ, ମାନବିକ ମର୍ଯ୍ୟାଦାବୋଧ ଏବଂ ଦେଶର ଏକତା ଓ ଅଖଣ୍ଡତା।
- ସାମ୍ବିଧାନିକ ବୈଶିଷ୍ଟ୍ୟ ମଧ୍ୟ ଭାରତୀୟ ସମ୍ବିଧାନର ସମସ୍ତ ମୁଖ୍ୟ ବିଶେଷତ୍ୱଗୁଡ଼ିକୁ ବ୍ୟାପକ କରିଥାଏ। ଯଥା-ଲିଖିତ ସମ୍ବିଧାନ, ସମ୍ବିଧାନରେ ନମନିୟତା ଓ ଅନମନିୟତାର ସମନ୍ୱୟ, ମୌଳିକ ଅଧିକାର, ରାଷ୍ଟ୍ରନୀତି ନିର୍ଦ୍ଦେଶନାମା, ମୌଳିକ କର୍ତ୍ତବ୍ୟ, ଅଖଣ୍ଡ ନ୍ୟାୟପାଳିକା, ଏକକ ନାଗରିକତ୍ୱ, ସାର୍ବଜନୀନ ସାବାଳକ ଭୋଟପ୍ରଥା, ସଂଘୀୟ ବ୍ୟବସ୍ଥା ଓ ସଂସଦୀୟ ସରକାର ।

- ଭାରତ ଏକ ସଂଘୀୟ ରାଷ୍ଟ୍ର କାରଣ ଏହାର ଏକ ଲିଖିତ ସମ୍ବିଧାନ, କେନ୍ଦ୍ରସ୍ତର ଓ ରାଜ୍ୟସ୍ତରରେ ଦ୍ୱିସ୍ତରୀୟ ସରକାର ରହିଛି। କେନ୍ଦ୍ର ଓ ରାଜ୍ୟ ମଧ୍ୟରେ କ୍ଷମତାର ବିକେନ୍ଦ୍ରୀକରଣ କରାଯାଇଛି ଏବଂ ସ୍ୱାଧୀନ ନ୍ୟାୟପାଳିକା ରହିଛି। ଏହା ଏକ ଶକ୍ତିଶାଳୀ କେନ୍ଦ୍ର ସରକାର ଥାଇ ସଂଘୀୟ ବ୍ୟବସ୍ଥା। ଭାରତର ସମ୍ବିଧାନ କେନ୍ଦ୍ର ସରକାରକୁ ରାଜ୍ୟ ସରକାରଠାରୁ ଅଧିକ କ୍ଷମତାଶାଳୀ କରିଛି ।
- ଭାରତରେ ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରରେ ସଂସଦୀୟ ସରକାର କାର୍ଯ୍ୟକରେ। ରାଷ୍ଟ୍ରପତି ରାଷ୍ଟ୍ରମୁଖ୍ୟ ଓ ନାମମାତ୍ର କାର୍ଯ୍ୟନିର୍ବାହୀ କିନ୍ତୁ ମନ୍ତ୍ରୀପରିଷଦର ମୁଖ୍ୟ ଭାବରେ ପ୍ରଧାନମନ୍ତ୍ରୀ ପ୍ରକୃତ ପ୍ରଶାସନିକ ମୁଖ୍ୟ। ଏଠାରେ କାର୍ଯ୍ୟନିର୍ବାହୀ ଓ ଆଇନ ପ୍ରଣୟନ ସଂସ୍ଥା ମଧ୍ୟରେ ଗଭୀର ସମ୍ପର୍କ ରହିଥାଏ ଏବଂ ବ୍ୟବସ୍ଥାପକ ଓ ମନ୍ତ୍ରୀପରିଷଦ ସମଷ୍ଟିଗତ ଭାବରେ ସଂସଦ ନିକଟରେ ଉତ୍ତରଦାୟୀ ।

## ଅନ୍ତିମ ପ୍ରଶ୍ନାବଳୀ

୧. ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଚୁମ୍ବକରେ ଦିଅ:-

(କ) ପ୍ରସ୍ତାବନାର ସଂଜ୍ଞା ନିରୂପଣ କର ।

(ଖ) ସମ୍ବିଧାନ କ'ଣ ?

(ଗ) ଭାରତର ସମ୍ବିଧାନକୁ କିଏ ପ୍ରସ୍ତୁତ କରିଥିଲେ ?

(ଘ) ସାର୍ବଜନୀନ ସାବାଳକ ଭୋଟପ୍ରଥା କ'ଣ ?

୨. ନିମ୍ନ ଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ-

(କ) ସମ୍ବିଧାନର ଗୁରୁତ୍ୱ ବର୍ଣ୍ଣନା କର ।

(ଖ) ପ୍ରସ୍ତାବନାରେ ଲିପିବଦ୍ଧ ହୋଇଥିବା ମୁଖ୍ୟ ସାମ୍ବିଧାନିକ ବୈଶିଷ୍ଟ୍ୟଗୁଡ଼ିକ କ'ଣ ? ଏଗୁଡ଼ିକ କିପରି ଆମ ନିତିଦିନିଆ ଜୀବନରେ କାର୍ଯ୍ୟକାରୀ ହେଉଛି ?

(ଗ) ଭାରତର ସମ୍ବିଧାନର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ କ'ଣ ?

(ଘ) ଭାରତର ସମ୍ବିଧାନର ତିନୋଟି ସଂଘୀୟ ବିଶେଷତ୍ୱ ବର୍ଣ୍ଣନା କର।

(ଙ) ତୁମେ କିପରି କହୁଛ ଯେ, ଭାରତର ସମ୍ବିଧାନ ଏକାଧାରରେ ଅନମନୀୟ ଓ ନମନୀୟ।

(ଚ) ଭାରତୀୟ ସମ୍ବିଧାନକୁ ଗଠନଦୃଷ୍ଟିରୁ ସଂଘୀୟ ଓ ଚିନ୍ତାଧାରା ଦୃଷ୍ଟିରୁ କେନ୍ଦ୍ରୀୟ ବୋଲି କୁହାଯାଏ କାହିଁକି ?

(ଛ) ଭାରତର ସଂସଦୀୟ ସରକାରର ଲକ୍ଷଣ ପରୀକ୍ଷା କର।

(ଜ) ତୁମେ ତୁମ ଅଞ୍ଚଳର ସାଧାରଣତନ୍ତ୍ର ଦିବସ ପାଳନ ଉତ୍ସବରେ ଅଂଶଗ୍ରହଣକାରୀ କିମ୍ବା ଦର୍ଶକ ଭାବରେ ଯୋଗଦାନ କରିଥିଲ କି ? ଯଦି ଯୋଗ ଦେଇଥିଲ, ତେବେ ସେହି ଉତ୍ସବର ମୁଖ୍ୟ ଘଟଣାଗୁଡ଼ିକ ବର୍ଣ୍ଣନା କର।

(ଝ) ତଳେ ଜଣେ ସାଉଦିଆରବ ନାଗରିକ ଓ ଜଣେ ଭାରତୀୟଙ୍କ ମଧ୍ୟରେ କଥାଗୁଡ଼ିକ ପ୍ରଦତ୍ତ ହୋଇଛି ଓ ଭାରତୀୟଙ୍କର ଉତ୍ତର ଲିପିବଦ୍ଧ ହୋଇନାହିଁ। ଏହି ଅଧ୍ୟାୟରେ





ପଢ଼ିଥିବା ବିଷୟ ଓ ତୁମର ସାଧାରଣ ଜ୍ଞାନକୁ ଭିତ୍ତିକରି ଉପଯୁକ୍ତ ଉତ୍ତର ସହ ଆଲୋଚନାକୁ ସଂପୂର୍ଣ୍ଣ କର । SA-ସାଉଦୀଆରବ ପାଇଁ ଓ I ଭାରତୀୟ ପାଇଁ)

(କ) SA- ଆମ ଦେଶ ବଂଶାନୁକ୍ରମିକ ରାଜବଂଶ ଦ୍ୱାରା ଶାସିତ। ଆମେ ତାକୁ ବଦଳାଇ ପାରିବୁ ନାହିଁ। ତେଣୁ ଆମର ରାଜତନ୍ତ୍ର ସରକାର ।

I- ________________________________

(ଖ) SA- ଆମର ସାଉଦୀଆରବରେ ତୁମ ଭଳି କୌଣସି ପଦ୍ଧତି ନାହିଁ କାରଣ ଆମର କୌଣସି ରାଜନୈତିକ ଦଳ ନାହିଁ। ଆମର ନିର୍ବାଚନ ନାହିଁ । ସରକାର ଗଠନ କରିବାରେ ଲୋକମାନଙ୍କର କିଛି କରିବାର ନାହିଁ । ଏପରିକି ରାଜା ନ ଚାହିଁଲେ ଗଣମାଧ୍ୟମ ମଧ୍ୟ କିଛି ପ୍ରକାଶ କରିପାରିବ ନାହିଁ ।

I- ________________________________

(ଗ) SA- ଆମଦେଶରେ କେବଳ ଗୋଟିଏ ଧର୍ମ । ତେଣୁ ଏଠାରେ ଧର୍ମଗତ ସ୍ୱାଧୀନତା ନାହିଁ । ପ୍ରତ୍ୟେକ ନାଗରିକଙ୍କୁ ମୁସଲମାନ ହେବାକୁ ବାଧ୍ୟ ।

I- ________________________________

(ଘ) SA- ହଁ, ଅଣମୁସଲମାନ ମାନେ ତାଙ୍କ ନିଜ ଧର୍ମ ପାଳନ କରିପାରିବେ। କିନ୍ତୁ ତାହା ବ୍ୟକ୍ତିଗତ ଭାବରେ ସର୍ବସାଧାରଣ କ୍ଷେତ୍ରରେ ନୁହେଁ।

I- ________________________________

(ଙ) SA- ଆମଦେଶରେ ଲିଙ୍ଗ ବିଚାରରେ ଭେଦଭାବ ରହିଛି। ମହିଳାମାନେ ପୁରୁଷମାନଙ୍କ ସହ ସମାନନୁହଁନ୍ତି। ତାଙ୍କପାଇଁ ଅନେକ ସର୍ବସାଧାରଣ କଟକଣା ରହିଛି । ସେଥିପାଇଁ ଗୋଟିଏ ପୁରୁଷ ସୁପାରିଶ ଦୁଇଟି ମହିଳାଙ୍କ ସହସମାନ।

I- ________________________________

## ଭାରତୀୟ ପ୍ରକାଶ କରିଥିବା ମତାମତ:

୧. ସ୍ୱାଧୀନତା ପରେ କୌଣସି ରାଜା ଭାରତରେ ରାଜତ୍ୱ କରନ୍ତି ନାହିଁ। ତା ପରିବର୍ତ୍ତେରେ ଆମର ରାଷ୍ଟ୍ରପତି ଅଛନ୍ତି, ଯେ କି ପରୋକ୍ଷ ପଦ୍ଧତିରେ ନିର୍ବାଚିତ ହୁଅନ୍ତି। ତେଣୁ ଭାରତ ଗୋଟିଏ ସାଧାରଣ ତନ୍ତ୍ର ଏବଂ ଏଠାରେ ସଂସଦୀୟ ସରକାର ଯେଉଁଥିରେ ରାଜନୈତିକଦଳ ଲୋକ ପ୍ରତିନିଧି ଭାବରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି।

୨. ଏ ସମ୍ପର୍କରେ ଆମେ ଖୁବ୍ ଭାଗ୍ୟବାନ। ଆମର ସମାଜ, ସଂଘ ଆଉମଧ୍ୟ ରାଜନୈତିକ ଦଳ ଗଠନ କରିବାର ସ୍ୱାଧୀନତା ଅଛି। ପ୍ରତେକ ଭାରତୀୟ ନାଗରିକର ଭୋଟଦେବାର ଏବଂ ନିର୍ବାଚନରେ ଅଂଶଗ୍ରହଣ କରିବାର ଅଧିକାର ଅଛି। ଏହା ବ୍ୟତୀତ ଭାରତରେ ଗଣମାଧ୍ୟମ ମଧ୍ୟ ଯେକୌଣସି ବିଷୟରେ ନିଜର ମତାମତ ପ୍ରକାଶ କରିବାକୁ ସ୍ୱାଧୀନ ଅଟନ୍ତି ଯଦିଓ ଭାରତ ଏକ ବହୁ ସଂସ୍କୃତି, ବହୁଭାଷା ଓ ବହୁ ଧର୍ମର ଦେଶ।

୩. କିନ୍ତୁ ଆମେ ଗୋଟିଏ ଧର୍ମ ନିରେପେକ୍ଷ ରାଷ୍ଟ୍ର। ରାଷ୍ଟ୍ରର କୌଣସି ନିଜସ୍ୱ ଧର୍ମ ନାହିଁ। ପ୍ରତ୍ୟେକ ନାଗରିକର ସମ୍ବିଧାନ ଦତ୍ତ ଗୋଟିଏ ମୌଳିକ ଅଧିକାର ହେଉଛି ଧର୍ମଗତ ସ୍ୱାଧୀନତା। ହିନ୍ଦୁ, ମୁସଲମାନ, ଶିଖ୍, ଖ୍ରୀଷ୍ଟିଆନ ଏବଂ ଅନ୍ୟଧର୍ମ ଗୁଡ଼ିକ ତାଙ୍କ ଧର୍ମ ପାଳନ ପାଇଁ ସ୍ୱାଧୀନ ରହିଛି।

ଟିପ୍ପଣୀ

୪. ଆଶ୍ଚର୍ଯ୍ୟର ବିଷୟ ଆମ ଦେଶରେ ଯେକୌଣସି ଧର୍ମ ସର୍ବସାଧାରଣରେ ଉପାସନା, ପ୍ରଚାର ଓ ପାଳନ କରିବା ପାଇଁ ସମ୍ବିଧାନ ରେ ବ୍ୟବସ୍ଥା ରହିଛି।

୫. ଭାରତରେ ସମ୍ବିଧାନ ଲିଙ୍ଗଗତ ସମାନତା ପ୍ରଦାନ କରିଛି। ଅବଶ୍ୟ କାର୍ଯ୍ୟକ୍ଷେତ୍ରରେ ଆମେ ବହୁତ ଆଗେଇ ଯାଇଛୁ। କିନ୍ତୁ ମହିଳାମାନଙ୍କର ସମାନ ଅଧିକାର ରହିଛି। ସେମାନେ ଯେକୌଣସି ପ୍ରକାର ନିଯୁକ୍ତି ଓ ବ୍ୟବସାୟରେ ଯୋଗ ଦେଇ ପାରୁଛନ୍ତି। ସେମାନଙ୍କୁ ମଧ୍ୟ ସଂରକ୍ଷଣ ସୁବିଧା ପ୍ରଦାନ କରାଯାଇଛି।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

**୧୫.୧**

୧. ଯେତେବେଳେ ଗୋଟିଏ ରାଜ୍ୟ ବା ରାଷ୍ଟ୍ର ବିଷୟରେ କୁହାଯାଏ, ସମ୍ବିଧାନର ଅର୍ଥ ଅନେକ ଗୁଡ଼ିଏ ମୌଳିକ ନିୟମ, ମୌଳିକ ଆଇନ ଏବଂ ପ୍ରତିଷ୍ଠିତ ଉଦାହରଣ। ଏହି ରାଷ୍ଟ୍ରର ବିଭିନ୍ନ ବିଭାଗ ଏବଂ ସରକାରର ତିନୋଟି ଅଙ୍ଗ ଅଧିନରେ ଥିବା ବିଭିନ୍ନ ଅନୁଷ୍ଠାନ ଯଥା କାର୍ଯ୍ୟନିର୍ବାହୀ, ଆଇନ ପ୍ରଣୟନ କାରୀ ଓ ନାୟିକ ସଂସ୍ଥାର ଗଠନ, କ୍ଷମତା ଓ କାର୍ଯ୍ୟକ୍ରମ ଆଦି ସୂଚୀତ କରେ, ତାରସଂଜ୍ଞା ନିରୂପଣ କରେ ଓ ନିୟନ୍ତ୍ରଣ କରେ। ଏହା ମଧ୍ୟ ନାଗରିକମାନଙ୍କୁ ଅଧିକାର ଓ ସ୍ୱାଧୀନତା ପ୍ରଦାନକରେ ଏବଂ ନାଗରିକ, ରାଜ୍ୟ ଓ କେନ୍ଦ୍ର ସରକାର ମଧ୍ୟରେ ସମ୍ପର୍କକୁ ପ୍ରକାଶ କରେ।

୨. (କ) ସର୍ବ ବୃହତ୍
(ଖ) ସାମ୍ବିଧାନିକ ସଭା
(ଗ) ଆବଶ୍ୟକ ପଡ଼ିଲେ ତାକୁ ସମୟୋପଯୋଗୀ କରିବା ପାଇଁ ସଂଶୋଧନ କରାଯାଇପାରେ।
(ଘ) ସାଧାରଣତନ୍ତ୍ର ଦିବସ, ୨୬ ଜାନୁଆରୀ ୧୯୫୦ ।

**୧୫.୨**

୧. ବୈଶିଷ୍ଟ୍ୟ ହେଉଛି ଯାହା ମନୁଷ୍ୟ ସମାଜର ସ୍ଥିତି ପାଇଁ ବିଶେଷ ଆବଶ୍ୟକ କିମ୍ବା ପାଇବା ଓ ଲକ୍ଷ୍ୟ କରିବାର ଯୋଗ୍ୟ

୨. ପ୍ରସ୍ତାବନାରେ ଘୋଷଣା କରା ଯାଇଥିବା ବୈଶିଷ୍ଟ୍ୟ ଗୁଡ଼ିକ ସମ୍ବିଧନର ଲକ୍ଷ୍ୟ ପ୍ରକାଶ କରେ। ଏଗୁଡ଼ିକ ହେଉଛି, ସାର୍ବଭୌମତ୍ୱ, ସମାଜବାଦ, ଧର୍ମନିରକ୍ଷେତା, ଗଣତନ୍ତ୍ର, ଭାରତୀୟ ରାଷ୍ଟ୍ରର ସାଧାରଣତନ୍ତ୍ର ଲକ୍ଷଣ, ନ୍ୟାୟ, ସ୍ୱାଧୀନତା, ସମାନତା, ଭାତୃଭାବ, ମାନବିକ ମର୍ଯ୍ୟାଦାବୋଧ ଏବଂ ଏକତା ଓ ଦେଶର ଅଖଣ୍ଡତା।

୩.

| A | B |
|---|---|
| (୧) | (ଛ) |
| (୨) | (କ) |
| (୩) | (ଙ) |
| (୪) | (ଖ) |
| (୫) | (ଗ) |
| (୬) | (ଜ) |
| (୭) | (ଝ) |
| (୮) | (ଚ) |
| (୯) | (ଘ) |

**୧୫.୩**

୧ **(କ) ଲିଖିତ ସମ୍ବିଧାନ**

(ଖ) ଅନମନୀୟତା ଓ ନମନୀୟତାର ମିଶ୍ରଣ

(ଗ) ମୌଳିକ ଅଧିକାର ଓ କର୍ତ୍ତବ୍ୟ

(ଘ) ରାଷ୍ଟ୍ରନୀତି ନିର୍ଦ୍ଦେଶନାମା

(ଙ) ଅଖଣ୍ଡ ନ୍ୟାୟିକ ବ୍ୟବସ୍ଥା

(ଚ) ଏକକ ନାଗରିକତ୍ୱ

(ଛ) ସର୍ବଜନୀନ ସାବାଳକ ଭୋଟପ୍ରଥା

(ଜ) ସଂଘୀୟ ପଦ୍ଧତି ଓ ସଂସଦୀୟ ସରକାର

୨. ସାମାଜିକ ଓ ଅର୍ଥନୈତିକ ସମାନତା, ସାମାଜିକ ବିଭେଦ ଦୂରକରିବା, ଆନ୍ତର୍ଜାତିକ ଶାନ୍ତି।

୩. ଯଦିଓ କେନ୍ଦ୍ରସ୍ତରରେ ଉଚ୍ଚତମ ନ୍ୟାୟାଳୟ, ରାଜ୍ୟ ସ୍ତରରେ ଉଚ୍ଚ ନ୍ୟାୟାଳୟ ଓ ଜିଲ୍ଲା ଓ ତଳସ୍ତରରେ ଅଧସ୍ତନ ନ୍ୟାୟାଳୟ ରହିଛି, ତଥାପି ଏଠାରେ ଏକ ସ୍ତରୀୟ ନ୍ୟାୟପାଳିକା ରହିଛି ଯାହାର ସର୍ବୋଚ୍ଚ ସ୍ତରରେ ଉଚ୍ଚତମ ନ୍ୟାୟାଳୟ ରହିଛି।

୪. ଏହାର ଅର୍ଥ ହେଉଛି, ବାସସ୍ଥାନ ଯେଉଁଠାରେ ହେଲେ ମଧ୍ୟ ପ୍ରତ୍ୟେକ ଭାରତୀୟ ଭାରତର ନାଗରିକ ।

**୧୫.୪**

**୧. (କ)** କେନ୍ଦ୍ର ଓ ରାଜ୍ୟ ସ୍ତରରେ ଦ୍ୱିସ୍ତରୀୟ ସରକାର

(ଖ) କେନ୍ଦ୍ର ଓ ରାଜ୍ୟ ମଧ୍ୟରେ କ୍ଷମତାର ବିକେନ୍ଦ୍ରୀକରଣ

(ଗ) ଲିଖିତ ସମ୍ବିଧାନ

(ଘ) ନ୍ୟାୟାଳୟର ସର୍ବୋଚ୍ଚ କ୍ଷମତା

୨.

(କ) କେନ୍ଦ୍ର ସରକାରର ଭାରତୀୟ ଅଞ୍ଚଳ ଉପରେ ସମ୍ପୂର୍ଣ୍ଣ କ୍ଷମତା ରହିଛି। ରାଜ୍ୟ ଗୁଡ଼ିକର ସ୍ଥିତି ଓ ସେମାନଙ୍କର ଆଞ୍ଚଳିକ ଅଖଣ୍ଡତା ସଂସଦ ହାତରେ ନ୍ୟସ୍ତ ।

(ଖ) କେନ୍ଦ୍ର ଓ ରାଜ୍ୟ ମଧ୍ୟରେ କ୍ଷମତାର ବିକେନ୍ଦ୍ରୀକରଣ କେନ୍ଦ୍ର ସପକ୍ଷରେ ରହିଛି କାରଣ କେନ୍ଦ୍ର ତାଲିକାରେ ସବୁ ମୁଖ୍ୟ ବିଷୟ ରହିଛି ।

(ଗ) ଭାରତରେ ଗୋଟିଏ ଅଖଣ୍ଡ ନ୍ୟାୟିକ ବ୍ୟବସ୍ଥା ରହିଛି ଓ ଏହାର ସର୍ବୋଚ୍ଚ ସ୍ଥାନରେ ରହିଛି ଉଚ୍ଚତମ ନ୍ୟାୟାଳୟ।

(ଘ) ଯେତେବେଳେ ତିନିପ୍ରକାର ଜରୁରୀ କାଳୀନ ଅବସ୍ଥା ମଧ୍ୟରୁ ଗୋଟିଏ ଘୋଷଣାକରାଯାଏ, ସେତେବେଳେ କେନ୍ଦ୍ରସରକାର ବିଶେଷ କ୍ଷମତାଶାଳୀ ହୋଇଥାଏ।

(ଙ) ତିନୋଟି ଯାକ ପ୍ରକାରର ଜରୁରୀକାଳୀନ ଅବସ୍ଥା ସମୟରେ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ କ୍ଷମତାଶାଳୀ ହୋଇଯାଏ ଏବଂ ଭାରତ ପ୍ରାୟ ଗୋଟିଏ କେନ୍ଦ୍ରୀଭୂତ ରାଷ୍ଟ୍ର ହୋଇଯାଏ ।

(ଚ) ସମ୍ବିଧାନ ବ୍ୟବସ୍ଥା ଅନୁସାରେ କେନ୍ଦ୍ର ସରକାରର ଶାସନ କ୍ଷମତା ରାଜ୍ୟ କ୍ଷମତାଠାରୁ ଅଧିକ ।

୩. ଆବଶ୍ୟକୀୟ ସୂଚନା ବହି ଓ ମାଗାଜିନ୍‌ରୁ କିମ୍ବା ଇଣ୍ଟରନେଟରୁ ସଂଗ୍ରହ କରି ଉତ୍ତର ଦିଅ ।

**୧୫.୫**

୧. କାର୍ଯ୍ୟନିର୍ବାହୀ ଯଥା ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ ମନ୍ତ୍ରୀ ପରିଷଦ ଓ ଅ ।ଇନ ପ୍ରଣୟନକରୀ ସଂସ୍ଥା ଯଥା ସଂସଦ ମଧ୍ୟରେ ନିବିଡ଼ ସମ୍ପର୍କ ରହିଛି । ମନ୍ତ୍ରୀପରିଷଦ ସଂସଦ ନିକଟରେ ଉତ୍ତରଦାୟୀ । ଯଦି ଲୋକସଭାରେ ଅନାସ୍ଥା ପ୍ରସ୍ତାବ ପାରିତ ହୁଏ, ମନ୍ତ୍ରୀ ପରିଷଦକୁ ପଦତ୍ୟାଗ କରିବାକୁ ପଡେ ।

୨. ରାଷ୍ଟ୍ରପତି, ଯେ କି ରାଷ୍ଟ୍ରମୁଖ୍ୟ ସେ ନାମମାତ୍ର କାର୍ଯ୍ୟନିର୍ବାହୀ । ସିଦ୍ଧାନ୍ତ ଅନୁଯାୟୀ ସମସ୍ତ କାର୍ଯ୍ୟନିର୍ବାହୀ କ୍ଷମତା ସମ୍ବିଧାନଦ୍ୱାରା ରାଷ୍ଟ୍ରପତିଙ୍କ ହାତରେ ନ୍ୟସ୍ତ ହୋଇଛି । କିନ୍ତୁ ପ୍ରୟୋଗ ଦୃଷ୍ଟିରୁ ଏହା ତାଙ୍କଦ୍ୱାରା କାର୍ଯ୍ୟକାରୀ ହୁଏନାହିଁ । ଏଗୁଡ଼ିକ ପ୍ରକୃତରେ ପ୍ରଧାନମନ୍ତ୍ରୀ ଓ ମନ୍ତ୍ରୀମଣ୍ଡଳ ଦ୍ୱାରା କାର୍ଯ୍ୟକାରୀ ହୁଏ । ପ୍ରଧାନମନ୍ତ୍ରୀ ଓ ମନ୍ତ୍ରୀପରିଷଦ ହେଉଛନ୍ତି ପ୍ରକୃତ କାର୍ଯ୍ୟନିର୍ବାହୀ । ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କ ପରାମର୍ଶବିନା କାର୍ଯ୍ୟ କରିପାରିବେ ନାହିଁ । ରାଷ୍ଟ୍ରପତି ଗୋଟିଏ ନିର୍ବାଚକ ସଭାଦ୍ୱାରା ନିର୍ବାଚିତ ହୁଅନ୍ତି । ଯାହାକି ସଂସଦର ସଭ୍ୟମାନଙ୍କ ଦ୍ୱାରା ଗଠିତ । ଯଦି ସଂସଦ ରାଷ୍ଟ୍ରପତିଙ୍କ ବିରୋଧରେ ଗୋଟିଏ ବହିଷ୍କାର ପ୍ରସ୍ତାବ ପାରିତ କରେ ତାଙ୍କୁ ପଦତ୍ୟାଗ କରିବାକୁ ପଡେ ।

୩. ଏହାର ଅର୍ଥ ହେଉଛି, ପ୍ରତ୍ୟେକ ମନ୍ତ୍ରୀଙ୍କର ଦାୟିତ୍ୱ ହେଉଛି ସଂପୂର୍ଣ୍ଣ ମନ୍ତ୍ରୀପରିଷଦର ସମଷ୍ଟିଗତ ଦାୟିତ୍ୱ । ଯଦି କୌଣସି ମନ୍ତ୍ରୀ ସମାଲୋଚିତ ହୁଅନ୍ତି, ସମୁଦାୟ ମନ୍ତ୍ରୀପରିଷଦକୁ ଏଥିପାଇଁ ଦାୟୀ କରାଯାଏ ।

୪. ସରକାରଙ୍କର ନୀତି, କାର୍ଯ୍ୟକ୍ରମ ଓ କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଓ ଅତିରିକ୍ତ ପ୍ରଶ୍ନ ପଚାରି ସେମାନେ ଏହା କରନ୍ତି । ସେମାନେ ମଧ୍ୟ ମୁଲତବୀ ପ୍ରସ୍ତାବ ଆଗତ କରିପାରନ୍ତି ଓ ଧ୍ୟାନ ଆକର୍ଷଣକାରୀ ନୋଟିସ୍ ଦେଇପାରନ୍ତି । ଯେକୌଣସି ବିଲ୍ ମନ୍ତ୍ରୀପରିଷଦ ଦ୍ୱାରା ଆଲୋଚନା ପାଇଁ ଅଣାଯାଇଥାଏ । ତାହା ସଂସଦରେ ପାରିତ ହେଲେ, ଆଇନରେ ପରିଣତ ହୋଇପାରିବ । ବାର୍ଷିକ ବଜେଟ ମଧ୍ୟ ସଂସଦରେ ପାରିତ ହେବା ଆବଶ୍ୟକ ।

# ୧୬

# ମୌଳିକ ଅଧିକାର ଓ ମୌଳିକ କର୍ତ୍ତବ୍ୟ

ବର୍ତ୍ତମାନ ସମୟରେ "ଶିକ୍ଷାଗତ ଅଧିକାର", "ସୂଚନା ଅଧିକାର" ଓ "ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବାର ଅଧିକାର" ଆଦି ପ୍ରକାଶ କରୁଥିବା ଶବ୍ଦ ଗୁଡ଼ିକ ବାରମ୍ବାର ବ୍ୟବହାର କରାଯାଉଥିବାର ଦେଖାଯାଉଛି । ବହୁବାର ତୁମେ ମଧ୍ୟ ଅନୁଭବ କରିବ ଯେ, ତୁମର କେତେକ ଅଧିକାର ଅଛି । ସେହି ସମୟରେ ତୁମକୁ ମଧ୍ୟ କୁହାଯାଇପାରେ, ତୁମ ଶିକ୍ଷକ ହୋଇ ପାରନ୍ତି ଯେ, ତୁମର ମଧ୍ୟ ଅନ୍ୟଲୋକମାନଙ୍କ ପ୍ରତି, ସମାଜପ୍ରତି, ଦେଶ ବା ମନୁଷ୍ୟ ସମାଜପ୍ରତି କେତେକ କର୍ତ୍ତବ୍ୟ ରହିଛି । ତୁମେ କ'ଣ ଭାବୁଛ ପ୍ରତ୍ୟେକ ବ୍ୟକ୍ତି ତାର ଅଧିକାର ଉପଭୋଗ କରୁଛି ଓ ତାର କର୍ତ୍ତବ୍ୟ ସମ୍ପାଦନ କରୁଛି ? ବୋଧହୁଏ ନୁହଁ । କିନ୍ତୁ ପ୍ରତ୍ୟେକ ଏକମତ ହେବେ ଯେ, କେତେକ ଅଧିକାର ରହିଛି, ଯାହାକି ପ୍ରତ୍ୟେକ ନାଗରିକ ଉପଭୋଗ କରନ୍ତି । ନିର୍ଦ୍ଦିଷ୍ଟ ଭାବରେ, ଆମଦେଶଭଳି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ କେତେକ ଅଧିକାର ଅଛି ଯାହାକି ପ୍ରତ୍ୟେକ ନାଗରିକକୁ ପ୍ରଦାନ କରିବାକୁ ପ୍ରତିଶୃତି ଦିଆ ଯାଉଛି । ସେହିପରି କେତେକ କର୍ତ୍ତବ୍ୟ ଅଛି, ଯାହାକି ପ୍ରତ୍ୟେକ ଗଣତାନ୍ତ୍ରିକ ରାଷ୍ଟ୍ରର ନାଗରିକ ସମ୍ପାଦନ କରିବାକୁ ବାଧ୍ୟ । ସେଥିପାଇଁ ଭାରତର ସମ୍ବିଧାନ ତାର ନାଗରିକ ମାନଙ୍କୁ କେତେକ ଅଧିକାର ପ୍ରଦାନ କରିବାର ପ୍ରତିଶୃତି ଦେଇଛି, ଯାହାକୁ ମୌଳିକ ଅଧିକାର କୁହାଯାଏ । ଅନ୍ୟପକ୍ଷରେ ଭାରତୀୟ ସମ୍ବିଧାନ କେତେକ ମୌଳିକ କର୍ତ୍ତବ୍ୟ ତାଲିକାଭୁକ୍ତ କରିଛି, ଯାହାକି, ପ୍ରତ୍ୟେକ ନାଗରିକ ସମ୍ପାଦନ କରିବା ଆଶାକରାଯାଏ । ଏହାକୁ ମୌଳିକ କର୍ତ୍ତବ୍ୟ କୁହାଯାଏ । ଏହି ଅଧ୍ୟାୟ ମୌଳିକ ଅଧିକାର ଓ ମୌଳିକ କର୍ତ୍ତବ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବାର ଲକ୍ଷ୍ୟ ରଖାଯାଇଛି ।

## ଲକ୍ଷ୍ୟ

ଏହି ଅଧ୍ୟାୟ ପାଠ କରିସାରିଲା ପରେ, ତୁମେ ଜାଣିବା ପାଇଁ ସମର୍ଥ ହେବ ।

- ଅଧିକାର ଓ କର୍ତ୍ତବ୍ୟର ଅର୍ଥ ବର୍ଣ୍ଣନା । ଆମର ଦୈନନ୍ଦିନ ଜୀବନରେ ଏହାର ଆବଶ୍ୟକତା ଓ ଗୁରୁତ୍ୱର ମୂଲ୍ୟାୟନ ।
- ଭାରତୀୟ ସମ୍ବିଧାନରେ ଦିଆଯାଇଥିବା ମୌଳିକ ଅଧିକାରର ଗୁରୁତ୍ୱର ମୂଲ୍ୟାୟନ ଏବଂ ତାହାର ସ୍ୱତନ୍ତ୍ରତା ଓ ସସୀମତାକୁ ବିଶ୍ଳେଷଣ
- ନିକଟରେ ସଂଯୋଜିତ କରାଯାଇଥିବା ଶିକ୍ଷାଗତ ଅଧିକାରର ପ୍ରଭାବର ପ୍ରଶଂସା
- ମୌଳିକ ଅଧିକାର ଓ ମାନବୀୟ ଅଧିକାର ମଧ୍ୟରେ ତୁଳନା
- ମୌଳିକ ଅଧିକାର କ୍ଷୁର୍ଣ୍ଣ ହେଲେ । ସାମ୍ବିଧାନିକ ପଦ୍ଧତିରେ ନ୍ୟାୟ ପାଇବାର ପଦ୍ଧତିକୁ ବୁଝିବା
- ମୌଳିକ କର୍ତ୍ତବ୍ୟର ଗୁରୁତ୍ୱ ଉପଲବ୍ଧି କରିବା ଏବଂ ଭାରତରେ ଜଣେ ଉତ୍ତମ ଓ ଶୃଙ୍ଖଳିତ ନାଗରିକ ଭାବରେ ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ।

## ୧୬.୧. ଅଧିକାର ଓ କର୍ତ୍ତବ୍ୟର ଅର୍ଥ ଓ ଗୁରୁତ୍ୱ

ଆମେ ବହୁ ସମୟରେ 'ଅଧିକାର' ବିଷୟରେ ଆଲୋଚନା କରୁ, କିନ୍ତୁ ତୁମେ ଜାଣକି "ଅଧିକାର"ର ଅର୍ଥ କ'ଣ ? "ଅଧିକାର" ହେଉଛି, ଲୋକମାନଙ୍କ ଭିତରେ ନିୟମର ଆଦାନ ପ୍ରଦାନ। ଏହା ଗୋଟିଏ ରାଷ୍ଟ୍ର, ବ୍ୟକ୍ତି କିମ୍ୱା ଦଳର କାର୍ଯ୍ୟ ଉପରେ ପ୍ରଭାବ ବିସ୍ତାର କରେ। ଉଦାହରଣ ସ୍ୱରୂପ ଯଦି ଜଣଙ୍କର ଜୀବନ ଧାରଣର ଅଧିକାର ରହିଛି, ଏହାର ଅର୍ଥ ଅନ୍ୟକାହାର ତାକୁ ମାରିବାର ସ୍ୱାଧୀନତା ନାହିଁ। 'ଅଧିକାର' ର ଅର୍ଥ ହେଉଛି, ଜଣେ ବ୍ୟକ୍ତିର ଦାବୀ ଯାହାକି ତାର ବ୍ୟକ୍ତିଗତ ଉନ୍ନତି ପାଇଁ ଆବଶ୍ୟକ ଏବଂ ତାହା ରାଷ୍ଟ୍ର ବା ସମାଜ ଦ୍ୱାରା ସ୍ୱୀକୃତ। ଏଗୁଡ଼ିକ ସ୍ୱାଧୀନତାର ନ୍ୟାୟିକ, ସାମାଜିକ କିମ୍ୱା ନୀତିଗତ ନିୟମ ଏବଂ ମୌଳିକ ସ୍ତରର ନିୟମ ଯାହାକି ଲୋକମାନଙ୍କୁ କେତେକ ନ୍ୟାୟିକ ବ୍ୟବସ୍ଥା, ସାମାଜିକ ପ୍ରଥା ଓ ନୀତିଗତ ସିଦ୍ଧାନ୍ତ ଅନୁସାରେ ପ୍ରଦାନ କରାଯାଇଛି।

ଅଧିକାରକୁ ସଭ୍ୟତାର ମୌଳିକ ବୋଲି ବିଚାର କରାଯାଏ ଯେହେତୁ ଏହା ସମାଜ ଓ ସଂସ୍କୃତିର ସ୍ଥାୟୀସ୍ତମ୍ଭ ବୋଲି ବିବେଚନା କରାଯାଏ।

କିନ୍ତୁ ଅଧିକାରର ପ୍ରକୃତ ଅର୍ଥ ସାର୍ଥକ ହୁଏ ଯଦି ପ୍ରତ୍ୟେକ ବ୍ୟକ୍ତି ନିଜର କର୍ତ୍ତବ୍ୟ ସମ୍ପାଦନ କରନ୍ତି। କର୍ତ୍ତବ୍ୟ ହେଉଛି, ଯାହା ଜଣେ କରିବା ପାଇଁ ଆଶା ଓ ଆବଶ୍ୟକ କରେ। ଉଦାହରଣ ସ୍ୱରୂପ ପିତାମାତାଙ୍କର ସେମାନଙ୍କ ସନ୍ତାନର ଯତ୍ନ ନେବା କର୍ତ୍ତବ୍ୟ। ତୁମର ତୁମ ପିତାମାତାଙ୍କ ପ୍ରତି କର୍ତ୍ତବ୍ୟ ରହିଛି। ଛାତ୍ର-ଛାତ୍ରୀମାନଙ୍କୁ ଶିକ୍ଷାଦେବା ଶିକ୍ଷକର କର୍ତ୍ତବ୍ୟ। ପ୍ରକୃତରେ ଅଧିକାର କର୍ତ୍ତବ୍ୟ ହେଉଛି ଦୁଇଟି ଚକ ଯାହା ଉପରେ ଜୀବନ ରଥ ସରଳ ଭାବରେ ଆଗକୁ ଗତିକରେ। ଜୀବନ ଆହୁରି ସରଳ ହୋଇ ପାରିବ ଯଦି ଅଧିକାର ଓ କର୍ତ୍ତବ୍ୟ ସାଙ୍ଗ ହୋଇ ଗତି କରିବେ ଓ ପ୍ରତ୍ୟେକର ସହଯୋଗୀ ହେବେ। ଅଧିକାର ହେଉଛି, ଯାହା ଅନ୍ୟଜଣେ ଆମପାଇଁ କରୁ ବୋଲି ଆମେ ଇଚ୍ଛାକରୁ। ଅନ୍ୟପକ୍ଷରେ କର୍ତ୍ତବ୍ୟ ହେଉଛି ଯେଉଁ କାର୍ଯ୍ୟ ଆମେ ଅନ୍ୟପାଇଁ କରୁ। ତେଣୁ ଅଧିକାର ହେଉଛି ଅନ୍ୟର ଅଧିକାର ପ୍ରତି ସମ୍ମାନ ଦେଖାଇବା ପାଇଁ ଆମ ଭିତରେ ଏକ ପ୍ରତିଶୃତି। ଅଧିକାର ସହିତ ରହିଥିବା ପ୍ରତିଶୃତି ହେଉଛି କର୍ତ୍ତବ୍ୟ। ଯଦି ସର୍ବସାଧାରଣ ସୁବିଧା ଯଥା ପରିବହନ କିମ୍ୱା ସ୍ୱାସ୍ଥ୍ୟସେବା ଉପଭୋଗ କରିବା ଆମର ଅଧିକାର ସେହିପରି ଏହାମଧ୍ୟ ଆମର କର୍ତ୍ତବ୍ୟ। ଅନ୍ୟାନ୍ୟମାନଙ୍କୁ ଏହି ସୁବିଧାର ସୁଯୋଗ ପ୍ରଦାନ କରିବା। ଯଦି ସ୍ୱାଧୀନତା ପାଇବା ଆମର ଅଧିକାର, ତାର ଅପବ୍ୟବହାର ନକରିବା ଓ ତାଦ୍ୱାରା ଅନ୍ୟର କ୍ଷତି ନ ଘଟାଇବା ମଧ୍ୟ ଆମର କର୍ତ୍ତବ୍ୟ।

### କାର୍ଯ୍ୟ ୧୬.୧

ତଳେ ଦିଆ ଯାଇଥିବା କୋଠରୀ ଗୁଡ଼ିକରେ ତୁମର ଅଧିକାର ଓ ତୁମର କର୍ତ୍ତବ୍ୟ ଲେଖ।

ମୋର କର୍ତ୍ତବ୍ୟ

| ପରିବାର ପ୍ରତି | ବନ୍ଧୁମାନଙ୍କ ପ୍ରତି | ପଡ଼ୋଶୀ ମାନଙ୍କ ପ୍ରତି |
|---|---|---|
| ୧. | ୧. | ୧. |
| ୨. | ୨. | ୨. |

ମୋର ଅଧିକାର

| ପରିବାର ମଧ୍ୟରେ | ବନ୍ଧୁ ମାନଙ୍କ ସଂପର୍କରେ | ପଡ଼ୋଶୀମାନଙ୍କ ସଂପର୍କରେ |
|---|---|---|
| ୧. | ୧. | ୧. |
| ୨. | ୨. | ୨. |

ତୁମେ କ'ଣ ଭାବୁଛ, ତୁମର ଅଧିକାର ଓ କର୍ତ୍ତବ୍ୟ ମଧ୍ୟରେ କ'ଣ ପାର୍ଥକ୍ୟ ରହିଛି ? ତୁମେ କ'ଣ ଭାବୁଛ, ସେମାନେ ପରସ୍ପର ସମ୍ପର୍କିତ ? କିପରି ?

## ୧୬.୨ ମୌଳିକ ଅଧିକାର

ଆମେ ଯେପରି ଦେଖିଛୁ, ଅଧିକାର ହେଉଛି ଦାବୀ ସମୂହ ଯାହାକି ଜଣେ ବ୍ୟକ୍ତି ବଞ୍ଚିବା ଓ ଉନ୍ନତି କରିବା ପାଇଁ ନିହାତି ଦରକାର କରେ। ସେହି ଅର୍ଥରେ ଅଧିକାରର ଏକ ଲମ୍ବା ତାଲିକା ରହିଛି। ଏହି ସମସ୍ତ ଅଧିକାର ସମାଜ ଦ୍ୱାରା ସ୍ୱୀକୃତ, କିନ୍ତୁ କେତେକ ଅତ୍ୟଧିକ ଗୁରୁତ୍ୱପୂର୍ଣ୍ଣ ଅଧିକାର ରାଷ୍ଟ୍ରଦ୍ୱାରା ସ୍ୱୀକୃତ ଓ ସଂବିଧାନରେ ଲିପିବଦ୍ଧ ହୋଇଛି। ଏହି ଅଧିକାର ଗୁଡ଼ିକୁ ମୌଳିକ ଅଧିକାର କୁହାଯାଏ। ଏହି ଅଧିକାର ଗୁଡ଼ିକ ଦୁଇଟି କାରଣ ପାଇଁ ମୌଳିକ ବୋଲି କୁହାଯାଏ। ପ୍ରଥମତଃ ଏଗୁଡ଼ିକ ସମ୍ବିଧାନରେ ଲିପିବଦ୍ଧ ହୋଇଛି, ଯିଏକି ସେମାନଙ୍କୁ ଏହି ଅଧିକାରର ପ୍ରତିଶୃତି ଦେଉଛି। ଦ୍ୱିତୀୟତଃ ଏଗୁଡ଼ିକ ଆଇନସିଦ୍ଧ ଅର୍ଥାତ୍ ନ୍ୟାୟାଳୟ ଦ୍ୱାରା ବାଧତାମୂଳକ ଅଟେ। "ନ୍ୟାୟ ପାଇବାର ଯୋଗ୍ୟ" ର ଅର୍ଥ ହେଉଛି, ଯଦି କୌଣସି ସ୍ଥଳରେ ଏହାର ବିଚ୍ୟୁତି ଘଟେ, ଜଣେ ବ୍ୟକ୍ତି ତାର ସୁରକ୍ଷା ପାଇଁ ନ୍ୟାୟାଳୟର ଆଶ୍ରୟ ନେଇପାରିବ। ଯଦି ସରକାର ଆଇନ ପ୍ରଣୟନ କରି ଏଥିରୁ କୌଣସି ଅଧିକାରକୁ ସଂକୁଚିତ କରିଦିଅନ୍ତି, ଏହା ନ୍ୟାୟାଳୟ ଦ୍ୱାରା ଅଯୋଗ୍ୟ ଘୋଷଣା କରାଯାଏ। ଏହି ଅଧିକାର ସମ୍ବିଧାନର ୩ୟ ଭାଗରେ ପ୍ରଦାନ କରାଯାଇଛି। ସମ୍ବିଧାନ ନାଗରିକକୁ ଛଅଟି ମୌଳିକ ଅଧିକାର ପ୍ରଦାନ କରିଅଛି। ଯଥା - (କ) ସମାନତାର ଅଧିକାର, (ଖ) ସ୍ୱାଧୀନତାର ଅଧିକାର (ଗ) ଶୋଷଣ ବିରୋଧୀ ଅଧିକାର (ଘ)ଧର୍ମଗତ ସ୍ୱାଧୀନତାର ଅଧିକାର (ଙ) ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର (ଚ) ସାମ୍ବିଧାନିକ ପ୍ରତିକାର ଅଧିକାର। ଯଦିଓ ଏହି ଅଧିକାର ଗୁଡ଼ିକ ସମସ୍ତଙ୍କ ପାଇଁ ପ୍ରଜୁର୍ଯ୍ୟ, ସମ୍ବିଧାନ କେତେକ ସ୍ୱତନ୍ତ୍ରତା ଓ ସୀମିତତା ରକ୍ଷା କରିଛି।

### ? ତୁମେ ଜାଣ କି

ମୂଳତଃ ସମ୍ବିଧାନରେ ସାତୋଟି ମୌଳିକ ଅଧିକାର ଥିଲା। ଉପର ଲିଖିତ ଛଅଟି ମୌଳିକ ଅଧିକାର ବ୍ୟତୀତ ସମ୍ପତ୍ତିଗତ ଅଧିକାର ଏକ ମୌଳିକ ଅଧିକାର। ଯେହେତୁ ଏହି ଅଧିକାର ସମାଜବାଦ ଓ ସମ୍ପତ୍ତିର ସୁଷମ ବଣ୍ଟନର ଲକ୍ଷ୍ୟ ହାସଲ ପାଇଁ ବହୁସଂଖ୍ୟାରେ ସମସ୍ୟା ସୃଷ୍ଟିକଲା, ତେଣୁ ଏହାକୁ ୧୯୭୮ ମସିହାରେ ସମ୍ବିଧାନର ୪୪ତମ ସଂଶୋଧନରେ ମୌଳିକ ଅଧିକାର ତାଲିକାରୁ ତାକୁ ବାଦ ଦିଆଗଲା। ଯାହାହେଉ ଏହାର ବାଦଦେବା ଅର୍ଥ ନୁହଁ ଯେ, ସମ୍ପତ୍ତି ଲାଭକରିବା, ରଖିବା ଏବଂ ବିକ୍ରୟ କରିବା ଅଧିକାର ଆମର ନାହିଁ। ବର୍ତ୍ତମାନ ମଧ୍ୟ ନାଗରିକମାନେ ଏହି ଅଧିକାର ଉପଭୋଗ କରିବାକୁ ମୁକ୍ତ ଅଟନ୍ତି। କିନ୍ତୁ ବର୍ତ୍ତମାନ ଏହା ଏକ ଆଇନଗତ ଅଧିକାର ଏବଂ ମୌଳିକ ଅଧିକାର ନୁହେଁ।

### ୧୬.୨.୧. ସମାନତାର ଅଧିକାର

ଆମ ସମାଜରେ ସମାନତାର ଅଧିକାର ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏହି ଅଧିକାରର ଉଦ୍ଦେଶ୍ୟ ହେଉଛି, ଏପରି ନିୟମ ପ୍ରବର୍ତ୍ତନ କରିବା ଯେଉଁଠାରେ ସମସ୍ତ ନାଗରିକ ଆଇନ ଆଗରେ ସମାନ ହେବେ। ଆଇନ

ଆଗରେ ସମସ୍ତେ ସମାନ, ଏହା ପ୍ରଦାନ କରିବା ପାଇଁ କିମ୍ବା ଭାରତର ପ୍ରତ୍ୟେକ ନାଗରିକ ମାନଙ୍କୁ ଆଇନର ସୁରକ୍ଷା ଦେବାସହ, ଧର୍ମ, ବର୍ଣ୍ଣ, ଜାତି, ଲିଙ୍ଗ ଓ ଜନ୍ମସ୍ଥାନ ନିର୍ବିଶେଷରେ କୌଣସି ପାର୍ଥକ୍ୟ ନରଖିବା ପାଇଁ ଧାରା ୧୪-୧୮ ମଧ୍ୟରେ ପାଞ୍ଚଟି ବ୍ୟବସ୍ଥା ରହିଛି

**(୧) ଆଇନ ଆଗରେ ସମାନତା:** ସମ୍ବିଧାନ ପ୍ରତିଶୃତି ଦିଏ ଯେ, ସମସ୍ତ ନାଗରିକ ଆଇନ ଆଗରେ ସମାନ। ଏହାର ଅର୍ଥ ପ୍ରତ୍ୟେକ ଦେଶର ଆଇନ ଆଗରେ ସମାନ ଭାବରେ ସୁରକ୍ଷିତ। କୌଣସି ବ୍ୟକ୍ତି ଆଇନରେ ଉର୍ଦ୍ଧ୍ୱରେ ନୁହେଁ। ଏହାର ଅର୍ଥ ଦୁଇଜଣଲୋକ ଯଦି ସମାନ ପ୍ରକାରର ଦୋଷକଲେ, ଉଭୟ କୌଣସି ବାଛବିଚାର ନଥାଇ ସମାନ ପ୍ରକାରର ଦଣ୍ଡ ପାଇବେ।

**(୨) ଧର୍ମ, ବର୍ଣ୍ଣ, ଜାତି, ଲିଙ୍ଗ ଓ ଜନ୍ମସ୍ଥାନ ଆଧାରରେ ପାର୍ଥକ୍ୟ:** ରାଷ୍ଟ୍ର ଧର୍ମ, ବର୍ଣ୍ଣ, ଜାତି, ଲିଙ୍ଗ ଓ ଜନ୍ମସ୍ଥାନ ଆଧାରରେ ନାଗରିକମାନଙ୍କ ପାଇଁ କୌଣସି ପାର୍ଥକ୍ୟ ରଖି ପାରିବ ନାହିଁ। ସାମାଜିକ ସମତା ଆଣିବା ପାଇଁ ଏହା ଏକାନ୍ତ ଆବଶ୍ୟକ। ଭାରତର ପ୍ରତ୍ୟେକ ନାଗରିକଙ୍କର ଦୋକାନ ରେଷ୍ଟୁରାଣ୍ଟ ଓ ସର୍ବସାଧାରଣ ମନୋରଂଜନ ସ୍ଥାନକୁ ସମାନ ପ୍ରବେଶାଧିକାର ରହିବ କିମ୍ବା କୂଅ, ପୋଖରୀ କିମ୍ବା ରାସ୍ତାକୁ କୌଣସି ପାର୍ଥକ୍ୟ ନରଖି ବ୍ୟବହାର କରି ପାରିବେ। ଯାହା ହେଉ ରାଷ୍ଟ୍ର ମହିଳା ଓ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରି ପାରିବେ।

**(୩) ସାଧାରଣ ନିଯୁକ୍ତି କ୍ଷେତ୍ରରେ ସମସ୍ତ ନାଗରିକଙ୍କୁ ସମାନ ସୁଯୋଗ ପ୍ରଦାନ:** ରାଷ୍ଟ୍ର ସାଧାରଣ ନିଯୁକ୍ତି କ୍ଷେତ୍ରରେ କୌଣସି ପ୍ରକାର ପାର୍ଥକ୍ୟ ରଖି ପାରିବେ ନାହିଁ। ପ୍ରତ୍ୟେକ ନାଗରିକ ରାଷ୍ଟ୍ରରେ ଯେ କୌଣସି ପଦବୀ ପାଇଁ ଆବେଦନ କରିପାରିବେ ଓ ଚାକିରୀ ମଧ୍ୟ କରିପାରିବେ। ଦକ୍ଷତା ଓ ଯୋଗ୍ୟତା ନିଯୁକ୍ତି ପାଇଁ ପ୍ରଧାନ ଆଧାର ହେବ। ଯାହା ହେଲେ ମଧ୍ୟ ଏହି ଅଧିକାରରେ କେତେକ ସ୍ୱତନ୍ତ୍ର୍ୟ ରହିଛି। ଅନୁସୂଚୀତ ଜାତି ଓ ଜନଜାତି ଓ ଅନ୍ୟ ପଛୁଆ ଜାତି (OBC) ର ନାଗରିକ ମାନଙ୍କ ପାଇଁ ସଂରକ୍ଷିତ ପଦବୀର ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି।



ଚିତ୍ର ୧୬୧- ଲିଙ୍ଗ ଭେଦନଥାଇ କାର୍ଯ୍ୟାଳୟରେ କାର୍ଯ୍ୟ

**(୪) ଅସ୍ପୃଶ୍ୟତା ଭେଦଭାବର ଉଚ୍ଛେଦ:**


କୌଣସି ପ୍ରକାରର ଅସ୍ପୃଶ୍ୟତା ବ୍ୟବହାର ପ୍ରଦର୍ଶନ ଆଇନ ଆଗରେ ଦଣ୍ଡନୀୟ ଅପରାଧ। ଭାରତରେ ଲକ୍ଷଲକ୍ଷ ନାଗରିକ ଯେଉଁମାନେ ସମାଜରେ ନ୍ୟୁନଭାବରେ ବିବେଚନା କରାଯାଉ ଥିଲା ଏବଂ ସେମାନଙ୍କର ଜନ୍ମ ଓ କାର୍ଯ୍ୟର ପ୍ରକୃତି ଦୃଷ୍ଟିରୁ ଦୂରରେ ରଖାଯାଉଥିଲା, ଏହି ବ୍ୟବସ୍ଥା ଦ୍ୱାରା ସେମାନଙ୍କ ସାମାଜିକ ଗୁରୁତ୍ୱ ବୃଦ୍ଧି କରିବା ଉଦ୍ୟମ କରାଯାଇଛି। କିନ୍ତୁ ପ୍ରକୃତରେ ବଡ଼ ଦୁଃଖର ବିଷୟ ସାମ୍ବିଧାନିକ ବ୍ୟବସ୍ଥା ସତ୍ତ୍ୱେଏହି ସାମାଜିକ କୁପ୍ରଥା ଏବେ ମଧ୍ୟ ଚାଲୁ ରହିଛି। ଯେତେବେଳେ



ଟିପ୍ପଣୀ

ଜଣେ ସେବିକା (Nurse) ଗୋଟିଏ ରୋଗୀକୁ ପରିଷ୍କାର କରୁଛି, ଗୋଟିଏ ମାଆ ତାର ସନ୍ତାନକୁ ପରିଷ୍କାର କରୁଛି ଓ ଜଣେ ସ୍ତ୍ରୀଲୋକ ପାଇଖାନା ସଫାକରୁଛି, ତାଭିତରେ ତୁମେ କିଛି ପାର୍ଥକ୍ୟ ଲକ୍ଷ୍ୟ କରିପାରୁଛକି ? ତେବେ ଲୋକମାନେ କାହିଁକି ପାଇଖାନା ସଫାକରିବାକୁ ଅସମ୍ମାନ ଜନକ ବୋଲି ବିଚାର କରନ୍ତି ?

(୫) **ମର୍ଯ୍ୟାଦାଜନକ ପଦବୀ ଉଚ୍ଛେଦ:** ଇଂରେଜ ଶାସନ ସମୟରେ ଇଂରେଜମାନଙ୍କର ସମର୍ଥକମାନଙ୍କୁ ଦିଆଯାଇଥିବା ସମସ୍ତ ବିଦେଶୀ ପଦବୀ ଯଥା 'ସାର' (Kinghood) କିମ୍ବା "ରାଜ ବାହାଦୂର" ପ୍ରଭୃତି ଉଠାଇ ଦିଆଗଲା କାରଣ ଏଗୁଡ଼ିକ ମନୁଷ୍ୟର ପ୍ରକୃତିରେ ପାର୍ଥକ୍ୟ ସୃଷ୍ଟି କରୁଥିଲା । ଯାହାହେଉ ଭାରତର ରାଷ୍ଟ୍ରପତି ବେସାମରିକ ଓ ସାମରିକ ପୁରସ୍କାର ଗୁଡ଼ିକ ଯେଉଁମାନେ ବିଭିନ୍ନ ସେବା କ୍ଷେତ୍ରରେ ମହତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରିଛନ୍ତି, ସେମାନଙ୍କୁ ପ୍ରଦାନ କରୁଛନ୍ତି । ବେସାମରିକ ଉପାଧି ଗୁଡ଼ିକ ହେଉଛି, "ଭାରତରତ୍ନ", "ପଦ୍ମ ବିଭୁଷଣ", "ପଦ୍ମଭୂଷଣ", "ପଦ୍ମଶ୍ରୀ" ପ୍ରଭୃତି ଓ "ବୀରଚକ୍ର", "ପରମ ବୀରଚକ୍ର", "ଅଶୋକଚକ୍ର" ପ୍ରଭୃତି ସାମାରିକ ଉପାଧି ପ୍ରଭୃତି ପ୍ରଦାନ କରାଯାଉଛି । ଶିକ୍ଷା ଓ ସାମାରିକ ଉପାଧି ଗୁଡ଼ିକ କୌଣସି ନାମର ପୂର୍ବରୁ ବ୍ୟବହାର କରାଯାଇ ପାରିବ ନାହିଁ ।



(ଭାରତ ରତ୍ନ, ପଦ୍ମ ବିଭୁଷଣ, ପରମବୀର ଚକ୍ର, ବୀର ଚକ୍ର, ଅଶୋକ ଚକ୍ର)

ଚିତ୍ର ୧୬.୨ ସାମାଜିକ ଓ ସାମରିକ ପୁରସ୍କାର ପଦକ

## କାର୍ଯ୍ୟ ୧୬.୨

ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକ ଉପରେ ତୁମର ସହପାଠୀ, ବନ୍ଧୁ ବା ତୁମ ପରିବାର ଓ ପଡ଼ୋଶୀ ବୟସ୍କ ବ୍ୟକ୍ତିଙ୍କ ମଧ୍ୟରୁ ଅନ୍ୟୁନ ୫ଜଣଙ୍କ ଠାରୁ ମତାମତ ସଂଗହ କର ।

୧. ତୁମେ ଭାବୁଛକି, ଅନୁସୂଚୀତ ଜାତି, ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ପାଇଁ ଚାକିରୀ କ୍ଷେତ୍ରରେ ହୋଇଥିବା ସଂରକ୍ଷଣ କ'ଣ ଯୁକ୍ତିଯୁକ୍ତ ?

୨. ତୁମେ କ'ଣ ଭାବୁଛ, ଏବେମଧ୍ୟ ଲୋକମାନେ ଅନୁସୂଚୀତ ଜାତିର ଗୋଟିଏ ଲୋକ ହାତରୁ ପାଣି ପିଇବାକୁ କୁଣ୍ଠାବୋଧ କରୁଛନ୍ତି ?

୩. ତୁମେ କ'ଣ ଏକମତ ଯେ, ପ୍ରକୃତପକ୍ଷେ ସମସ୍ତନାଗରିକ ଆଇନଦୃଷ୍ଟିରୁ ସମାନ ?

ସେମାନଙ୍କର ମତାମତ ତଳ ସାରିଣୀରେ (Table) ଲିପିବଦ୍ଧ କରି ସିଦ୍ଧାନ୍ତ ଗ୍ରହଣ କର । ଏହି ପ୍ରଶ୍ନ ଗୁଡ଼ିକ ଉପରେ ତୁମର ମତାମତ କ'ଣ ?

| ପ୍ରଶ୍ନ | ଲୋକମାନଙ୍କ ମତାମତ: | | | | |
|---|---|---|---|---|---|
| | ୧ମ ଲୋକ | ୨ୟ ଲୋକ | ୩ୟଲୋକ | ୪ର୍ଥ ଲୋକ | ୫ମ ଲୋକ |
| ପ୍ରଶ୍ନ-୧ | | | | | |
| ପ୍ରଶ୍ନ-୨ | | | | | |
| ପ୍ରଶ୍ନ-୩ | | | | | |

## ପାଠଗତ ପ୍ରଶ୍ନାବଳୀ

୧. ତୁମେ ଅଧିକାର ଓ କର୍ତ୍ତବ୍ୟ କହିଲେ କ'ଣ ବୁଝ ? ସେଗୁଡ଼ିକର କିପରି ପରସ୍ପର ସହ ସମ୍ପର୍କ ରହିଛି ?

୨. ତଳ ଲିଖିତ ବାକ୍ୟ ଗୁଡ଼ିକରୁ କେଉଁଟି ସମାନତାର ଅଧିକାରକୁ ବୁଝାଏ ନାହିଁ ଓ କାହିଁକି ?

(i) ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତିଙ୍କୁ ସଂରକ୍ଷଣ ପରସ୍ପର ପାର୍ଥକ୍ୟ ଭିତ୍ତିରେ ଦିଆଯାଇଛି ।

(ii) ଜଣେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯାହା ବିରୁଦ୍ଧରେ ଦୁର୍ନିତୀ ଅଭିଯୋଗ ଆସିଥିଲା, ତାଙ୍କୁ ନ୍ୟାୟାଳୟରେ ଉପସ୍ଥିତ ହେବାରୁ ମୁକ୍ତ କରାଗଲା ।

(iii) ସର୍ବସାଧାରଣ ସ୍ଥାନକୁ ଯିବା ସମସ୍ତଙ୍କ ପାଇଁ ମୁକ୍ତ ଅଟେ ।

(iv) ନିଯୁକ୍ତିର ଯୋଗ୍ୟତା ଧର୍ମ ଉପରେ ନିର୍ଭରଶୀଳ ।

(v) ରାଜବାହାଦୂର ମୋହନ ସିଂହ ଲୋକସଭା ନିର୍ବାଚନ ପାଇଁ ଜଣେ ପ୍ରାର୍ଥୀ ।

୩. ନିମ୍ନ ଲିଖିତ ଭିତରୁ କେଉଁଟି ଅସ୍ପୃଶ୍ୟତା ନୁହେଁ ।

(i) ଧାର୍ମିକ ସ୍ଥାନକୁ ପ୍ରବେଶ ପାଇଁ ଦୁଇଟି ଦ୍ୱାର ରହିଛି । ଗୋଟିଏ ଦଳିତମାନଙ୍କ ପାଇଁ ଓ ଅନ୍ୟଟି ଅନ୍ୟମାନଙ୍କ ପାଇଁ ।

(ii) ଗୋଟିଏ ଜିମ୍ ଦଳିତ ବ୍ୟକ୍ତିମାନଙ୍କୁ ପ୍ରବେଶକୁ ମନା କଲା ।

(iii) ଦଳିତମାନେ ଗ୍ରାମର ଟିଉବୱେଲରୁ ଅନ୍ୟମାନଙ୍କ ସହ ଜଳ ନେଇ ପାରିବେ ।

(iv) ଗୋଟିଏ ଦଳିତ ମହିଳା ତାର ବିବାହ ଉତ୍ସବରେ ବିବାହ ପୋଷାକ ପରିଧାନକୁ ବିରୋଧ କରିବା ।

## ୧୬.୨.୨ ସ୍ୱାଧୀନତାର ଅଧିକାର

ତୁମେ ରାଜିହେବଯେ, ପ୍ରତ୍ୟେକ ପ୍ରାଣୀପାଇଁ ସ୍ୱାଧୀନତା ହେଉଛି ଚିର ଅଭିଳଷିତ ଇଚ୍ଛା । ମନୁଷ୍ୟ ଜାତିର ନିଶ୍ଚିତ ଭାବରେ ସ୍ୱାଧୀନତା ଆବଶ୍ୟକ । ତୁମେ ମଧ୍ୟ ସ୍ୱାଧୀନତା ଲାଭ କରିବାକୁ ଇଚ୍ଛା କର । ଭାରତର ସମ୍ବିଧାନ ସମସ୍ତ ନାଗରିକଙ୍କୁ ସମାନତାର ଅଧିକାର ଅର୍ପଣ କରିଛି । ଏହି ଅଧିକାର ସମ୍ବିଧାନର ଧାରା ୧୯-୨୨ ଦ୍ୱାରା ସ୍ଥିରୀକୃତ ହୋଇଛି । ନିମ୍ନରେଚାରି ଶ୍ରେଣୀର ସ୍ୱାଧୀନତାର ଅଧିକାର ପ୍ରକାଶ କରାଯାଇଛି ।

୧. **ଛଅଟି ସ୍ୱାଧୀନତା:** ସମ୍ବିଧାନର ୧୯ତମ ଧାରା ନିମ୍ନଲିଖିତ ଛଅଟି ସ୍ୱାଧୀନତା ଅର୍ପଣ କରିଛି ।

(କ) ସ୍ୱାଧୀନଭାବେ ମତବ୍ୟକ୍ତ କରିବାର ଅଧିକାର

(ଖ) ଶାନ୍ତିପୂର୍ଣ୍ଣ ଓ ନିରସ୍ତ୍ର ଭାବରେ ସମବେତ ହେବାର ସ୍ୱାଧୀନତା

(ଗ) ସଂଗଠନ କରିବାର ସ୍ୱାଧୀନତା

(ଘ) ଭାରତର ଯେକୌଣସି ସ୍ଥାନ ଭ୍ରମଣ କରିବାର ସ୍ୱାଧୀନତା

(ଙ) ଭାରତର ଯେକୌଣସି ସ୍ଥାନରେ ବସବାସ କରିବାର ସ୍ୱାଧୀନତା

(ଚ) ଯେକୌଣସି ବୃତ୍ତି, ବ୍ୟବସାୟ, ବାଣିଜ୍ୟ ଅବଲମ୍ବନ କରିବାର ସ୍ୱାଧୀନତା ।

ଏହି ସ୍ୱାଧୀନତା ଗୁଡ଼ିକ ଦେବାର ଉଦ୍ଦେଶ୍ୟ ହେଉଛି, ଗଣତନ୍ତ୍ରର ଉପଯୁକ୍ତ କାର୍ଯ୍ୟକାରିତା ପାଇଁ ପରିବେଶ ସୃଷ୍ଟି କରିବା । ସେଗୁଡ଼ିକ ଉପରେ କେତେକ ନିର୍ଦ୍ଦିଷ୍ଟ ଯୁକ୍ତିସମ୍ମତ ନିୟନ୍ତ୍ରଣ ଜାରି କରିବା ପାଇଁ ସମ୍ବିଧାନ ରାଷ୍ଟ୍ରକୁ କ୍ଷମତା ପ୍ରଦାନ କରିଛି ।

୧. ଭାରତର ସାର୍ବଭୌମତ୍ୱ, ଅଖଣ୍ଡତା ଓ ସୁରକ୍ଷା, ବିଦେଶୀ ରାଷ୍ଟ୍ରଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ, ସାଧାରଣ ନିୟମ, ସୌନ୍ଦର୍ଯ୍ୟ ଓ ନୈତିକତା କିମ୍ବା ନ୍ୟାୟାଳୟର ଅସମ୍ମାନ, ଅନ୍ୟର ସୁନାମପ୍ରତି କ୍ଷତି ଆଦି ସ୍ୱାର୍ଥର ସୁରକ୍ଷାପାଇଁ ସ୍ୱାଧୀନମତବ୍ୟକ୍ତର ଅଧିକାର ଉପରେ ନିୟନ୍ତ୍ରଣ ଜାରି କରାଯାଇପାରେ ।

୨. ଭାରତର ସାର୍ବଭୌମତ୍ୱ, ଅଖଣ୍ଡତା ଓ ସର୍ବ ସାଧାରଣ ନିୟମର ସ୍ୱାର୍ଥପାଇଁ ବିନା ଅସ୍ତ୍ରରେ ସବବେତ ହେବାର ଅଧିକାରକୁ ମଧ୍ୟ ନିୟନ୍ତ୍ରିତ କରାଯାଇପାରେ ।

୩. ଭାରତର ସାର୍ବଭୌମତ୍ୱ ଓ ଅଖଣ୍ଡତା, ସର୍ବସାଧାରଣ ନିୟମ କିମ୍ବା ମାନବିକତାର ସ୍ୱାର୍ଥ ପାଇଁ ସମାଜ ଓ ସଂଘ ଗଠନର ଅଧିକାରକୁ ମଧ୍ୟ ସୀମିତ କରାଯାଇପାରିବ ।

୪. ଜନ ସାଧାରଣ କିମ୍ବା ତଫସିଲଭୁକ୍ତ ଜନଜାତିର ଜନସାଧାରଣଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଭାରତୀୟ ରାଷ୍ଟ୍ର ମଧ୍ୟରେ ମୁକ୍ତଭାବରେ ବୁଲିବା କିମ୍ବା ଦେଶର ଯେକୌଣସି ଅଞ୍ଚଳରେ ବସବାସ କରିବା ଅଧିକାରକୁ ସୀମିତ କରିଦେଇ ପାରେ ।

୫. ଯେକୌଣସି ବୃତ୍ତି, ବ୍ୟବସାୟ, ବାଣିଜ୍ୟ କରିବାର ଅଧିକାରକୁ ମଧ୍ୟ ଜନସାଧାରଣଙ୍କ ସ୍ୱାର୍ଥପାଇଁ ନିୟନ୍ତ୍ରିତ କରାଯାଇପାରେ । କୌଣସି ବୃତ୍ତି, ବାଣିଜ୍ୟ ଓ ବ୍ୟବସାୟକୁ ଅବଲମ୍ବନ କରିବାକୁ ଆବଶ୍ୟକ ବୃତ୍ତିଗତ ଓ ବୈଷୟିକ ଯୋଗ୍ୟତା ସ୍ଥିର କରିବା ପାଇଁ ରାଷ୍ଟ୍ର ମଧ୍ୟ ଅନୁମତି ପ୍ରାପ୍ତ ହୋଇଛି ।

### (୨) ଦୋଷପାଇଁ ଦଣ୍ଡ ପାଇବା ସମ୍ପର୍କରେ ସୁରକ୍ଷା-

ସମ୍ବିଧାନର ଧାରା (Article) ୨୦ ଦୋଷପାଇଁ ଦଣ୍ଡ ଭୋଗିବା ସମ୍ପର୍କରେ ସୁରକ୍ଷା ପ୍ରଦାନକରେ । ଦୋଷୀ ଦୋଷକଲା ବେଳେ ଯଦି ତାହାକୁ ଦୋଷ ବୋଲି ବିବେଚନା କରାଯାଉନଥାଏ, ତେବେ ଦୋଷୀକୁ ଦଣ୍ଡ ଦିଆଯାଇ ପାରିବ ନାହିଁ । ଦୋଷ କରିବା ସମୟରେ ପ୍ରଚଳିତ ଆଇନ ଅନୁସାରେ ଯେତିକି ଦଣ୍ଡ ପାଇବାର ବ୍ୟବସ୍ଥା ଥାଏ,ତାଠାରୁ ଅଧିକ ଦଣ୍ଡ କାହାକୁ ଦିଆଯାଇ ପାରିବ ନାହିଁ । ଆଉମଧ୍ୟ ଜଣକ ବିରୁଦ୍ଧରେ ଆଇନଗତ ପଦକ୍ଷେପ ଏବଂ ଦଣ୍ଡ ଗୋଟିଏ ଦୋଷ ପାଇଁ ଥରେ ମାତ୍ର ଦିଆଯାଇ ପାରିବ ଏବଂ ତାକୁ ମଧ୍ୟ ତା ନିଜ ବିପକ୍ଷରେ ସାକ୍ଷୀ ଦେବାକୁ ବାଧ କରାଯାଇପାରିବ ନାହିଁ ।

### (୩) ଜୀବନ ଏବଂ ବ୍ୟକ୍ତିଗତ ସ୍ୱାଧୀନତାର ସୁରକ୍ଷା-

ସମ୍ବିଧାନର ଧାରା (Article) ୨୧ ଅନୁସାରେ କୌଣସି ବ୍ୟକ୍ତି ପ୍ରତିଷ୍ଠିତ ପଦ୍ଧତି ଅନୁସୃତ ନହୋଇ କେବେହେଲେ ତାର ଜୀବନ ଓ ବ୍ୟକ୍ତି ସ୍ୱାଧୀନତାରୁ ବଞ୍ଚିତ ହୋଇ ପାରିବ ନାହିଁ ।

### (୪) ନିର୍ଦ୍ଦିଷ୍ଟ ମାମଲାରେ ବନ୍ଦୀ ହେବା ଓ ଅଟକ ରହିବା ବିପକ୍ଷରେ ସୁରକ୍ଷା-

ଧାରା (Article) ୨୨ ବ୍ୟବସ୍ଥା ଅନୁସାରେ ଜଣେ ବ୍ୟକ୍ତି ବନ୍ଦୀ (arrest) ହେବା ସମୟରେ ତାକୁ ସୂଚନା ଦିଆଯିବା ଆବଶ୍ୟକ । ବନ୍ଦୀହେବାର କାରଣକୁ ଦୃଷ୍ଟିରେ ରଖି ଯେତେ ଶୀଘ୍ର ପାଇ ତାକୁ ନିଜ ସପକ୍ଷରେ ଯୁକ୍ତି ଉପସ୍ଥାପନ ପାଇଁ ତାର ପସନ୍ଦ ଅନୁସାରେ ଜଣେ ଓକିଲ ସହ ଆଲୋଚନା କରିବାକୁ ଅନୁମତି ଦିଆଯିବା ଉଚିତ୍ ।

ମୋଟ ଉପରେ ପ୍ରତିଶେଧକ ମୂଳକ ଅଟକ ଆଇନ୍ (Preventive detention law) ଦ୍ୱାରା ବନ୍ଦୀ ହୋଇଥିବା ବ୍ୟକ୍ତିକୁ ଛାଡ଼ି ଅନ୍ୟ ସମସ୍ତ ବନ୍ଦୀ ହୋଇଥିବା ବ୍ୟକ୍ତିକୁ ବନ୍ଦୀ ହେବାର ୨୪ ଘଣ୍ଟା

ଟିପ୍ପଣୀ

ମଧ୍ୟରେ ନିକଟବର୍ତ୍ତୀ ବିଚାର ପତିଙ୍କ ସମ୍ମୁଖରେ ଉପସ୍ଥିତ କରାଇବାକୁ ପଡ଼ିବ। ପ୍ରତିଶେଧକ ମୂଳକ ଅଟକ ଆଇନ (Preventive detention law) ଦ୍ୱାରା ବନ୍ଦୀ ହୋଇଥିବା ବ୍ୟକ୍ତିଙ୍କୁ ଗୋଟିଏ ପରାମର୍ଶଦାତା ବୋର୍ଡ଼ (Advisory Board) କୁ ବନ୍ଦୀହେବାର ୩ ମାସ ମଧ୍ୟରେ ପଠାଇବାକୁ ପଡ଼ିବ।

### ତୁମେ ଜାଣ କି

୧. କ'ଣ ଘଟିବ ଯଦି ରାଷ୍ଟ୍ର ଯୁକ୍ତି ସଂଗତ ନିୟନ୍ତ୍ରଣ "reasonable restriction" ନାମରେ କ୍ଷମତାର ଅପପ୍ରୟୋଗ କରେ? ତାର ଯୁକ୍ତିଯୁକ୍ତତା କିଏ ସ୍ଥିର କରିବ? ସମ୍ବିଧାନ ଅନୁସାରେ କେବଳ ନ୍ୟାୟାଳୟ ଏହି ସମସ୍ୟାର ସମାଧାନ କରିପାରିବ ଏବଂ ସରକାର କରିପାରିବେ ନାହିଁ।

୨. କେବଳ ଅଳ୍ପକେତେକ ମୌଳିକ ଅଧିକାର ବିଦେଶୀମାନେ ଉପଭୋଗ କରିପାରିବେ ଏବଂ ସବୁତକ ନୁହେଁ। ଉଦାହରଣ ସ୍ୱରୂପ ଆଇନ ଆଗରେ ସମାନତାର ଅଧିକାର, ଏବଂ ଧର୍ମଗତ ସ୍ୱାଧୀନତାର ଅଧିକାର ବିଦେଶୀମାନେ ଉପଭୋଗ କରିପାରିବେ। କିନ୍ତୁ ଅନ୍ୟମୌଳିକ ଅଧିକାର ଗୁଡ଼ିକ କେବଳ ଭାରତୀୟ ନାଗରିକମାନଙ୍କ ପାଇଁ ଉଦ୍ଦିଷ୍ଟ।

### ପାଠଗତ ପ୍ରଶ୍ନାବଳୀ ୧୬-୨

୧. ଭାରତର ସମ୍ବିଧାନରେ କେଉଁ ସ୍ୱାଧୀନତା ପ୍ରଦାନ କରାଯାଉଛି?

୨. ନିମ୍ନଲିଖିତ ବିଷୟ ଗୁଡ଼ିକରେ କେଉଁ ସ୍ୱାଧୀନତାକୁ ଭଙ୍ଗ କରାଯାଇଛି।

(i) ରାଷ୍ଟ୍ରନୀତି ଗୋଟିଏ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନେତାଙ୍କୁ ସୀମା ଅତିକ୍ରମ କରି ଅନ୍ୟ ରାଜ୍ୟରେ ପ୍ରବେଶକୁ ବିନା କରଣରେ ଅନୁମତି ଦିଏନାହିଁ।

(ii) ଶ୍ରମିକମାନେ ଏକାଠି ହୋଇ ସେମାନଙ୍କର ଦାବୀ ଉପସ୍ଥାପନ ପାଇଁ ଅନୁମତି ପାଇଲେ ନାହିଁ।

(iii) ଲୋକମାନଙ୍କୁ ନିଜ ରାଜ୍ୟ ଛାଡ଼ି ଅନ୍ୟ କେଉଁ ଆଡ଼େ ଯିବାକୁ ବାଧ କରାଗଲା ।

(iv) ଗୋଟିଏ ମୋଚିର ପୁଅକୁ ଗାଁରେ ଗୋଟିଏ ମିଠା ଦୋକାନ ଖୋଲିବାକୁ ଅନୁମତି ଦିଆଗଲା ନାହିଁ।

(v) ଗୋଟିଏ ରାଜନୈତିକ ଦଳକୁ ଗୋଟିଏ ସର୍ବସାଧାରଣ ସଭା କରିବାକୁ ଅନୁମତି ଦିଆଗଲା ନାହିଁ।

୩. ଦୋଷୀମାନଙ୍କୁ ଦଣ୍ଡ ଦେବା, ଜୀବନ ଏବଂ ବ୍ୟକ୍ତି ସ୍ୱାଧୀନତାର ସୁରକ୍ଷା ଓ ବନ୍ଦୀ ଏବଂ ଅଟକ ଥିବା ବିରୁଦ୍ଧରେ ସୁରକ୍ଷାଦେବା ସମ୍ପର୍କରେ ନାଗରିକ ମାନଙ୍କୁ ସୁରକ୍ଷାଦେବା ପାଇଁ ସମ୍ବିଧାନରେ କି ବ୍ୟବସ୍ଥା ରହିଛି?

### କାର୍ଯ୍ୟ ୧୬.୩

ନିମ୍ନରେ ସମ୍ବିଧାନ ଦ୍ୱାରା ନାଗରିକ ମାନଙ୍କୁ ଦିଆଯାଇଥିବା ସ୍ୱାଧୀନତା ଓ ଆଇନସଂଗତ ନିୟନ୍ତ୍ରଣ ଗୁଡ଼ିକ ଯାହା ରାଷ୍ଟ୍ର ବସାଇପାରେ। ସ୍ୱାଧୀନତା ଗୁଡ଼ିକୁ ଆଇନ ସଙ୍ଗତ ନିୟନ୍ତ୍ରଣ ସହିତ ଯୋଗକର। ତୁମେ କଣ ଭାବୁଛ ଏହି ନିୟନ୍ତ୍ରଣ ଗୁଡ଼ିକ କ'ଣ ଉପଯୁକ୍ତ? ତୁମ ମତ ଅନୁସାରେ କାରଣ ଦର୍ଶାଅ।

| ସ୍ୱାଧୀନତା | ଆଇନ ସଂଗତ ନିୟନ୍ତ୍ରଣ |
|---|---|
| ୧. ମତବ୍ୟକ୍ତ କରିବାର ସ୍ୱାଧୀନତା | (କ) ହିଂସାର ବିସ୍ତାର ରୋକିବା ପାଇଁ ଜଣେ ବ୍ୟକ୍ତି ବା ଗୋଟିଏ ଦଳର ଗତିବିଧିକୁ ସୀମିତ କରିବା |
| ୨. ସଙ୍ଗଠନ କରିବାର ସ୍ୱାଧୀନତା | (ଖ) ଯୁଆଖେଳ, ବେଶ୍ୟାବୃତ୍ତି, କ୍ଷତିକାରକ ଔଷଧ ବିକ୍ରୟ ଜନିତ ବ୍ୟବସାୟକୁ ଅନୁମତି ନଦେବା |
| ୩. ଶାନ୍ତିପୂର୍ଣ୍ଣ ଓ ନିରସ୍ତ୍ର ଭାବରେ ସମବେତ ହେବା ସ୍ୱାଧୀନତା | (ଗ) ଉଡ଼ାଜାହାଜ ପଡ଼ିଆର ଖୁବ୍ ନିକଟରେ ବାସ କରିବା ପାଇଁ ଅନୁମତି ନ ଦେବା |
| ୪. ଭାରତର ଯେକୌଣସି ସ୍ଥାନରେ ଅବାଧ ଭ୍ରମଣ କରିବା ସ୍ୱାଧୀନତା | (ଘ) ଯେଉଁ ଭାଷା ଲୋକମାନଙ୍କ ଭିତରେ ସାମ୍ପ୍ରଦାୟିକ ହିଂସା ସୃଷ୍ଟି କରିବ, ତାର ବ୍ୟବହାର ନିୟନ୍ତ୍ରଣ କରିବା। |
| ୫. ଭାରତର ଯେକୌଣସି ସ୍ଥାନରେ ବସବାସ କରିବାର ସ୍ୱାଧୀନତା | (ଙ) ହିଂସାପୂର୍ଣ୍ଣ କାର୍ଯ୍ୟ କଳାପକୁ ସାହାଯ୍ୟ କରୁଥିବା ସଙ୍ଗଠନ ଗଠନ କରିବାକୁ ଅନୁମତି ନଦେବା। |
| ୬. କୌଣସି ବୃତ୍ତି, ବ୍ୟବସାୟ ବା ବାଣିଜ୍ୟ କରିବାର ସ୍ୱାଧୀନତା | (ଚ) ଶାନ୍ତିପୂର୍ଣ୍ଣ ହେବା ଉଚିତ ଏବଂ ଯୋଗଦାନ କରୁଥିବା ବ୍ୟକ୍ତିମାନେ କୌଣସି ଅସ୍ତ୍ର ସାଙ୍ଗରେ ନେବେ ନାହିଁ। |

### ୧୬.୨.୩ ଶୋଷଣ ବିରୋଧି ଅଧିକାର

ତୁମେ କେବେ ଚିନ୍ତା କରିଛ କି, କେତେ ପ୍ରକାରରେ ଆମ ସମାଜରେ ଶୋଷଣ କରାଯାଇଥାଏ ? ତୁମେ ଦେଖିଥାଇପାର ଯେ, ଗୋଟିଏ ସାନପିଲା ଗୋଟିଏ ଚାଦୋକାନରେ କାମ କରୁଛି କିମ୍ଵା ଗୋଟିଏ ଗରିବ ଅଶିକ୍ଷିତ ଲୋକ ଗୋଟିଏ ଧନୀଲୋକ ଘରେ କାମ କରିବାକୁ ବାଧ ହେଉଛି। ପ୍ରଥାନୁସାରେ ଭାରତୀୟ ସମାଜରେ ଅନେକ ସାମାଜିକ ସ୍ତର ରହିଛି ଓ ବିଭିନ୍ନ ପ୍ରକାର ଶୋଷଣକୁ ଏହା ଉତ୍ସାହିତ କରେ। ଯେଉଁଥିପାଇଁକି ସମ୍ବିଧାନରେ ଶୋଷଣ ବିରୁଦ୍ଧରେ ବ୍ୟବସ୍ଥା କରାଯାଇଛି। ନାଗରିକମାନଙ୍କୁ ଶୋଷଣ ବିରୋଧି ଅଧିକାରର ପ୍ରତିଶୃତି ସମ୍ବିଧାନର ଧାରା (Article) ୨୩ ଓ ୨୪ରେ ଦିଆଯାଇଛି। ଏହି ଦୁଇଟି ବ୍ୟବସ୍ଥା ହେଉଛି-

୧. **ମନୁଷ୍ୟ କ୍ରୟ ବିକ୍ରୟ ଓ ବାଧତା ମୂଳକ ଶ୍ରମର ନିଷେଧ:** ମନୁଷ୍ୟମାନଙ୍କୁ କ୍ରୟ ବିକ୍ରୟ ବେଠିବେଗାରୀ ଏବଂ ଅନ୍ୟ ବାଧତା ମୂଳକ ଶ୍ରମକୁ ନିଷେଧ କରାଯାଇଛି ଓ ଏହି ବ୍ୟବସ୍ଥା ଯେକୌଣସି ଉଲଙ୍ଘନ ହେଉଛି ଗୋଟିଏ ଅପରାଧ ଓ ତାହା ଆଇନ ଅନୁସାରେ ଦଣ୍ଡନୀୟ।

**? ତୁମେ ଜାଣ କି**

୧. ମନୁଷ୍ୟମାନଙ୍କର ବିକ୍ରୟ ଅର୍ଥ ମନୁଷ୍ୟମାନଙ୍କୁ ପଣ୍ୟ ଦ୍ରବ୍ୟ ଭଳି କ୍ରୟ ବିକ୍ରୟ କରିବା। ଯୁବତୀ ସ୍ତ୍ରୀଲୋକ, ଝିଅ ଓ ଏପରିକି ପୁଅମାନଙ୍କୁ ମଧ୍ୟ ନେଇ ଅନୈତିକ ବ୍ୟବସାୟ ଚଳାଇ ଥାଆନ୍ତି।

୨. ପୂର୍ବକାଳରେ ଭାରତୀୟ ସାମନ୍ତବାଦୀ ସମାଜରେ ଗରୀବ ଓ ନିମ୍ନ ଶ୍ରେଣୀର ଲୋକମାନେ ବିନା ପାରିଶ୍ରମିକରେ ଜମି ମାଲିକ ଓ ଅନ୍ୟ କ୍ଷମତାଶାଳୀ ବ୍ୟକ୍ତିମାନଙ୍କ ପାଇଁ କାର୍ଯ୍ୟକରୁ ଥିଲେ। ଏହି ପ୍ରଥାକୁ "ବେଗାର' କିମ୍ଵା ବାଧତାମୂଳକ ଶ୍ରମ ବୋଲି କୁହାଯାଉଥିଲା।

୩. **ପିଲାମାନଙ୍କୁ କାରଖାନା ପ୍ରଭୃତିରେ ନିଯୁକ୍ତି ନିଷେଧ:** ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ୧୪ ବର୍ଷରୁ କମ୍ କୌଣସି ପିଲା କାରଖାନା, ଖଣି କିମ୍ବା ଅନ୍ୟ କୌଣସି ବିପଦପୂର୍ଣ୍ଣ ଚାକିରୀରେ ନିଯୁକ୍ତି ପାଇବ ନାହିଁ। ଏହି ଅଧିକାର ଶିଶୁ ଶ୍ରମିକ ଭଳି ଗୋଟିଏ ଅତି ଭୟଙ୍କର ସମସ୍ୟାକୁ ଦୂରକରିବା ପାଇଁ ଲକ୍ଷ୍ୟ ରଖିଥାଏ। ଯେଉଁ ସମସ୍ୟାକି ଭାରତ ଦୀର୍ଘବର୍ଷ ଧରି ସମ୍ମୁଖିନ ହୋଇ ଆସୁଛି। ପିଲାମାନେ ସମାଜ ପାଇଁ ବିଶେଷ ଉପଯୋଗୀ। ସେମାନଙ୍କର ପ୍ରାଥମିକ ଅଧିକାର ହେଉଛି ଏକ ଆନନ୍ଦ ଦାୟକ ବାଲ୍ୟବସ୍ଥା ଉପଭୋଗ କରିବା ଓ ଶିକ୍ଷା ପାଇବା। ତଳେ ଚିତ୍ରରେ ଯେପରି ଦର୍ଶାଯାଇଛି ବା ତୁମେ ଯାହା ଲକ୍ଷ୍ୟକରୁଛ ସମସ୍ତ ସାମ୍ବିଧାନିକ ବ୍ୟବସ୍ଥା ସତ୍ୱେ ବିଭିନ୍ନସ୍ଥଳରେ ଶିଶୁ ଶ୍ରମିକ ସମସ୍ୟା ଏବେ ମଧ୍ୟ ଲାଗି ରହିଛି। ଏହି କ୍ଷତିକାରକ ଚିନ୍ତାଧାରା ଜନମତ ସୃଷ୍ଟିକରି ଦୂର କରାଯାଇ ପାରିବ।



ଚିତ୍ର ୧୬.୩ ପିଲାମାନେ ବିପଦପୂର୍ଣ୍ଣ ପରିସ୍ଥିତିରେ କାର୍ଯ୍ୟକରୁଛନ୍ତି।

## କାର୍ଯ୍ୟ ୧୬.୪

ଗୁରୁ ଓ ଶାନୁ ଯାହା କି ବୟସ ଯଥାକ୍ରମେ ୯ ଓ ୧୧ ସେମାନେ ଝାଡ଼ଖଣ୍ଡର ଗୋଟିଏ ଅନୁନ୍ନତ ଗ୍ରାମର ବାସିନ୍ଦା। ସେମାନଙ୍କର ବାପାମା ମାନେ ସେମାନଙ୍କୁ ଫିରୋଜାବାଦର ଜଣେ ଚୂଡ଼ୀ ପ୍ରସ୍ତୁତ କରୁଥିବା ବ୍ୟକ୍ତିଙ୍କୁ ପ୍ରତ୍ୟେକଙ୍କୁ ୨୦୦୦ଲେଖାଏଁ ମୂଲ୍ୟରେ ବିକିଦେଲେ। ସେମାନଙ୍କୁ ଗୋଟିଏ କାରଖାନାରେ କାମକରିବାକୁ ଦିଆଗଲା ଯେଉଁଠାରେ ଆହୁରି ଅଧିକପିଲା ଅତ୍ୟଧିକ ଅସ୍ୱାସ୍ଥ୍ୟକର ଓ ବିପଦପୂର୍ଣ୍ଣ ଅବସ୍ଥାରେ କାର୍ଯ୍ୟ କରୁଥିଲେ। ସେମାନଙ୍କୁ ସେମାନଙ୍କର ଆବଶ୍ୟକତା ଅନୁସାରେ ଖାଦ୍ୟ ଦିଆଯାଉନଥିଲା ଏବଂ ସେମାନେ ମଧ୍ୟ ଶୋଇବା ପାଇଁ ସମୟ ପାଉନଥିଲେ। ଯଦି ସେମାନେ କେବେ ଆଘାତ ପ୍ରାପ୍ତ ହେଉଥିଲେ କିମ୍ବା ପୋଡ଼ିଯାଉଥିଲେ କିମ୍ବା ଅସୁସ୍ଥହୋଇ ପଡୁଥିଲେ, ତାଙ୍କୁ ମାଡ଼ ଦିଆ ଯାଉଥିଲା ଓ ପ୍ରାୟ ୧୮ ଘଣ୍ଟାରୁ ୨୦ ଘଣ୍ଟାରୁ ଅଧିକ ସମୟ କାର୍ଯ୍ୟ କରିବାକୁ ବାଧ କରାଯାଉଥିଲା। କେତେକ ପିଲା ଯେଉଁମାନେକି ସେଠାରୁ କୌଣସିମତେ ଖସି ଆସିବାକୁ ସକ୍ଷମ ହେଉଥିଲେ, ଅନ୍ୟ ରାଜ୍ୟକୁ ଯାଇ ଭିକ୍ଷାବୃତ୍ତି, ଚୋରି ବା ଅନ୍ୟକୌଣସି ନିମ୍ନଧରଣର କାର୍ଯ୍ୟକୁ ଆଦରି ନେଉଥିଲେ। ସେମାନେ ସଦାବେଳେ ତାଙ୍କ ପିତାମାତାଙ୍କୁ ସାକ୍ଷାତ କରିବାକୁ ଚାହୁଁଥିଲେ ହେଲେ ସେମାନେ ତାହା କରିପାରୁନଥିଲେ।

ଉପରୋକ୍ତ ସମ୍ବାଦ ଗଳ୍ପକୁ ପାଠକର ଏବଂ ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ:

୧. ଏହି ଗଳ୍ପରେ କେଉଁ ମୌଳିକ ଅଧିକାରକୁ ଉଲଂଘନ କରାଯାଇଛି ?

୨. ଯେଉଁ ପିତାମାତା ସେମାନଙ୍କର ପିଲାମାନଙ୍କୁ ବିକ୍ରିକରି ଦେଲେ ଓ ସେମାନଙ୍କୁ ଏପରି ପରିସ୍ଥିତିରେ କାମ କରାଉଛନ୍ତି, ସେମାନଙ୍କ ବିରୁଦ୍ଧରେ କ'ଣ ଦଣ୍ଡବିଧାନ କରାଯିବା ଉଚିତ୍ ?

୩. ଏହି ପିଲାମାନଙ୍କୁ ଶୋଷଣରୁ ରକ୍ଷା କରିବାପାଇଁ କି ପଦକ୍ଷେପ ନିଆଯାଇ ପାରେ ?

ତୁମେ ନିଜକୁ ସୋନୁ ଓ ଗୁରୁ ସ୍ଥାନରେ ରଖି ଚୂଡ଼ୀ କାରଖାନାରେ ଦୀର୍ଘସମୟ ପର୍ଯ୍ୟନ୍ତ କାମ କରାଯାଉଛି ବୋଲି ଭାବ। ସାହାଯ୍ୟ ପାଇବା ପାଇଁ ଓ ସେହି ପରିସ୍ଥିତିରୁ ମୁକ୍ତ ହେବାପାଇଁ ତୁମେ କ'ଣ କରିପାରିବ ?

## ୧୬.୨.୪ ଧର୍ମୀୟ ସ୍ୱାଧୀନତା ଅଧିକାର

ତୁମେ ଯାହାଜାଣିଛ, ସମ୍ବିଧାନର ମୁଖବନ୍ଧରେ ଘୋଷଣାର ଗୋଟିଏ ଲକ୍ଷ୍ୟ ହେଉଛି, "ସମସ୍ତ ନାଗରିକଙ୍କର ମୁକ୍ତ ଧର୍ମଭାବନା, ବିଶ୍ୱାସ, ପୂଜାକୁ ସୁରକ୍ଷିତ ରଖିବା"। ଯେହେତୁ ଭାରତ ଏକ ବହୁଧର୍ମୀୟ ରାଷ୍ଟ୍ର ଯେଉଁଠାରେ ହିନ୍ଦୁ, ମୁସଲମାନ, ଶିଖ, ଖ୍ରୀଷ୍ଟିୟାନ ଏବଂ ଆଉ ବହୁ ଧର୍ମ ସଂପ୍ରଦାୟର ଲୋକ ଏକତ୍ର ବାସକରନ୍ତି। ସମ୍ବିଧାନ ଭାରତକୁ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ବୋଲି ଘୋଷଣା କରନ୍ତି। ଏହାର ଅର୍ଥ ଭାରତରେ କୌଣସି ଗୋଟିଏ ନିଜସ୍ୱ ଧର୍ମ ନାହିଁ। କିନ୍ତୁ ଏହା ସମସ୍ତ ନାଗରିକଙ୍କୁ ଯେକୌଣସି ଧର୍ମରେ ବିଶ୍ୱାସ ରଖିବା ପାଇଁ ଓ ନିଜଇଚ୍ଛା ଅନୁସାରେ ଯେ କୌଣସି ପ୍ରକାରରେ ପୂଜା କରିବା ପାଇଁ ସ୍ୱାଧୀନତା ପ୍ରଦାନ କରିଛି। କିନ୍ତୁ ଏହା ଅନ୍ୟର ଧର୍ମ ବିଶ୍ୱାସ ଓ ପୂଜା ପଦ୍ଧତିରେ ବାଧା ସୃଷ୍ଟିକରିବା ଉଚିତ୍ ନୁହେଁ। ଏହି ସ୍ୱାଧୀନତା ବିଦେଶୀମାନଙ୍କ ପାଇଁ ମଧ୍ୟ ଉପଲବ୍ଧ। ଧର୍ମୀୟ ସ୍ୱାଧୀନତା ସଂପର୍କରେ ସମ୍ବିଧାନ ନିମ୍ନଲିଖିତ ଚାରୋଟି ବ୍ୟବସ୍ଥା ଧାରା ୨୫-୨୮ ମଧ୍ୟରେ କରିଅଛି।

୧. **ସ୍ୱାଧୀନ ବିଚାରଧାରା ଏବଂ ସ୍ୱାଧୀନ ବୃତ୍ତି, ଧର୍ମର ଅଭ୍ୟାସ ଓ ପ୍ରଚାର:** ସମସ୍ତ ନାଗରିକ ସମାନଭାବରେ ସ୍ୱାଧୀନ ବିଚାରଧାରା ଏବଂ ସ୍ୱାଧୀନ ଭାବରେ କୌଣସି ଧର୍ମର ବିଶ୍ୱାସ, ଅଭ୍ୟାସ ଓ ପ୍ରଚାର ପାଇଁ ଅଧିକାର ପ୍ରାପ୍ତ। ଏହାର ଅର୍ଥ ନୁହେଁ ଯେ, ଜଣେ ଅନ୍ୟ ଜଣେ ଲୋକକୁ ଧର୍ମ ପରିବର୍ତ୍ତନ କରିବାପାଇଁ ବାଧ୍ୟକରିପାରିବ। ଅବଶ୍ୟ କେତେକ ଅମାନନୀୟ, ବେଆଇନ, ଅନ୍ଧବିଶ୍ୱାସପୂର୍ଣ୍ଣ ଅଭ୍ୟାସକୁ ବାରଣ କରାଯାଇଛି। ଧର୍ମୀୟ ଯଥା ଦେବାଦେବୀ ବା କୌଣସି ଅତିଭୌତିକ ଶକ୍ତିକୁ ଅର୍ପଣ କରିବା ପାଇଁ ପଶୁ ବା ମନୁଷ୍ୟ ବଳି ପକାଇବା ପାଇଁ ଅନୁମତି ବାରଣ କରାଯାଇଛି। ସେହିପରି ଜଣେ ବିଧବା ତାର ମୃତ ସ୍ୱାମୀ ସହ (ସ୍ୱତଃ ପ୍ରକୃତ ଭାବରେ ବା ବାଧ୍ୟତାମୂଳକ ଭାବରେ) ଅଗ୍ନିରେ ଦାହ ହେବା ସତୀ ଦାହ ନାମରେ ମଧ୍ୟ ଆଇନ ଦ୍ୱାରା ଅନୁମତି ପ୍ରାପ୍ତ ନୁହେଁ। ବିଧବା ସ୍ତ୍ରୀ ଲୋକକୁ ପୁନଃବିବାହ ନ କରିବା ପାଇଁ ବାଧ୍ୟକରିବା ତାର ମସ୍ତକ ମୁଣ୍ଡନ କରିବା ବା ଧଳା ଲୁଗା ପିନ୍ଧିବା ପାଇଁ ବାଧ୍ୟକରିବା ଆଦି ଧର୍ମ ନାମରେ ପ୍ରଚଳିତ ଥିବା କେତେକ ସାମାଜିକ କୁ ପ୍ରଥା। ଏସବୁ ନିଷେଧ ସତ୍ତ୍ୱେ ଧର୍ମ ସଂପର୍କିତ ଆର୍ଥିକ, ରାଜନୈତିକ ଓ ଧର୍ମ ନିରପେକ୍ଷ କାର୍ଯ୍ୟକୁ ନିୟନ୍ତ୍ରିତ କରିବା ପାଇଁ ରାଷ୍ଟ୍ରର ମଧ୍ୟ କ୍ଷମତା ରହିଛି। ରାଷ୍ଟ୍ର ମଧ୍ୟ ସାଧାରଣ ନିୟମ, ନୈତିକତା ଓ ସ୍ୱାସ୍ଥ୍ୟ ଆଦି ଆଧାରରେ ଏହି ଅଧିକାର ଉପରେ ନିଷେଧାଦେଶ ଜାରୀ କରିପାରିବ।

୨. **ଧାର୍ମିକ ବିଷୟ ପରିଚାଳନାର ସ୍ୱାଧୀନତା:** ସାଧାରଣ ନିୟମ ନୈତିକତା ଓ ସ୍ୱାସ୍ଥ୍ୟପ୍ରତି ସମ୍ମାନ ପ୍ରଦର୍ଶନ ସହିତ ପ୍ରତ୍ୟେକ ଧର୍ମୀୟ ଦଳ ବା ତାର କୌଣସି ବିଭାଗଙ୍କର ଅଧିକାର ଗୁଡ଼ିକ ହେଉଛି

(କ) ଧର୍ମ ଓ ଦାତବ୍ୟ ଉଦ୍ଦେଶ୍ୟରେ କୌଣସି ଅନୁଷ୍ଠାନ ପ୍ରତିଷ୍ଠା ପରିଚାଳନା କରିବା।

(ଖ) ଧର୍ମ ବିଷୟରେ ନିଜର କାର୍ଯ୍ୟ ପରିଚାଳନା କରିବା

(ଗ) ସ୍ଥାୟୀ ଓ ଅସ୍ଥାୟୀ ସଂପତ୍ତି ଅଧିକାର

(ଘ) ଏହି ସଂପତ୍ତିକୁ ଆଇନ ଅନୁସାରେ ପରିଚାଳନା କରିବା।

୩. **କୌଣସି ଗୋଟିଏ ଧର୍ମର ପ୍ରସାର ସଂପର୍କରେ ଟିକସ ଦେବାର ସ୍ୱାଧୀନତା:** ଯାହାର ଲାଭ ସ୍ୱତନ୍ତ୍ର ଭାବରେ କୌଣସି ଧର୍ମର ପ୍ରସାର ବା ପରିଚାଳନା ପାଇଁ ଖର୍ଚ୍ଚ ହୋଇଥିବ, ସେହି ଖର୍ଚ୍ଚ ଉପରେ କୌଣସି ଲୋକକୁ ଟିକସ ଦେବାପାଇଁ ବାଧ୍ୟ କରାଯାଇ ପାରିବ ନାହିଁ।

**୪. ଧର୍ମ ପ୍ରବଚନ କିମ୍ବା ନିର୍ଦ୍ଦିଷ୍ଟ ଶିକ୍ଷାନୁଷ୍ଠାନରେ ଧାର୍ମିକ ଉପାସନାରେ ଯୋଗ ଦେବାର ସ୍ୱାଧୀନତା:** କୌଣସି ଶିକ୍ଷାନୁଷ୍ଠାନରେ କୌଣସି ଧାର୍ମିକ ଶିକ୍ଷା ରାଷ୍ଟ୍ରର ଅର୍ଥରେ ସଂପୂର୍ଣ୍ଣ ପରିଚାଳିତ ହୋଇ ପାରିବ ନାହିଁ। କିନ୍ତୁ ଯେଉଁ ଶିକ୍ଷାନୁଷ୍ଠାନ ରାଷ୍ଟ୍ରଦ୍ୱାରା ପରିଚାଳିତ କିନ୍ତୁ କୌଣସି ଟ୍ରଷ୍ଟ ଅଧିନରେ ପ୍ରତିଷ୍ଠା କରାଯାଇଛି, ଯେ କି ଚାହୁଁଛି ଯେ, ଏହି ଧାର୍ମିକ ଶିକ୍ଷା ସେ ଅନୁଷ୍ଠାନରେ ଚାଲିବ, ସେହି ଶିକ୍ଷାନୁଷ୍ଠାନ ପାଇଁ ଏହା ଲାଗୁ କରାଯାଇ ପାରିବନାହିଁ। କିନ୍ତୁ ଏହି ଅନୁଷ୍ଠାନରେ କାର୍ଯ୍ୟ କରୁଥିବା କୌଣସି ବ୍ୟକ୍ତିକୁ ସେଠାରେ ପ୍ରଦାନ କରାଯାଉଥିବା ଧାର୍ମିକ ଶିକ୍ଷା କିମ୍ବା ସେଠାରେ ପରଚାଳିତ ହେଉଥିବା ଧାର୍ମିକ ଉପାସନାରେ ଯୋଗଦେବାକୁ ବାଧ କରାଯାଇ ପାରିବନାହିଁ। ଯଦି ସେ ବାଳକ ହୋଇଥାଏ, ଏହି କାର୍ଯ୍ୟକ୍ରମରେ ଯୋଗ ଦେବାପାଇଁ ତାର ଅଭିଭାବକଙ୍କର ଅନୁମତି ଆବଶ୍ୟକ।

## ପାଠଗତ ପ୍ରଶ୍ନାବଳୀ ୧୬.୩

୧. ଶୋଷଣ ବିରୋଧୀ ଅଧିକାରକୁ ଗୋଟିଏ ମୌଳିକ ଅଧିକାର କରିବାର ମୁଖ୍ୟ ଉଦ୍ଦେଶ୍ୟ କ'ଣ ?

୨. ଏହି ବାକ୍ୟପାଇଁ ଗୋଟିଏ ଶବ୍ଦ ବ୍ୟବହାର କର।

(କ) ଗୋଟିଏ ପ୍ରଥା ଯେଉଁଥିରେ କି ଜଣେ ଲୋକଙ୍କୁ କୌଣସି ପ୍ରାପ୍ୟ ନ ଦେଇ କାର୍ଯ୍ୟ କରିବାକୁ ବାଧ କରାଯାଏ।

(ଖ) ମନୁଷ୍ୟମାନଙ୍କୁ କ୍ରୟ ବିକ୍ରୟ

୩. ତୁମ ପଡୋଶୀ ମାନଙ୍କ ଘରେ ଖୋଲା ଖୋଲି ଭାବରେ ଚାଲିଥିବା ପ୍ରକୃତ ଶୋଷଣ ଜନିତ ଚାରୋଟି ପରସ୍ଥିତି ଲେଖ।

## ୧୨.୨.୫ ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର:

ଭାରତ ପୃଥିବୀର ସର୍ବବୃହତ ଗଣତନ୍ତ୍ର ରାଷ୍ଟ୍ର ଯାହାର ସଂସ୍କୃତି, ବର୍ଣ୍ଣମାଳା, ଭାଷା ଓ ଧର୍ମରେ ବହୁ ବିଭିନ୍ନତା ଦେଖାଯାଏ। ଆମେ ଯାହା ଜାଣୁ ଗଣତନ୍ତ୍ର ହେଉଛି ସଂଖ୍ୟା ଗରିଷ୍ଠର ଶାସନ। କିନ୍ତୁ ସଂଖ୍ୟା ଲଘୁମାନେ ମଧ୍ୟ ଏହାର ସଫଳ କାର୍ଯ୍ୟକାରିତା ପାଇଁ ସମଭାବରେ ଗୁରୁତ୍ୱପୂର୍ଣ୍ଣ। ତେଣୁ ସଂଖ୍ୟାଲଘୁ ମାନଙ୍କର ଭାଷା, ସଂସ୍କୃତି ଓ ଧର୍ମର ସୁରକ୍ଷା ଏକାନ୍ତ ଆବଶ୍ୟକ ଯାହାଫଳରେ ସଂଖ୍ୟାଲଘୁମାନେ ସଂଖ୍ୟା ଗରିଷ୍ଠ ଶାସନରେ ଅବହେଳିତ ବା ଦୁର୍ବଳ ବୋଲି ଭାବିବେ ନାହିଁ। ଯେହେତୁ ଲୋକମାନେ ନିଜର ସଂସ୍କୃତି ଓ ଭାଷାକୁ ନେଇ ଗର୍ବ କରନ୍ତି, ତେଣୁ ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର ନାମରେ ଏକ ସ୍ୱତନ୍ତ୍ର ଅଧିକାର ମୌଳିକ ଅଧିକାର ଅଧ୍ୟାୟରେ ଯୋଗ କରାଗଲା। ଧାରା ୨୯-୩୦ରେ ଦୁଇଟି ମୁଖ୍ୟ ବ୍ୟବସ୍ଥା ଗ୍ରହଣ କରାଗଲା।

**୧. ସଂଖ୍ୟାଲଘୁ ମାନଙ୍କର ସ୍ୱାର୍ଥର ସୁରକ୍ଷା:** କୌଣସି ସଂଖ୍ୟାଲଘୁ ଗୋଷ୍ଠୀ ଯାହାର ଏକ ସ୍ୱତନ୍ତ୍ର ଭାଷା, ବର୍ଣ୍ଣମାଳା କିମ୍ବା ସଂସ୍କୃତି ରହିଛି। ତାଙ୍କର ଏହାକୁ ରକ୍ଷା କରିବାର ଅଧିକାର ରହିଛି। ଧର୍ମ, ବର୍ଣ୍ଣ, ଜାତି, ଭାଷା ବା ସେଭଳି ଅନ୍ୟ କିଛି ଭିତ୍ତିରେ ଜଣେ ନାଗରିକକୁ ରାଷ୍ଟ୍ରଦ୍ୱାରା ପରିଚାଳିତ କୌଣସି ଶିକ୍ଷାନୁଷ୍ଠାନରେ ନାମ ଲେଖାକୁ କିମ୍ବା ରାଷ୍ଟ୍ର ପାଣ୍ଠିରୁ ସାହାଯ୍ୟ ଗ୍ରହଣ କରିବାକୁ ବଞ୍ଚିତ କରାଯାଇ ପାରିବନାହିଁ।

**୨. ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଓ ପରିଚାଳନା ପାଇଁ ସଂଖ୍ୟାଲଘୁଙ୍କ ଅଧିକାର:** ଧର୍ମ ଓ ଭାଷା ଭିତ୍ତିରେ ସମସ୍ତ ସଂଖ୍ୟାଲଘୁ ମାନଙ୍କର ନିଜ ଇଚ୍ଛା ଅନୁସାରେ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଓ ପରିଚାଳନାର ଅଧିକାର ରହିଛି। ସଂଖ୍ୟାଲଘୁ ମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପରିଚାଳିତ ଗୋଟିଏ ଶିକ୍ଷାନୁଷ୍ଠାନର ସଂପତ୍ତି ଆଇନ ତିଆରି କରି ବାଧ୍ୟତାମୂଳକ ଅଧିକାର କଲେ, ରାଷ୍ଟ୍ର ନିଶ୍ଚିତ ହେବା ଆବଶ୍ୟକ ଯେ, ସଂପତ୍ତି ଅଧିକାର କରିବା ପାଇଁ ଏହି ଆଇନ ଦ୍ୱାରା ଯେଉଁ ମୂଲ୍ୟ ସ୍ଥିର ହୋଇଛି, ତାହା ସେହି ଅନୁଚ୍ଛେଦରେ ନିଶ୍ଚିତ କରାଯାଇଥିବା ଅଧିକାରକୁ

ସଂକୁଚିତ କରୁନାହିଁ। ରାଷ୍ଟ୍ର ଶିକ୍ଷାନୁଷ୍ଠାନ ଗୁଡ଼ିକୁ ସାହାଯ୍ୟ ପ୍ରଦାନ କଲାବେଳେ ଧର୍ମ ଓ ଭାଷା ଭିତ୍ତିକ ସଂଖ୍ୟାନ୍ୟୁନଙ୍କ ଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନ ଉପେକ୍ଷା କରିବେ ନାହିଁ।

**ତୁମେ ଜାଣ କି**

ସଂଖ୍ୟାଲଘୁ କହିଲେ କେବଳ କେନ୍ଦ୍ର ସ୍ତରରେ ସଂଖ୍ୟାଲଘୁ ବୁଝାଏ ନାହିଁ। ରାଜ୍ୟସ୍ତରରେ ମଧ୍ୟ ସଂଖ୍ୟାଲଘୁ ଥାଇ ପାରନ୍ତି। ଉଦାହରଣ ସ୍ୱରୂପ ଶିଖମାନେ ପଞ୍ଜାବରେ ସଂଖ୍ୟାଗରିଷ୍ଠ ସଂପ୍ରଦାୟ ଅଟନ୍ତି। କିନ୍ତୁ ସେମାନେ ଦିଲ୍ଲୀ ଏବଂ ରାଜସ୍ଥାନ, ହରିୟାନା ଓ ଅନ୍ୟ କେତେକ ରାଜ୍ୟରେ ସଂଖ୍ୟାଲଘୁ ସଂପ୍ରଦାୟ ଅଟନ୍ତି। ସେହିପରି ତେଲଗୁ, କନ୍ନଡ ଓ ବଙ୍ଗଳା କହୁଥିବା ଲୋକ ଭାରତର ଅଧିକାଂଶ ରାଜ୍ୟରେ ସଂଖ୍ୟାଲଘୁ କେବଳ ନିଜ ରାଜ୍ୟରେ ନୁହେଁ ଯଥା ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଓ ପଶ୍ଚିମବଙ୍ଗ।

### ୧୬.୨.୬ ସାମ୍ବିଧାନିକ ପ୍ରତିକାର ଅଧିକାର

ଯେତେବେଳେ ମୌଳିକ ଅଧିକାର ଗୁଡ଼ିକ ଆଇନସିଦ୍ଧ, ସେଗୁଡ଼ିକ ବାଧ୍ୟତାମୂଳକ। ସେଗୁଡ଼ିକ ଆଇନଦ୍ୱାରା କାର୍ଯ୍ୟକାରୀ କରାଯାଇ ପାରେ କାରଣ ପ୍ରତ୍ୟେକ ନାଗରିକ ଏଥିପାଇଁ ନ୍ୟାୟାଳୟର ଆଶ୍ରୟ ନେଇପାରେ ଯଦି ତାହାର ଉଲଂଘନ ଘଟେ। କିନ୍ତୁ ପ୍ରକୃତରେ ଏହା ସେପରି ନୁହେଁ। ଆମର ନିତିଦିନିଆ ଜୀବନରେ ମୌଳିକ ଅଧିକାର ସଂକୁଚିତ କରିବା ବଡ ଚିନ୍ତାର ବିଷୟ। ସେଥିପାଇଁ ଆମ ସମ୍ବିଧାନ ଏହି ମୌଳିକ ଅଧିକାର ଗୁଡ଼ିକୁ ଆଇନ ପ୍ରଣୟନ ସଂସ୍ଥା ବା କାର୍ଯ୍ୟକାରୀ ସଂସ୍ଥା ପରିବର୍ତ୍ତନ କରିବାର ଅନୁମତି ପ୍ରଦାନ କରିନାହିଁ। ମୌଳିକ ଅଧିକାରର ସୁରକ୍ଷାପାଇଁ ଆଇନଗତ ପ୍ରତିକାର ପ୍ରଦାନ କରାଯାଇଛି। ଏହାକୁ ସମ୍ବିଧାନ ପ୍ରତିକାର ଅଧିକାର କୁହାଯାଏ ଯାହାକି ଧାରା ୩୨ରେ ରହିଛି। ଯେତେବେଳେ ଆମର କୌଣସି ଅଧିକାର ସଂକୁଚିତ ହୁଏ ଆମେ ନ୍ୟାୟାଳୟ ମାଧ୍ୟମରେ ନ୍ୟାୟ ପାଇବାକୁ ଚେଷ୍ଟାକରୁ। ଆମେ ସିଧାସଳଖ ଭାବରେ ଉଚ୍ଚତମ ନ୍ୟାୟାଳୟରେ ଆଶ୍ରୟ ନେଇପାରିବା ଯେ କି ନିର୍ଦ୍ଦେଶ, ଆଦେଶ ବା ରିଟ୍ (ଲେଖ) ଦ୍ୱାରା ଏହି ମୌଳିକ ଅଧିକାରକୁ ପୁନଃ କାର୍ଯ୍ୟକାରୀ କରିପାରେ।

### ୧୬.୨.୭ ଶିକ୍ଷାଗତ ଅଧିକାର (RTE)

୨୦୦୨ ମସିହାରେ ସମ୍ବିଧାନର ୮୬ତମ ସଂଶୋଧନରେ ମୌଳିକ ଅଧିକାର ଅଧ୍ୟାୟରେ ଧାରା ୨୧ (କ) ଯୋଗକରି ଶିକ୍ଷାଗତ ଅଧିକାର କରାଗଲା। ଏଡା ଦୀର୍ଘଦିନର ଦାବୀ। ତେଣୁ ୬-୧୪ବର୍ଷ ବୟସର ପିଲାମାନେ ( ସେମାନଙ୍କର ପରିବାର) ମଧ୍ୟ ବାଧ୍ୟତାମୂଳକ, ଅବୈତନିକ ଶିକ୍ଷା, ମୌଳିକ ଅଧିକାର ଭାବରେ ଦାବୀ କରିପାରିବେ। ଦେଶକୁ ନିରକ୍ଷର ବିହୀନ କରିବା ପାଇଁ ଏହା ଏକ ବଡ ପଦକ୍ଷେପ। କିନ୍ତୁ ଏହି ସଂଯୋଗ ଅର୍ଥହୀନ ଭାବରେ ପଡିରହିଲା ଯେହେତୁ ୨୦୦୯ ମସିହା ପର୍ଯ୍ୟନ୍ତ ଏହାକୁ କାର୍ଯ୍ୟକାରୀ କରାଯାଇ ପାରିଲା ନାହିଁ। ୨୦୦୯ରେ ସଂସଦ ଶିକ୍ଷାଗତ ଅଧିକାର ଧାରା ୨୦୦୯ ପାରିତ କଲା। ଏହି ଧାରାର ଲକ୍ଷ୍ୟ ହେଉଛି ପ୍ରତ୍ୟେକ ପିଲା ଯାହାର ବୟସ ୬-୧୪ ବର୍ଷ ଏବଂ ବିଦ୍ୟାଳୟକୁ ଯାଉନାହିଁ ସେ ବିଦ୍ୟାଳୟକୁ ଯିବ ଓ ଉପଯୁକ୍ତ ଶିକ୍ଷାପାଇବ; ଏହା ହେଉଛି ତାର ଅଧିକାର।

### ପାଠଗତ ପ୍ରଶ୍ନାଳୀ ୧୬.୪

୧. ସମ୍ବିଧାନ ଦ୍ୱାରା ପ୍ରଦତ୍ତ ମୁଖ୍ୟ ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର ଗୁଡ଼ିକ କ'ଣ?

୨. ତାମିଲା, ତେଲଗୁ କହୁଥିବା ଲୋକମାନେ ଦିଲ୍ଲୀରେ ରହୁଥିବା ସଂଖ୍ୟାଲଘୁ ସଂପ୍ରଦାୟ ମଧ୍ୟରୁ ଅନ୍ୟତମ।

ତାଙ୍କର ଭାଷା ଓ ସଂସ୍କୃତର ସୁରକ୍ଷାପାଇଁ ସେମାନେ କ'ଣ କରିବେ ?

୩. ନିମ୍ନଲିଖିତ ମଧ୍ୟରୁ କେଉଁ ପରିସ୍ଥିତିଟି ସାଂସ୍କୃତିକ ଶିକ୍ଷାଗତ ଅଧିକାରର ଅନ୍ତର୍ଭୁକ୍ତ ନୁହେଁ।

(କ) ନିଜର ନିଜସ୍ୱ ଭାଷାର ସୁରକ୍ଷା।

(ଖ) ସଂଖ୍ୟାଲଘୁ ମାନଙ୍କୁ ଅର୍ଥ ମଂଜୁର କଲାବେଳେ କୌଣସି ପାର୍ଥକ୍ୟ ନ ରଖିବା।

(ଗ) ନିଜର ଇଚ୍ଛା ମୁତାବକ ଅନୁଷ୍ଠାନ ପ୍ରତିଷ୍ଠାକରିବା ଅଧିକାର

(ଘ) ସଂଖ୍ୟାଗରିଷ୍ଠ ସଂପ୍ରଦାୟ ଅନ୍ତର୍ଗତ ପିଲାମାନଙ୍କୁ ସଂଖ୍ୟାଲଘୁ ବିଦ୍ୟାଳୟରେ ନାମ ଲେଖାଇବା।

୪. "ସାମ୍ବିଧାନିକ ପ୍ରତିକାର ଅଧିକାର ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଧିକାର।" ତୁମେ ଏହି ମତାମତ ସହ ଏକମତ କି ? ତୁମ ଉତ୍ତରର ଯୁକ୍ତିଯୁକ୍ତତା ପ୍ରତିପାଦନ କର।

## ୧୬.୩ ମୌଳିକ ଅଧିକାର ମଧ୍ୟ ମାନବୀୟ ଅଧିକାର ଅଟେ

ତୁମେ ପଢ଼ିଛ ଯେ, ମୌଳିକ ଅଧିକାର ପ୍ରକୃତରେ ପ୍ରତ୍ୟେକ ନାଗରିକର କଲ୍ୟାଣ ପାଇଁ ଏକାନ୍ତ ଆବଶ୍ୟକ। ଆମେ ମଧ୍ୟ ଜାଣୁ ଲୋକମାନେ ସଦାସର୍ବଦା, ଅନ୍ୟାୟ, ଶୋଷଣ ଓ ଅସମାନତା ବିରୁଦ୍ଧରେ ଲଢ଼େଇ କରି ଆସୁଛନ୍ତି। ଗୋଟିଏ ଉନ୍ନତତର ପରିବେଶ ଗଠନ, ଭଲ ବାସପୋଯୋଗୀ ଅବସ୍ଥା ଏବଂ ସମ୍ମାନର ସୁରକ୍ଷା ଏହାର ଉଦ୍ଦେଶ୍ୟ। ଏହି ଅଧିକାର ଗୁଡ଼ିକ ସମସ୍ତ ମାନବ ଜାତିପାଇଁ ଉପଲବ୍ଧ କରାଇବା ପାଇଁ ଆନ୍ତର୍ଜାତୀକ ସ୍ତରରେ ମଧ୍ୟ ଉଦ୍ୟମ ଚାଲି ଆସିଛି ଯାହାକି ଅଧିକାରକୁ ପରିଚିତ କରାଇଛି ଏବଂ ଏହା ମାନବିକ ଅଧିକାର ନାମରେ ଉତ୍ତମ ରୂପେ ପରିଚିତ। ଯୁକ୍ତରାଷ୍ଟ୍ର ଆମେରିକାର ସାଧାରଣ ସଭା ୧୯୪୮ ମସିହାରେ ମାନବିକ ଅଧିକାରକୁ ଗ୍ରହଣ କଲା ଏବଂ ମାନବିକ ଅଧିକାରକୁ ସାଧାରଣ ଘୋଷଣାରେ ଲିପିବଦ୍ଧ କଲା ଯାହାକି ତୁମେ ପରେ ପଢ଼ିବ। କେତେକ ମାନବୀୟ ଅଧିକାର ହେଉଛି; ଆଇନ ଦୃଷ୍ଟିରେ ସମସ୍ତେ ସମାନ, ବାଛବିଚାର ମୁକ୍ତ, ବଞ୍ଚିବାର ଅଧିକାର, ସ୍ୱାଧୀନତା ଓ ବ୍ୟକ୍ତିଗତ ସୁରକ୍ଷା, ମୁକ୍ତଭାବରେ ବିଚରଣ କରିବାର ସ୍ୱାଧୀନତା, ଶିକ୍ଷାଗତ ଅଧିକାର, ବିବାହ ଓ ପରିବାର ଅଧିକାର, ଚିନ୍ତାଧାରା, ବିଚାର ଓ ଧର୍ମଗତ ସ୍ୱାଧୀନତା, ଶାନ୍ତିପୂର୍ଣ୍ଣ ସମାବେଶ ଓ ସଂଗଠନ ଅଧିକାର ଏବଂ ସାଂପ୍ରଦାୟିକ ସାଂସ୍କୃତିକ ଜୀବନ ସହ ଯୋଗଦାନ ଅଧିକାର। ଯଦି ତୁମେ ଉପରୋକ୍ତ ଅଧିକାର ଗୁଡ଼ିକ ସାବଧାନତା ସହ ପରୀକ୍ଷା କରିବ, ସେଗୁଡ଼ିକ କେତେ ଗୁରୁତ୍ୱପୂର୍ଣ୍ଣ, ତାହା ତୁମେ ଜାଣିପାରିବ। ସେଥିପାଇଁ ଅନେକଗୁଡ଼ିଏ ମାନବିକ ଅଧିକାରକୁ ଭାରତୀୟ ସମ୍ବିଧାନର ମୌଳିକ ଅଧିକାର ଅଧ୍ୟାୟରେ ସ୍ଥାନ ଦିଆଯାଇଛି। ଯେଉଁ ମାନବିକ ଅଧିକାର ଗୁଡ଼ିକ ମୌଳିକ ଅଧିକାରରେ ସ୍ଥାନ ପାଇ ପାରିବନାହିଁ, ସେଗୁଡ଼ିକ ରାଷ୍ଟ୍ରନୀତି ନିର୍ଦ୍ଦେଶନାମା ଅଧ୍ୟାୟରେ ସ୍ଥାନ ପାଇଛି। ସର୍ବୋପରି ମାନବିକ ଅଧିକାରର ଗୁରୁତ୍ୱକୁ ଆଖିଆଗରେ ରଖି, ୧୯୯୩ ମସିହାରେ ଭାରତ ସରକାରଙ୍କଦ୍ୱାରା ଜାତୀୟ ମାନବିକ ଅଧିକାର ପରିଷଦ ଗଠିତ ହେଲା। ଯାହାର ଉଦ୍ଦେଶ୍ୟ ହେଉଛି, ଭାରତର ନାଗରିକ ମାନଙ୍କୁ ସେହି ଅଧିକାର ଗୁଡ଼ିକ ଉପଭୋଗ କରିବାର ପ୍ରତିଶ୍ରୁତି ଦେବା।

**? ତୁମେ ଜାଣ କି**

ମାନବିକ ଅଧିକାର ହେଉଛି ସର୍ବସାଧାରଣ, ମୌଳିକ ଓ ପୂର୍ଣ୍ଣାଙ୍ଗ। ଏହା ସର୍ବସାଧାରଣ କାରଣ ଏଗୁଡ଼ିକ ସବୁସ୍ଥାନରେ ଲୋକମାନଙ୍କର ଅନ୍ତର୍ଗତ। ମୌଳିକ କାରଣ ସେଗୁଡ଼ିକ ନିଆଯାଇ ପାରିବ ନାହିଁ, ପୂର୍ଣ୍ଣାଙ୍ଗ କାରଣ ଏଗୁଡ଼ିକ ବଞ୍ଚିରହିବା ପାଇଁ ମୌଳିକ।

## ୧. ମୌଳିକ କର୍ତ୍ତବ୍ୟ

ମୌଳିକ ଅଧିକାର ପାଠକରି ସାରିଲାପରେ ତୁମେ ନିଶ୍ଚିତ ଭାବରେ ଲକ୍ଷ୍ୟ କରିଥିବ ଓ ଅନୁଭବ କରିଥିବ ଯେ, ପ୍ରତ୍ୟେକ ଅଧିକାର ବଦଳରେ ସମାଜ ପ୍ରତ୍ୟେକ ନାଗରିକ ତା ପାଇଁ କିଛି କାର୍ଯ୍ୟ କରିବା ଆଶାକରେ ଯାହାକୁ ସମଷ୍ଟିଗତ ଭାବରେ କର୍ତ୍ତବ୍ୟ ବୋଲି କୁହାଯାଏ। ସେହିପରି କେତେକ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ ଭାରତର ସମ୍ବିଧାନରେ ଲିପିବଦ୍ଧ କରାଯାଇଛି। ୧୯୫୦ ମସିହା ଜାନୁୟାରୀ ୨୬ତାରିଖରେ କାର୍ଯ୍ୟକାରୀ ହୋଇଥିବା ମୂଳ ସମ୍ବିଧାନରେ ନାଗରିକ ମାନଙ୍କର କର୍ତ୍ତବ୍ୟ ବିଷୟରେ କିଛି ଦେଖାଯାଇନାହିଁ। ଏହା ଆଶା କରାଯାଉଥିଲା ଯେ, ଭାରତର ନାଗରିକମାନେ ତାଙ୍କର କର୍ତ୍ତବ୍ୟ ସ୍ୱେଚ୍ଛାକୃତ ଭାବେ କରିବେ। କିନ୍ତୁ ଯାହା ଆଶା କରାଯାଉଥିଲା ତାହା ହେଲାନାହିଁ। ତେଣୁ ଦଶଟି ମୌଳିକ କର୍ତ୍ତବ୍ୟ ସମ୍ବିଧାନର ୪ର୍ଥ ଭାଗରେ ଧାରା ୫୧ (କ) ଅଧିନରେ ୧୯୭୬ ମସିହାର ୪୨ତମ ସମ୍ବିଧାନ ସଂଶୋଧନରେ ଯୋଗ କରାଗଲା। ଯାହାହେଉ, ମୌଳିକ ଅଧିକାର ଗୁଡିକ ଆଇନନୁମୋଦିତ ଏବଂ ମୌଳିକ କର୍ତ୍ତବ୍ୟ ଗୁଡିକ ଆଇନନୁମୋଦିତ ନୁହେଁ। ଏହାର ଅର୍ଥ ମୌଳିକ କର୍ତ୍ତବ୍ୟ ଭଙ୍ଗକରିବା ଅର୍ଥାତ୍ ନାଗରିକ ମାନଙ୍କଦ୍ୱାରା ସେହି କର୍ତ୍ତବ୍ୟ ସଂପାଦିତ ନହେଲେ, ତାହା ଦଣ୍ଡନୀୟ ନୁହେଁ। ନିମ୍ନୋକ୍ତ ୧୦ଟି କର୍ତ୍ତବ୍ୟ ଭାରତର ସମ୍ବିଧାନରେ ଲିପିବଦ୍ଧ ହୋଇଛି।

୧. ଭାରତର ସମ୍ବିଧାନକୁ ମାନିବା ଓ ତାର ଉଦ୍ଦେଶ୍ୟ ଓ ଅନୁଷ୍ଠାନ ଜାତୀୟ ପତାକା ଓ ଜାତୀୟ ସଂଗୀତକୁ ସମ୍ମାନଦେବା।
୨. ଯେଉଁ ମହତ୍ ଚିନ୍ତାଧାରା ଆମର ଜାତୀୟ ସ୍ୱାଧୀନତା ଆନ୍ଦୋଳନକୁ ପ୍ରେରଣା ଦେଇଥିଲା, ତାକୁ ଅନୁସରଣ କରିବା।
୩. ଭାରତର ସାର୍ବଭୌମତ୍ୱ, ଏକତାବୋଧ ଓ ଅଖଣ୍ଡତା ସୁରକ୍ଷିତ ରଖିବା।
୪. ରାଷ୍ଟ୍ରକୁ ସୁରକ୍ଷାଦେବା, ଏବଂ ଆବଶ୍ୟକତାବେଳେ ଜାତୀୟ ସେବାକରିବା।
୫. ସୁସଂପର୍କ ଓ ଭାରତର ସବୁଲୋକଙ୍କ ମଧ୍ୟରେ ସାଧାରଣ ଭ୍ରାତୃଭାବ ବୃଦ୍ଧିକରିବା ଏବଂ ମହିଳାମାନଙ୍କ ମର୍ଯ୍ୟାଦା ହାନି ହେବାଭଳି ଅଭ୍ୟାସ ତ୍ୟାଗ କରିବା।
୬. ଆମ ସଂସ୍କୃତିର ଉନ୍ନତି ଐତିହର ମୂଲ୍ୟ ଦେବାସହ ତାର ସୁରକ୍ଷା କରିବା।
୭. ପ୍ରାକୃତିକ ପରିବେଶ ଯଥା ଜଙ୍ଗଲ, ହ୍ରଦ, ନଦୀ ଓ ବନ୍ୟଜନ୍ତୁ ପ୍ରଭୃତିର ସୁରକ୍ଷା ଓ ଉନ୍ନତି।
୮. ବୈଜ୍ଞାନିକ ଦୃଷ୍ଟିକୋଣ, ମାନବବାଦ, ପରୀକ୍ଷା ନିରୀକ୍ଷା କରିବାର ଆଗ୍ରହ ଓ ପରିବର୍ତ୍ତନ ଆଦିର ଉନ୍ନତି।
୯. ସର୍ବସାଧାରଣ ସଂପତ୍ତିର ସୁରକ୍ଷା ଏବଂ ହିଂସା ନ କରିବା।
୧୦. ସମସ୍ତ ବ୍ୟକ୍ତିଗତ କ୍ଷେତ୍ର ଓ ସମଷ୍ଟିଗତ କାର୍ଯ୍ୟ କ୍ଷେତ୍ରରେ ସର୍ବୋତ୍ତମ ହେବାପାଇଁ ସେବା କରିବା।

ଏହା ବ୍ୟତୀତ ଗୋଟିଏ ନୂତନ କର୍ତ୍ତବ୍ୟ ୨୦୦୯ରେ ହୋଇଥିବା ଶିକ୍ଷାଗତ ଅଧିକାର ଧାରାପରେ ଯୋଗ କରାଯାଇଛି। ପିତାମାତା କିମ୍ବା ଅଭିଭାବକମାନେ ତାଙ୍କର ପିଲାମାନଙ୍କୁ ୬ରୁ ୧୪ବର୍ଷ ମଧ୍ୟରେ ଶିକ୍ଷା ଦେବାର ସୁରକ୍ଷା ଯୋଗାଇ ଦେବେ।

### ୧୬.୩.୧ ମୌଳିକ କର୍ତ୍ତବ୍ୟର ପ୍ରକୃତି:

ଏହି କର୍ତ୍ତବ୍ୟ ଗୁଡିକ ହେଉଛି କାର୍ଯ୍ୟକାରିବାର ନିୟମ। ଯେହେତୁ ସେ ଗୁଡିକ ଆଇନାନୁମୋଦିତ ନୁହେଁ, ଏହା ପଛରେ କୌଣସି ଆଇନଗତ ପ୍ରଭାବ ନାହିଁ। ତୁମେ ଯେପରି ଦେଖୁଛ, ଅଳ୍ପ କେତେକ କର୍ତ୍ତବ୍ୟ ମୂଲ୍ୟହୀନ। ଉଦାହରଣ ଜଣେ ସାଧାରଣ ନାଗରିକ "ପୂର୍ଣ୍ଣାଙ୍ଗ ସଂସ୍କୃତି" ଉନ୍ନତ ଐତିହ୍ୟ, ମାନବବାଦ, ବ୍ୟକ୍ତିଗତ ଓ ସମଷ୍ଟିଗତ କାର୍ଯ୍ୟର ସମସ୍ତ କ୍ଷେତ୍ରରେ ସର୍ବୋତ୍ତମତା" ପ୍ରଭୃତିର ଅର୍ଥ ବୁଝିବା ଅକ୍ଷମ ହୋଇପାରେ। ସେମାନେ ଏହି କର୍ତ୍ତବ୍ୟ ଗୁଡିକର ଗୁରୁତ୍ୱ ବୁଝିପାରିବେ, ଯେତେବେଳେ ଏହି ବ୍ୟବହୃତ ଶବ୍ଦ ଗୁଡିକୁ ସରଳ

କରି ଦିଆଯିବ। ବିଭିନ୍ନ ସମୟରେ ଦାବୀ କରାଯାଉଛି ବର୍ତ୍ତମାନର ତାଲିକାକୁ ସଂଶୋଧନ କରିବା ସହ ଭାଷାକୁ ସରଳ ବାସ୍ତବବାଦୀ ଓ ଅର୍ଥପୂର୍ଣ୍ଣ କରିବାପାଇଁ ଏବଂ ବର୍ତ୍ତମାନର ଆବଶ୍ୟକତା ଅନୁସାରେ ଆଉ କିଛି ବାସ୍ତବବାଦୀ କର୍ତ୍ତବ୍ୟ ସଂଯୋଗ କରିବା ପାଇଁ। ଯେତେଦୂର ପାରନ୍ତି ସେଗୁଡିକୁ ଆଇନାନୁମୋଦିତ କରାଯିବା ଉଚିତ୍।

## ? ତୁମେ ଜାଣ କି

୧. ପିଲାମାନଙ୍କର ଉପଯୁକ୍ତ ଲାଳନପାଳନ ଏବଂ ବାର୍ଦ୍ଧକ୍ୟ ଅବସ୍ଥାରେ ପିତାମାତାଙ୍କର ଦାୟିତ୍ୱନେବା ୧୯୭୭ ମସିହାରେ ସୋଭିଏତ୍ ସମ୍ବିଧାନରେ ମୌଳିକ ଦାୟିତ୍ୱ ତାଲିକାରେ ଯୋଗ କରାଗଲା।


୨. ପିଲାମାନଙ୍କୁ ଶିକ୍ଷାଦେବା, ସାଧାରଣ କଲ୍ୟାଣ କାର୍ଯ୍ୟରେ ବାଧା ସୃଷ୍ଟି ନ କରିବା, ଟିକସ ପ୍ରଦାନ ନ କରିବା ଓ କାର୍ଯ୍ୟ କରିବାର ଅଧିକାର ଜାପାନର ସମ୍ବିଧାନରେ ଯୋଗ କରାଗଲା।

## ପାଠଗତ ପ୍ରଶ୍ନାବଳୀ - ୧୬.୫

୧. ମାନବିକ ଅଧିକାର ଉପରେ କେଉଁ ଆନ୍ତର୍ଜାତିକ ନଥି ଯୁକ୍ତରାଷ୍ଟ୍ର ଆମେରିକାର ସାଧାରଣ ସଭାଦ୍ୱାରା ପ୍ରସ୍ତୁତ ଓ ପାରିତ ହୋଇଥିଲା ?

୨. ଚାରୋଟି ମୌଳିକ ଅଧିକାରର ତାଲିକା କର, ଯାହାକି ମାନବିକ ଅଧିକାରରେ ମଧ୍ୟ ରହିଛି।

୩. ତଳେ ଦିଆଯାଇଥିବା ଚିତ୍ରଗୁଡିକ ସାବଧାନତାର ସହ ଦେଖ ଓ ସୂଚୀତ କର। ପ୍ରତ୍ୟେକ ଚିତ୍ରପାଇଁ ଗୋଟିଏ ମୌଳିକ କର୍ତ୍ତବ୍ୟର ତାଲିକା କର ଯାହା ତାସହିତ ସଂଯୁକ୍ତ ବା ସଂପର୍କିତ ଅଟେ।



(କ) ଥୁଣ୍ଟାଗଛ, ତଳେ ପଡିଥିବା ଗଛ, ମୃତପ୍ରାଣୀ ପ୍ରଭୃତି

(ଖ) କେତେକ ଭଙ୍ଗା କୀର୍ତ୍ତିରାଜି

(ଗ) ଧାଡିରେ ମାର୍ଚ୍ଚ କରି ଯାଉଥିବା ଲୋକ ହାତରେ ପ୍ଲାକାର୍ଡ ଧରିଛନ୍ତି। ଉନ୍‌କିଲାବ ଜିନ୍ଦାବାଦ, ଭାରତ ମାତାକି ଜୟ, ହିନ୍ଦୁସ୍ଥାନ ଅମର ରହେ,

(ଘ) ସୈନ୍ୟମାନେ ସୀମାନ୍ତ ଜଗିଛନ୍ତି ଓ ପ୍ରେଟ୍ରୋଲିଂ କରୁଛନ୍ତି।

(ଙ) ବିଭିନ୍ନ ଧର୍ମର କେତେକ ପୂଜାସ୍ଥଳୀ।

୪. ଯଦି ତୁମକୁ ସ୍ୱାଧୀନତା ଦିବସରେ ଚାରୋଟି ମୌଳିକ କର୍ତ୍ତବ୍ୟ ମାନିବାକୁ ଶପଥ ନେବାକୁ ପଡିବ, ତୁମ ଅନୁସାରେ କେଉଁ ଚାରୋଟି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ କାହିଁକି ?

## ତୁମେ କ'ଣ ଶିକ୍ଷାକଲ :

- ଅଧିକାର ଗୁଡିକ ପ୍ରତ୍ୟେକ ନାଗରିକ ଦାବୀ ଏବଂ ସେଗୁଡିକ ତାର ଉନ୍ନତି ପାଇଁ ନିହାତି ଆବଶ୍ୟକ ଏବଂ ତାହା ମଧ୍ୟ ସମାଜ ଓ ରାଷ୍ଟ୍ରଦ୍ୱାରା ସ୍ୱୀକୃତ। ଗୋଟିଏ କର୍ତ୍ତବ୍ୟ ଜଣେ ଅନେକ ଗୁଡିଏ କାରଣପାଇଁ ପାଳନକରେ। ଯଥା ମାନସିକ ଓ ଆଇନାନୁମୋଦିତ ବାଧ୍ୟତା ପାଇଁ। ଅଧିକାର ଓ କର୍ତ୍ତବ୍ୟ ପରସ୍ପର ନିର୍ଭରଶୀଳ।
- ଯେତେବେଳେ ସମସ୍ତ ଅଧିକାର ସମାଜଦ୍ୱାରା ସ୍ୱୀକୃତ, କେତେକ ଅଧିକ ଗୁରୁତ୍ୱପୂର୍ଣ୍ଣ ଅଧିକାର ରାଷ୍ଟ୍ରଦ୍ୱାରା ସ୍ୱୀକୃତ ଓ ସମ୍ବିଧାନରେ ଲିପିବଦ୍ଧ। ସେହି ଅଧିକାର ଗୁଡିକୁ ମୌଳିକ ଅଧିକାର କୁହାଯାଏ।
- ସମ୍ବିଧାନ ୬ଟି ମୌଳିକ ଅଧିକାରର ପ୍ରତିଶୃତି ଭାରତର ନାଗରିକ ମାନଙ୍କୁ ପ୍ରଦାନ କରେ ଯଥା:
  (କ) ସମାନତାର ଅଧିକାର
  (ଖ) ସ୍ୱାଧୀନତା ଅଧିକାର
  (ଗ) ଶୋଷଣ ବିରୋଧୀ ଅଧିକାର
  (ଘ) ଧର୍ମୀୟ ସ୍ୱାଧୀନତା ଅଧିକାର
  (ଙ) ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର
  (ଚ) ସମ୍ବିଧାନ ପ୍ରତିକାର ଅଧିକାର।

  ଯଦିଓ ଏହି ମୌଳିକ ଅଧିକାର ଗୁଡିକ ସମସ୍ତପାଇଁ ଉଦ୍ଦିଷ୍ଟ, ସମ୍ବିଧାନ ସେଥିରେ କେତେକ ସ୍ୱାତନ୍ତ୍ର୍ୟ ଓ ନିୟନ୍ତ୍ରଣ ରଖିଛି।
- ଯୁକ୍ତରାଷ୍ଟ୍ର ଆମେରିକାର ସାଧାରଣ ସଭା ୧୯୪୮ ମସିହାରେ କେତେକ ପ୍ରକାରର ମାନବିକ ଅଧିକାର ଗ୍ରହଣକଲା ଓ ସେଗୁଡିକ ମାନବିକ ଅଧିକାରର ସର୍ବସାଧାରଣ ଘୋଷଣାରେ ମୌଳିକ ଅଧିକାରରେ ସ୍ଥାନ ପାଇଛି। ତେଣୁ ସେଗୁଡିକର କାର୍ଯ୍ୟକାରିତା ସରକାରର ଆଇନଗତ ଦାୟିତ୍ୱହୋଇ ପାରିଛି। ଯେଉଁ ମାନବିକ ଅଧିକାର ଗୁଡିକ ମୌଳିକ ଅଧିକାରରେ ସ୍ଥାନ ପାଇପାରି ନାହିଁ, ସେଗୁଡିକୁ ରାଷ୍ଟ୍ରନୀତି ନିର୍ଦ୍ଦେଶାବଳୀର ଅନ୍ତର୍ଭୁକ୍ତ କରାଯାଇଛି।
- ୧୯୭୬ ମସିହାରେ ସମ୍ବିଧାନର ୪୨ତମ ସଂଶୋଧନରେ ୧୦ଟି ମୌଳିକ କର୍ତ୍ତବ୍ୟ ସମ୍ବିଧାନର ୪ର୍ଥ ଅଧ୍ୟାୟର ଧାରା ୫୧ (କ) ଅଧିନରେ ଯୋଗ କରାଯାଇଛି। ମୌଳିକ ଅଧିକାର ଗୁଡିକ ଆଇନାନୁମୋଦିତ। କିନ୍ତୁ ମୌଳିକ କର୍ତ୍ତ୍ୟବ ଗୁଡିକ ଆଇନାନୁମୋଦିତ ନୁହେଁ। ଏହାର ଅର୍ଥ ଉଲଂଘନ କରାଗଲେ ଅର୍ଥାତ୍ ଏହି କର୍ତ୍ତବ୍ୟ ଗୁଡିକ କାର୍ଯ୍ୟକାରୀ କରାନଗଲେ, ତାହା ନ୍ୟାୟାଳୟ ଦ୍ୱାରା ଦଣ୍ଡନୀୟ ନୁହେଁ।

## ଅନ୍ତିମ ପ୍ରଶ୍ନାବଳୀ

୧. ମୌଳିକ ଅଧିକାରର ଆମ ନିତିଦିନିଆ ଜୀବନରେ ଗୁରୁତ୍ୱ କ'ଣ ବର୍ଣ୍ଣନା କର। କେଉଁ ମୌଳିକ ଅଧିକାର ତୁମ ଜୀବନରେ ଅଧିକ ଗୁରୁତ୍ୱପୂର୍ଣ୍ଣ ଓ କାହିଁକି ?

୨. ସମ୍ବିଧାନରେ ପ୍ରଦାନ କରାଯାଇଥିବା ୬ଟି ମୌଳିକ ଅଧିକାରର ନାମ ଲେଖ।

୩. ଶିକ୍ଷାଗତ ଅଧିକାର କିପରି ଭାରତରୁ ନିରକ୍ଷରତା ଦୂରକରିପାରିବ ? ବର୍ଣ୍ଣନା କର।

୪. ଧର୍ମୀୟ ସ୍ୱାଧୀନତାର ଅଧିକାରର ମୁଖ୍ୟ ବ୍ୟବସ୍ଥା ଗୁଡିକ ବର୍ଣ୍ଣନା କର।

୫. ସ୍ୱାଧୀନତାର ଅଧିକାର ଉପରେ ବସାଯାଇଥିବା ୩ଟି ନିୟନ୍ତ୍ରଣ ପ୍ରକାଶ କର। ତୁମ ମତରେ ଏହି ନିୟନ୍ତ୍ରଣ ଗୁଡିକ ଯୁକ୍ତିସଂଗତ ? ତୁମ ଉତ୍ତର ସପକ୍ଷରେ ଯୁକ୍ତି ଉପସ୍ଥାପନ କର।

୬. ତୁମେ ଏକମତ କି ମାନବିକ ଅଧିକାର ଗୁଡିକ ସମ୍ବିଧାନର ମୌଳିକ ଅଧିକାରରେ ପ୍ରତିଫଳିତ କରାଯାଇଛି ?

୭. କେଉଁ ମୌଳିକ କର୍ତ୍ତବ୍ୟ ଗୁଡିକ ସମ୍ବିଧାନରେ ଲିପିବଦ୍ଧ କରାଯାଇଛି ? ସେଥିରୁ କେଉଁଟିକୁ ତୁମେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ଭାବୁଛ ? କାହିଁକି ?

୮. ନିମ୍ନଲିଖିତ ବାକ୍ୟଗୁଡିକୁ ପଢ଼। ଠିକ୍‌ଗୁଡିକ ଚିହ୍ନଟକର ଓ ଭୁଲ ଗୁଡିକ ଆବଶ୍ୟକୀୟ ସଂଶୋଧନ କରି ଲେଖ।

(i) ସରକାରଙ୍କ ଠାରୁ ଅନୁମତି ନପାଇ ଜଣେ ବ୍ୟକ୍ତି ତାର ଧର୍ମ ପରିବର୍ତ୍ତନ କରିପାରିବ ନାହିଁ।

(ii) ପ୍ରତ୍ୟେକ ସରକାରୀ ବା ସରକାରୀ ସାହାଯ୍ୟ ପ୍ରାପ୍ତ ବିଦ୍ୟାଳୟ ଧାର୍ମିକ ନିର୍ଦ୍ଦେଶମାନ ଶିକ୍ଷାଦେଇ ପାରିବ।

(iii) ଘରୋଇ ସଂସ୍ଥାଦ୍ୱାରା ପରିଚାଳିତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଧାର୍ମିକ ଉପାସନାରେ ଭାଗନେବା ପାଇଁ ବାଧ୍ୟ କରାଯାଇ ପାରିବ ନାହିଁ।

(iv) ବହୁ ଧର୍ମୀୟ ଦେଶ ହୋଇଥିବାରୁ ଭାରତ ଯେ କୌଣସି ଧର୍ମପ୍ରତି ଯେ କୌଣସି ସୁବିଧା ଓ ସମର୍ଥନ ଦେଇପାରିବ।

(v) ସରକାର ଗୁରୁତ୍ୱପୂର୍ଣ୍ଣ ଧାର୍ମିକ ସ୍ଥାନର ପରିଚାଳନା ପାଇଁ ଟିକସ ବସାଇ ପାରିବ।

(vi) ଯେ କୌଣସି ସ୍ଥାନରେ ଧାର୍ମିକ ଉପାସନା ଗୃହ ନିର୍ମାଣ କରାଯାଇ ପାରିବ ଯଦିଓ ତାହା ଜାତୀୟ ଉନ୍ନତିମୂଳକ ଯୋଜନାକୁ ବାଧା ସୃଷ୍ଟି କରୁଥାଏ।

୯. 'କ' ସ୍ତମ୍ଭରେ ଥିବା ଅଧିକାର ସହିତ 'ଖ' ସ୍ତମ୍ଭରେ ଥିବା କର୍ତ୍ତବ୍ୟକୁ ଯୋଗକର।

| (କ) | (ଖ) |
|---|---|
| (କ) ସମ୍ବିଧାନ ଆମକୁ ମତବ୍ୟକ୍ତ କରିବାର ଅଧିକାର ଦେଇଛି। | (କ) ଏହା ଆମର କର୍ତ୍ତବ୍ୟ ଅନ୍ୟମାନେ ସେଗୁଡିକର ବ୍ୟବହାର ନିଷେଧ ନକରିବା |
| (ଖ) ଆସ ଇଛା ଅନୁସାରେ ଧର୍ମ ପାଳନ କରିବାକୁ ଆମର ଅଧିକାର ରହିଛି। | (ଖ) ଆମର କର୍ତ୍ତବ୍ୟ ନିୟମ ମାନିବା ଓ ଶୃଙ୍ଖଳା ରକ୍ଷା କରିବା |
| (ଗ) ଗୋଟିଏ ସର୍ବସାଧାରଣ ପାର୍କ କୂଅ, ପୋଖରୀ ବ୍ୟବହାର କରିବାରଅଧିକାର ଆମର ଅଛି। | (ଗ) ଆମମାନଙ୍କୁ ହତ୍ୟା ନକରିବା ବା କ୍ଷତବିକ୍ଷତ ନ କରିବା ଅନ୍ୟମାନଙ୍କର କର୍ତ୍ତବ୍ୟ |
| (ଘ) ଆମର ଜୀବନ ଧାରଣ କରିବାର ଅଧିକାର ଅଛି। | (ଘ)ଏହା ଆମର ଦାୟିତ୍ୱ ଅନ୍ୟମାନଙ୍କୁ ସେମାନଙ୍କର ଧର୍ମ ପାଳନ ପାଇଁ ଅନୁମତି ଦେବା। |
| (ଙ) ଆମର ଶିକ୍ଷା ପାଇବାର ଅଧିକାର ଅଛି। | (ଙ) ଅନ୍ୟର ମନୋଭାବ ପ୍ରତି ବାଧା ନ ଜଣାଇବାକୁ ଏହା ଆମକୁ ମନେ ପକାଇ ଦିଏ ଓ କହେ। |

## ପ୍ରକଳ୍ପ (Project)

ତୁମର ପଡୋଶୀ ଘର କିମ୍ବା ନିକଟବର୍ତ୍ତୀ ଯାଗା ଗୁଡିକ ପରୀକ୍ଷା କରିଦେଖ ଏବଂ ୩-୫ଜଣ ୧୪ବର୍ଷରୁ କମ୍ ବୟସର ପିଲାଙ୍କୁ ଚିହ୍ନଟକର ଯେଉଁମାନେ ଭିକାରୀ ବା ଛିଣ୍ଡା ଜିନିଷ ବାଛିବା ଆଦି ଛୋଟ କାମରେ କାର୍ଯ୍ୟ କରୁଛନ୍ତି। ସେମାନଙ୍କଠାରୁ ଜାଣିବାକୁ ଚେଷ୍ଟାକର କେଉଁ ଘଟଣା ସେମାନଙ୍କୁ ଏହିଭଳି ଅବସ୍ଥାରେ ପହଞ୍ଚିବାକୁ ବାଧ୍ୟକଲା। ତୁମର ପରୀକ୍ଷା ଓ ବୟସ୍କ ବ୍ୟକ୍ତି ଓ କେତେକ NGO ସହ ଆଲୋଚନାକୁ ଆଧାର କରି ନିମ୍ନ ସାରଣୀକୁ ପୂରଣ କର।

| କ୍ର.ନଂ. | ପିଲାର ନାମ | ଘଟଣା ଯାହା ତାକୁ ଏପରି କଠିନ ଅବସ୍ଥାକୁ ନେଇ ଆସିଲା | କେଉଁ ଉପାୟରେ ମୁଁ ତାକୁ ସାହାଯ୍ୟ କରିପାରିବି |
|---|---|---|---|
| | | | |
| | | | |
| | | | |
| | | | |
| | | | |

## ପାଠଗତ ପ୍ରଶ୍ନାବଳୀର ଉତ୍ତର

### ୧୬.୧

୧. ଅଧିକାର ହେଉଛି ଜଣେ ବ୍ୟକ୍ତିର ଦାବୀ ଯାହାକି ତା ନିଜର ଉନ୍ନତି ପାଇଁ ଏକାନ୍ତ ଆବଶ୍ୟକ ଓ ତାହା ସମାଜ ବା ରାଷ୍ଟ୍ରଦ୍ୱାରା ସ୍ୱୀକୃତ। କର୍ତ୍ତବ୍ୟ ହେଉଛି ଯାହା ଜଣେ କରିବାକୁ ଆଶାକରେ ଓ ଆବଶ୍ୟକ କରେ। ଅଧିକାର ଓ କର୍ତ୍ତବ୍ୟ ପରସ୍ପର ନିର୍ଭରଶୀଳ। ଜୀବନ ଅଧିକ ସହଜ ହୋଇପାରିବ ଯଦି ଅଧିକାର ଓ କର୍ତ୍ତବ୍ୟ ପରସ୍ପରକୁ ସହଯୋଗ କରିବେ। ଅଧିକାର ହେଉଛି ଯାହା ଅନ୍ୟମାନେ ଆମପାଇଁ କରିବାକୁ ଆମେ ଇଛାକରୁ ଅନ୍ୟପକ୍ଷରେ କର୍ତ୍ତବ୍ୟ ହେଉଛି ଯେଉଁ କାର୍ଯ୍ୟ ଆମେ ଅନ୍ୟମାନଙ୍କ ପାଇଁ କରୁ। ତେଣୁ ଅଧିକାର ଅନ୍ୟର ଅଧିକାରକୁ ସମ୍ମାନ ଦେଖାଇବାର ଶପଥ ନେଇ ଆସେ। ଯେଉଁ ଶପଥ ଅଧିକାର ସହ ମିଶି କରିଥାଏ ତାହା ହେଉଛି କର୍ତ୍ତବ୍ୟ।

୨. (i) କାରଣ ସଂରକ୍ଷଣ ବ୍ୟବସ୍ଥା କେବଳ ପରସ୍ପର ପାର୍ଥକ୍ୟ ଦୃଷ୍ଟିରୁ ହୁଏନାହିଁ।

(ii) କାରଣ ଆଇନ ଦୃଷ୍ଟିରେ ସମସ୍ତେ ସମାନ ଏବଂ ବ୍ୟକ୍ତି ମର୍ଯ୍ୟାଦା ସହିତ ଅନ୍ୟ କୌଣସି ଆଧାରରେ ପାର୍ଥକ୍ୟ କରାଯାଇ ପାରିବ ନାହିଁ।

(iii) କାରଣ କୌଣସି ପରିସ୍ଥିତିରେ ଧର୍ମ ନିଯୁକ୍ତିର ମୂଳ ଆଧାର କେବେ ହୋଇପାରିବ ନାହିଁ।

(iv) କାରଣ ଭାରତର ସମ୍ବିଧାନ ସମସ୍ତ ଉପାଧିକୁ ଉଚ୍ଛେଦ କରିଦେଇଛି। ତେଣୁ ମିଃସୋହାନ ସିଂହ। ରାଜବାହାଦୂର ଉପାଧି ବ୍ୟବହାର କରିପାରିବେ ନାହିଁ।

୩ (iii) ଦଳିତମାନେ ଗାଁର ନଳକୂପରୁ ଅନ୍ୟମାନଙ୍କ ସହ ପାଣି ନେଉଥିଲେ।

### ୧୬.୨

୧. (କ) ମତବ୍ୟକ୍ତ କରିବାର ସ୍ୱାଧୀନତା (ଖ) ଶାନ୍ତିପୂର୍ଣ୍ଣ ଭାବରେ ବିନା ଅସ୍ତ୍ରରେ ଏକତ୍ରିତ ହେବାର ସ୍ୱାଧୀନତା (ଗ) ସମାଜ ଓ ସଂଘ ଗଠନ କରିବାର ସ୍ୱାଧୀନତା (ଘ) ସ୍ୱାଧୀନ ଭାବରେ ଭାରତର ଚାରିଆଡେ ଭ୍ରମଣ କରିବାର ସ୍ୱାଧୀନତା (ଙ) ଭାରତର ଯେ କୌଣସି ସ୍ଥାନରେ ବସବାସ କରିବାର ସ୍ୱାଧୀନତା (ଚ) ଯେ କୌଣସି ବୃତ୍ତି, ବାଣିଜ୍ୟ, ବ୍ୟବସାୟ କରିବାର ସ୍ୱାଧୀନତା।

୨. (i) ଭାରତର ଚାରିଆଡେ ସ୍ୱାଧୀନଭାବେ ଭ୍ରମଣ କରିବା

(ii) ସମାଜ ଓ ସଂଗଠନ କରିବାର ସ୍ୱାଧୀନତା

(iii) ଭାରତର ଯେ କୌଣସି ଅଂଶରେ ବାସ କରିବାର ଅଧିକାର

(iv) ଯେ କୌଣସି ବୃତ୍ତି, ବାଣିଜ୍ୟ ଓ ବ୍ୟବସାୟ ଅବଲମ୍ବନ କରିବାର ସ୍ୱାଧୀନତା

(v) ଶାନ୍ତିପୂର୍ଣ୍ଣ ଭାବରେ ବିନା ଅସ୍ତ୍ର ଶସ୍ତ୍ରରେ ଏକତ୍ରିତ ହେବାର ସ୍ୱାଧୀନତା

୩. ଧାରା ୨୦, ଧାରା ୨୧, ଧାରା ୨୨

**୧୬.୩.**

୧. ପ୍ରଥାନୁସାରେ ଭାରତୀୟ ସମାଜରେ ବିଭିନ୍ନ ସ୍ତର ରହିଛି ଯାହାକି ଶୋଷଣକୁ ଉତ୍ସାହିତ କରିଥାଏ। ସେଥିପାଇଁ ସମ୍ବିଧାନ ପ୍ରଣେତାମାନେ ଶୋଷଣ ବିରୋଧରେ ବ୍ୟବସ୍ଥା ଗ୍ରହଣ କଲେ।

୨. (କ) ବେଗାର

(ଖ) ମନୁଷ୍ୟ କ୍ରୟ ବିକ୍ରୟ

୩. ତୁମ ନିଜର ଅନୁଭୂତି ଉପରେ ନିର୍ଭରକରି ପ୍ରକୃତ ଅବସ୍ଥା ଉପସ୍ଥାପନ କର, ଯେପରିକି ଗୋଟିଏ ୧୦ ବର୍ଷର ପିଲା ଗୋଟିଏ ଚା ଦୋକାନରେ କାମ କରୁଛି।

**୧୬.୪**

୧. ଧାରା ୨୯-୩୦ରେ ଦୁଇଟି ମୁଖ୍ୟ ବ୍ୟବସ୍ଥା କରାଯାଇଛି। ସଂଖ୍ୟାଲଘୁ ମାନଙ୍କର ସ୍ୱାର୍ଥର ସୁରକ୍ଷା ଏବଂ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଓ ପରିଚାଳନା କରିବାପାଇଁ ସଂଖ୍ୟାଲଘୁଙ୍କ ଅଧିକାର।

୨. ଯେ କୌଣସି ସଂଖ୍ୟାଲଘୁ ଯାହାର ନିଜର ଭାଷା, ବର୍ଣ୍ଣମାଳା କିମ୍ବା ସଂସ୍କୃତି ରହିଛି ସେମାନଙ୍କର ତାହା ରକ୍ଷା କରିବାର ଅଧିକାର ଅଛି।

୩. (ଘ) ସଂଖ୍ୟାଲଘୁ ବିଦ୍ୟାଳୟ ସଂଖ୍ୟାଗରିଷ୍ଠ ସଂପ୍ରଦାୟର ପିଲାମାନଙ୍କୁ ନାମ ଲେଖାଇବ।

୪. ମୌଳିକ ଅଧିକାରର ବଳତ୍କାର ପ୍ରବେଶ ବା ଉଲଂଘନ ଆମ ନିତିଦିନିଆ ଜୀବନରେ ଗୋଟିଏ ବଡ ଚିନ୍ତାର ବିଷୟ। ଯେଉଁଥିପାଇଁ ଆମର ସମ୍ବିଧାନ ଆଇନ ପ୍ରଣୟନ ଓ କାର୍ଯ୍ୟ ନିର୍ବାହୀକୁ ଏହି ଅଧିକାରକୁ ପରିବର୍ତ୍ତନର ଅଧିକାର ପ୍ରଦାନ କରିନାହିଁ। ଏହା ମୌଳିକ ଅଧିକାର ସୁରକ୍ଷା ପାଇଁ ଆଇନଗତ ପ୍ରତିକାରର ବ୍ୟବସ୍ଥା କରିଛି। ଏହାକୁ ସାମ୍ବିଧାନିକ ପ୍ରତିକାର ଅଧିକାର କୁହାଯାଏ।

**୧୬.୫**

୧. ଯୁକ୍ତରାଷ୍ଟ୍ର ଆମେରିକାର ସାଧାରଣ ସଭା ୧୯୪୮ ମସିହାରେ ମାନବିକ ଅଧିକାରକୁ ଗ୍ରହଣ କଲା ଓ ସେଗୁଡିକ ସାଧାରଣ ମାନବିକ ଅଧିକାର ଘୋଷଣା ନାମାରେ ସଂରକ୍ଷିତ କଲା।

୨. ସମାନତାର ଅଧିକାର, ସ୍ୱାଧୀନତାର ଅଧିକାର, ଧାର୍ମିକ ସ୍ୱାଧୀନତାର ଅଧିକାର ଏବଂ ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର

୩. (କ) ଜଙ୍ଗଲ, ହ୍ରଦ, ନଦୀ ଓ ବନ୍ୟଜନ୍ତୁ ପ୍ରଭୃତି ପ୍ରାକୃତିକ ପରିବେଶକୁ ସୁରକ୍ଷାଦେବା ଓ ଉନ୍ନତି କରିବା ଏବଂ ଜୀବନ୍ତ ପ୍ରାଣୀମାନଙ୍କ ପ୍ରତି ସହାନୁଭୂତିଶୀଳ ହେବା

(ଖ) ଆମ ସଂସ୍କୃତିର ଉନ୍ନତ ଐତିହ୍ୟକୁ ମୂଲ୍ୟାୟନ କରିବା ସହ ସୁରକ୍ଷା ଦେବା।

(ଗ) ସଂବିଧାନକୁ ମାନିବା ଓ ଏହାର ଚିନ୍ତାଧାରା ଓ ଅନୁଷ୍ଠାନ, ଜାତୀୟ ପତାକା ଓ ଜାତୀୟ ସଂଗୀତକୁ ସମ୍ମାନ ପ୍ରଦର୍ଶନ କରିବା।

(ଘ) ଆବଶ୍ୟକତା ସମୟରେ ଦେଶର ସୁରକ୍ଷା କରିବା ଓ ଜାତୀୟ ସେବା କାର୍ଯ୍ୟ କରିବା।

(ଙ) ଧର୍ମ, ଭାଷା, ଅଞ୍ଚଳ କିମ୍ବା ଗୋଷ୍ଠୀଗତ ବିଭେଦ ସତ୍ତ୍ୱେ ଭାରତର ସବୁ ଲୋକଙ୍କ ମଧ୍ୟରେ ସୁସଂପର୍କ ଓ ସାଧାରଣ ଭାତୃତ୍ୱ ଚିନ୍ତାଧାରା ଉଦ୍ରେକ କରିବା। ମହିଳାମାନଙ୍କ ସମ୍ମାନ କ୍ଷୁର୍ଣ୍ଣ ହେଲାଭଳି ଅସମ୍ମାନ ଜନକ କାର୍ଯ୍ୟ ତ୍ୟାଗ କରିବା।

୪. (କ) ସଂବିଧାନକୁ ମାନିବା ଓ ଏହାର ଚିନ୍ତାଧାରା, ଅନୁଷ୍ଠାନ, ଜାତୀୟ ପତାକା ଓ ଜାତୀୟ ସଂଗୀତ ପ୍ରତି ସମ୍ମାନ ପ୍ରଦର୍ଶନ କରିବା।

(ଖ) ଭାରତର ସାର୍ବଭୌମତ୍ୱ, ଏକତା ଓ ଅଖଣ୍ଡତାକୁ ସୁରକ୍ଷିତ ରଖିବା।

(ଗ) ଧର୍ମ,ଭାଷା, ଅଞ୍ଚଳ କିମ୍ବା ଗୋଷ୍ଠୀଗତ ବିଭେଦ ସତ୍ତ୍ୱେ ଭାରତର ସବୁ ଲୋକଙ୍କ ମଧ୍ୟରେ ସୁସଂପର୍କ ଓ ସାଧାରଣ ଭ୍ରାତୃତ୍ୱଭାବର ଚିନ୍ତାଧାରା ଉଦ୍ରେକ କରିବା। ମହିଳାମାନଙ୍କ ସମ୍ମାନ କ୍ଷୁର୍ଣ୍ଣ ହେଲାଭଳି ଅସମ୍ମାନ ଜନକ କାର୍ଯ୍ୟ ତ୍ୟାଗ କରିବା।

(ଘ) ଜଙ୍ଗଲ, ହ୍ରଦ, ନଦୀ ଓ ବନ୍ୟଜନ୍ତୁ ପ୍ରଭୃତି ପ୍ରାକୃତିକ ପରିବେଶକୁ ସୁରକ୍ଷା ଦେବା ଓ ଉନ୍ନତି କରିବା ଏବଂ ଜୀବନ୍ତ ପ୍ରାଣୀମାନଙ୍କ ପ୍ରତି ସହାନୁଭୂତିଶୀଳ ହେବା।

ଏହି କର୍ତ୍ତବ୍ୟ ଗୁଡିକ ସମ୍ବିଧାନର କେନ୍ଦ୍ରୀୟ ଚିନ୍ତାଧାରା ଓ ଭାରତୀୟ ରାଜନୈତିକ ବ୍ୟବସ୍ଥା ଯେଉଁ ଲକ୍ଷ୍ୟ ହାସଲ କରିବାକୁ ଚେଷ୍ଟାକରେ ତା ଉପରେ ଦୃଷ୍ଟି ନିବଦ୍ଧ କରେ।